


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-40 ◆SUNDAY ◆3 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୪୦ ◆ରବିବାର ◆୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ଆଖିବୁଜିଲେ ବଳଙ୍ଗା ପୀଡ଼ିତା

## ଶୋକ ବ୍ୟକ୍ତ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା

## ପରିବାରକୁ ନ୍ୟାୟ ଦାବି କଲେ ବିରୋଧୀ

## ଦିଲ୍ଲୀ ଏମ୍ସରେ ପରିବାରକୁ ସମବେଦନା ଜଣାଇଲେ ବିଜେଡି ସଂସଦୀୟ ପ୍ରତିନିଧି ଦଳ

## ଅପରାଧୀ ଧରା ନ ପଡ଼ିଲେ ରାଜରାସ୍ତା ଘେରଉ କରିବ କଂଗ୍ରେସ: ଭକ୍ତ



■ **ଭୁବନେଶ୍ୱର/ବଳଙ୍ଗା, ୨।୮ (ସମିସ):** ନିର୍ଯାତନା ନିଆଁରେ ଆଖି ବୁଜିଲେ ରାଜ୍ୟର ଆଉ ଜଣେ ପୀଡ଼ିତା। ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଧୀନ ନୂଆ ଗୋପାଳପୁର ଗ୍ରାମର ନାବାଳିକା ଶନିବାର ସନ୍ଧ୍ୟା ୬ଟା ୨୨ମିନିଟ୍‌ରେ ପ୍ରାଣ ହରାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ନାରୀ ନିର୍ଯାତନାର କ୍ରୂର ଫାଶରେ ପଡ଼ି ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମାଶ୍ରୀଙ୍କ ଆତ୍ମଦାହ ପରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲଗାଇଦେଇଛି। ସବୁଠୁ ବିଡ଼ମ୍ବନାର ବିଷୟ ହେଉଛି, ୬ ମାସ ଧରି ମନ୍ତ୍ରୀ, ସାଂସଦ, ବିଧାୟକ, ପୁଲିସ, କଲେଜ କର୍ତ୍ତୃପକ୍ଷଙ୍କୁ ନ୍ୟାୟ ଭିକ୍ଷାରେ ବିଫଳ ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ କଲେ। ଏହି ଘଟଣାରେ ସରକାରଙ୍କ ନାରୀ ସୁରକ୍ଷା ନୀତିକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ବନ୍ଧୁ ଘରକୁ ବୁଲି ଯାଉଥିବା ବଳଙ୍ଗାର ଏହି ନାବାଳିକାକୁ କିଛି ଦୁର୍ବୃତ୍ତ କିରାସିନି ଢାଳି ପୋଡ଼ିଦେବାକୁ ଉଦ୍ୟମ କଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ନାବାଳିକାକୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ରାଜ୍ୟ ସରକାର ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କଲେ। ତେବେ ସମସ୍ତ ଉଦ୍ୟମ ସତ୍ତ୍ୱେ ଆଜି ସନ୍ଧ୍ୟାରେ ସେ ଜୀବନ ଓ ନ୍ୟାୟଯୁଦ୍ଧରେ ହାରିଯାଇଛନ୍ତି। ଏହି ଘଟଣାକୁ ନେଇ ▶ପୃଷ୍ଠା-୭

## ଅନ୍ଧାରରେ ତଦନ୍ତ, ଅଦୃଶ୍ୟରେ ଅପରାଧୀ

■ **ପୁରୀ, ୨।୮ (ସମିସ):** ଦୀର୍ଘ ୧୫ ଦିନ ଧରି ଜୀବନ ମରଣ ସହ ଯୁଝି ହେଉଥିବା ବଳଙ୍ଗା ପୀଡ଼ିତା ଶେଷରେ ହାରି ଯାଇଛନ୍ତି। ଶନିବାର ସନ୍ଧ୍ୟାରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତଦନ୍ତରୁ କିଛି ନିଷ୍କର୍ଷ ବାହାରି ନ ଥିବାବେଳେ ପୀଡ଼ିତା ଆଖି ବୁଜି ଦେଇଛନ୍ତି। ଏବେ ତଦନ୍ତ କୁଆଡ଼େ ଯିବ ତାହା ବଡ଼ ପ୍ରଶ୍ନ? ପୀଡ଼ିତାଙ୍କଠାରୁ ୪ ଥର ବୟାନ ରେକର୍ଡ ପରେ ବି ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ୧୫ ଦିନ ମଧ୍ୟରେ ଏହି ଜଘନ୍ୟ କାଣ୍ଡ ଉପରୁ ପରଦା ହଟାଇପାରି ନାହାଁନ୍ତି। ଘଟଣାର ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ସକ୍ଷମ ହୋଇନାହାନ୍ତି। ଏହି ରହସ୍ୟମୟ ଘଟଣାର ସବୁଠୁ ବଳିଷ୍ଠ ପ୍ରତ୍ୟକ୍ଷଦର୍ଶୀ ନିଜେ ପୀଡ଼ିତା ହିଁ ଥିଲେ। ହେଲେ ତାଙ୍କ ବୟାନକୁ ନେଇ ନାନା ପ୍ରକାର ଚର୍ଚ୍ଚା ଆଲୋଚନା ହୋଇଛି। ପୀଡ଼ିତାଙ୍କ ବୟାନରେ ତାଳମେଳ ରହୁ ନ ଥିବା ଖବର ଲୋକମୁଖରେ ପ୍ରଚାରିତ ହୋଇଛି। ତେଣୁ କ'ଣ ପାଇଁ ଜଣେ ନାବାଳିକାଙ୍କୁ ଜିଅନ୍ତା ପୋଡ଼ି ମାରିଦେବାକୁ ହୋଇଥିଲା ଉଦ୍ୟମ ତାହା ରହସ୍ୟରେ ହିଁ ରହିଯିବ ବୋଲି ଚର୍ଚ୍ଚା ହେଉଛି।

**ପୋଡ଼ିରେ କାହାରି ସମ୍ପୃକ୍ତି ନାହିଁ: ପୁଲିସ**

**ତଦନ୍ତର ଦିଗ କୁଆଡ଼େ ଯିବ ?**

ଗତ ଜୁଲାଇ ୧୯ ତାରିଖରେ ବଳଙ୍ଗାରେ ନାବାଳିକାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଯେଉଁଠି ଥିଲେ ବି ଖୋଜି ଧରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କହିଥିଲେ, ଅପରାଧୀଙ୍କୁ ଖୋଜି ବାହାର କରିବୁ, କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯିବ। ଘଟଣାଦିନ ବଳଙ୍ଗାର ନୂଆ ଗୋପାଳପୁରରେ ପୁରୀ ଏସ୍‌ପି ପିନାକ ମିଶ୍ର ଏବଂ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ପହଞ୍ଚି ତଦନ୍ତ କରିଥିଲେ। ୧୯ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ମନୋରଞ୍ଜନ ସାହୁଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଥିଲା। ବିଏନ୍‌ଏସ୍‌ଏସ୍ ଧାରା-୧୮୦ ଅନୁଯାୟୀ ବୟାନ ରେକର୍ଡ କରାଯାଇଥିଲା। ଏହି ସମୟରେ ପୀଡ଼ିତାଙ୍କ ପରିବାର ଲୋକେ, ଡାକ୍ତର, ବଳଙ୍ଗା ପୁଲିସ ଓ ଖଣ୍ଡଗିରି ଥାନା ପୁଲିସ ଉପସ୍ଥିତ ଥିଲେ।

୨୦ ତାରିଖରେ ବଳଙ୍ଗା ପୀଡ଼ିତାଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ସେହିପରି ବଳଙ୍ଗା ଗସ୍ତ କରିଥିଲେ ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ଡିଜି ଘଟଣାସ୍ଥଳ ପରିଦର୍ଶନ ପରେ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ▶ପୃଷ୍ଠା-୭

## ୭୫ ବର୍ଷରେ ଏନ୍‌ଡିଏରେ ପ୍ରଥମ ଓଡ଼ିଆ ଝିଅ

## ସାବାସ୍ ଶ୍ରାବଣୀ



■ **ଭୁବନେଶ୍ୱର, ୨।୮ (ଏଜେନ୍ସି):** ଶ୍ରାବଣୀ ଦାସ ପ୍ରଥମ ଓଡ଼ିଆ ବାଳିକା ଭାବେ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ସେ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀ। ସେ ସଶସ୍ତ୍ର ସୀମା ବଳ ପାଇଁ ଏସ୍‌ଏସ୍‌ବି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଡିଏଭି ପବ୍ଲିକ ସ୍କୁଲ ସମେତ ସାରା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି।

## ଅନିଶ୍ଚିତତାରେ ମହାନଦୀ ଜଳ ବିବାଦ

# ସଂଶୟ ବଢ଼ାଇଲା ସାଏଙ୍କ ମନ୍ତବ୍ୟ

## ଆପୋସ ସମାଧାନ ପାଇଁ ଚିଠି ଲେଖିଥିଲେ ମୋହନ

■ **ଭୁବନେଶ୍ୱର, ୨।୮ (ସମିସ):** ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ଏବେ ଅନିଶ୍ଚିତତା ଘେରକୁ ଠେଲି ହୋଇଯାଇଛି। ଏହି ଜଳବିବାଦର ଆପୋସ ସମାଧାନ ପାଇଁ ଛତିଶଗଡ଼ ସହ ଆଲୋଚନା ଜାରି ରହିଛି ବୋଲି ବାରମ୍ବାର ଦାବି କରୁଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯାଏଁ ଗଣମାଧ୍ୟମକୁ ଏନେଇ ପ୍ରତିକ୍ରିୟା ମଧ୍ୟ ପ୍ରଦାନ କରିଛନ୍ତି। ମାତ୍ର ବିଭିନ୍ନ ମହଲର ଦୃଢ଼ ଦାବି ସତ୍ତ୍ୱେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନାର ରୂପରେଖ କୌଣସି ଚିତ୍ର ସ୍ପଷ୍ଟ ହେଉନାହିଁ। ଏନେଇ ରାଜ୍ୟ ସରକାର ମଧ୍ୟ ମୁହଁ ଖୋଲୁନାହାନ୍ତି। ଯାହାକୁ ନେଇ ସାଧାରଣରେ ସଂଶୟ ବଢ଼ୁଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏକ ଚିଠିର ପ୍ରତ୍ୟୁତ୍ତରରେ ଛତିଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ଚିଠି ଏହି ସଂଶୟକୁ ଦ୍ୱିଗୁଣିତ କରିଛି। ଶ୍ରୀ ମାଝୀଙ୍କୁ ଲେଖିଥିବା ଚିଠିରେ ଶ୍ରୀ ସାଏ ଉଲ୍ଲେଖ କରିଛନ୍ତି ଯେ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ଗତ ୨୫ ତାରିଖରେ ଆପଣଙ୍କ ଚିଠିରେ ଉଲ୍ଲେଖଥିବା ପ୍ରସ୍ତାବ ମୋର ଅବଗତ ହୋଇଛି। ଏହା ବର୍ତ୍ତମାନ ବିଚାରାଧୀନ ରହିଛି ବୋଲି ଶ୍ରୀ ସାଏ କହିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଏପରି ପ୍ରତ୍ୟୁତ୍ତରକୁ ନେଇ ବିଶେଷଜ୍ଞ ମହଲ ମାଳମାଳ



**ଓଡ଼ିଶାର ପ୍ରସ୍ତାବକୁ ବିଚାର କରୁଛୁ: ଛତିଶଗଡ଼**

**ବିଶେଷଜ୍ଞ ମହଲର ଦାବି, ଆଲୋଚନାକୁ ସାର୍ବଜନୀନ କରନ୍ତୁ ସରକାର**

**ଚିଠିରେ ଆପୋସ ସମାଧାନ ହୁଏନି: କଂଗ୍ରେସ**

**ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବିକଲେ ବିରୋଧୀ**

ପ୍ରଶ୍ନ ବାଢ଼ିଛନ୍ତି। ରାଜ୍ୟ ସରକାର ବିବାଦର ସମାଧାନ ପାଇଁ ଛତିଶଗଡ଼ ସହ କେଉଁ ପ୍ରକାର ଆଲୋଚନା କରୁଛନ୍ତି, ତାହା ସ୍ପଷ୍ଟ କରନ୍ତୁ। ମହାନଦୀ ଓଡ଼ିଶାର ଜୀବନରେଖା ଅଟେ। ତେଣୁ ଓଡ଼ିଶାର ଏହି ବୃହତ୍ତର ସ୍ୱାର୍ଥ ସହ କୌଣସି ▶ପୃଷ୍ଠା-୭

## ସେପ୍ଟେମ୍ବର ୬କୁ ଘୁଞ୍ଚିଲା ଶୁଣାଣି

■ **ଭୁବନେଶ୍ୱର, ୨।୮ (ସମିସ):** ମହାନଦୀ ମାମଲାର ଶୁଣାଣି ସେପ୍ଟେମ୍ବର ୬ ତାରିଖକୁ ଘୁଞ୍ଚିଛି। ଶନିବାର ଟ୍ରିବ୍ୟୁନାଲରେ ଶୁଣାଣିରେ ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ସରକାରଙ୍କ ପକ୍ଷରୁ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ରାଜ୍ୟରେ ପ୍ରଶାସନିକ ତଥା ରାଜନୈତିକ ସ୍ତରରେ ଆପୋସ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଥିଲେ। ତେଣୁ ତାଙ୍କ ଅନୁରୋଧକ୍ରମେ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ୬ ତାରିଖକୁ ଧାର୍ଯ୍ୟ କରିଛନ୍ତି ଟ୍ରିବ୍ୟୁନାଲ।

ଗଣମାଧ୍ୟମକୁ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ଆପୋସ ସମାଧାନ ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ନିଆଯାଉଛି। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ହୋଇଥିବା ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତି, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟୁତ୍ତର ସମ୍ପର୍କରେ ଆମେ ▶ପୃଷ୍ଠା-୭

## ପୁଣି ଝୁଲିଲା ନିଗମ, ବୋର୍ଡ ନିଯୁକ୍ତି

**ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ ପରେ ଓଡ଼ିଶା ବିଜେପି ଟିମ୍: ମନମୋହନ**

■ **ଭୁବନେଶ୍ୱର, ୨।୮ (ସମିସ):** ଗୋଟିଏ ପଟେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବିଳମ୍ବିତ ହେବାରେ ଲାଗିଥିବା ବେଳେ ବିଜେପିର ରାଜ୍ୟ ସଂଗଠନ ପୁନର୍ବିନ୍ୟାସ ଏବଂ ନିଗମ ଓ ବୋର୍ଡ ନିଯୁକ୍ତିରେ ମଧ୍ୟ ବିଳମ୍ବ ଘଟିପାରେ। ଶନିବାର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏନେଇ ସୂଚନା ଦେଇଛନ୍ତି। ଶ୍ରୀ ସାମଲ କହିଛନ୍ତି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ଦଳର ସାମ୍ବିଧାନିକ ବ୍ୟବସ୍ଥା ଅଟେ। ତେବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ କେବେ ସରିବ, ସେନେଇ କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ। ସେହିଭଳି ନିଗମ ଓ ବୋର୍ଡ ନେଇ ଆମେ ବସି ନିଷ୍ପତ୍ତି ନେବୁ ବୋଲି ମନମୋହନ ଗଣମାଧ୍ୟମକୁ କହିଛନ୍ତି।

ସୂଚନାଯୋଗ୍ୟ ଯେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ମାସ ଧରି ଚର୍ଚ୍ଚା ଆଲୋଚନା ଜାରି ରହିଥିଲେ ମଧ୍ୟ ଏହା ସାକାର ହୋଇପାରୁ ନାହିଁ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ବାର ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ବରିଷ୍ଠ ନେତୃବୃନ୍ଦଙ୍କୁ ଭେଟି ସାରିଛନ୍ତି। ଏହି ଭେଟଘାଟ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଆଲୋଚନା ହୋଇଥିବା ଦାବି କରାଯାଇଥିଲେ ମଧ୍ୟ ଏଯାବତ୍ ସମ୍ପ୍ରସାରଣକୁ ବାସ୍ତବତାର ରୂପ ଦିଆଯାଇ ପାରୁନାହିଁ। ତେବେ ପୁନର୍ବାର ବିଜେପି ସଭାପତି ଭାବେ ନିର୍ବାଚିତ ହେବାପରେ ରାଜ୍ୟରେ ଖୁବଶୀଘ୍ର ସାଂଗଠନିକ ▶ପୃଷ୍ଠା-୭

## ମୁଣ୍ଡ-ଗଣ୍ଡି ଅଲଗା କରିଦେଲା ହାତୀ

■ **ହିନ୍ଦୋଳ, ୨।୮ (ସମିସ):** ହାତୀ ଆକ୍ରମଣରେ ହିନ୍ଦୋଳ ଉପଖଣ୍ଡରେ ଶୁକ୍ରବାର ପୁଣି ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ମହାଲୁଣ୍ଡା ପଞ୍ଚାୟତ ଟାଙ୍ଗିଶାଳ ଗ୍ରାମର ଚାଷୀ ସୁଧାକର ସାମଲ (୫୮)। ଶୁକ୍ରବାର ଅପରାହ୍ଣରେ ସୁଧାକର କାମ କରିବାକୁ ବିଲକୁ ଯାଇଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀ ସୁଧାକରଙ୍କ ମୁଣ୍ଡ ଓ ଗଣ୍ଡିକୁ ଅଲଗା କରିଦେଇଥିଲା। ଅନ୍ୟପଟେ ଗୁରୁବାର ହାତୀ ଆକ୍ରମଣରେ ହିନ୍ଦୋଳ ବ୍ଲକ୍ ବଘଧରିଆ ଗ୍ରାମର ତିନିଜଣଙ୍କ ମୃତ୍ୟୁ ହୋଇଥିଲା। ଦୁଇଦିନ ମଧ୍ୟରେ ହାତୀ ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ହିନ୍ଦୋଳ

**୨ ଦିନରେ ୪ ଜଣଙ୍କ ମୃତ୍ୟୁ**

ଉପଖଣ୍ଡରେ ହାତୀ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଗୋଠଛଡ଼ା ଦନ୍ତାର ଉତ୍ପାତ ଯୋଗୁଁ ଅଞ୍ଚଳବାସୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ହାତୀ ଆକ୍ରମଣରେ ମୃତ୍ୟୁସଂଖ୍ୟା ମଧ୍ୟ ଦିନକୁ ଦିନ ▶ପୃଷ୍ଠା-୭



## ଗଳାବାଟ ପାଲଟିଛି ଭୁବନେଶ୍ୱର ବିମାନବନ୍ଦର

# ପୁଣି ୮ କୋଟିର ବିଦେଶୀ ଗଞ୍ଜେଇ ଜବତ

■ **ଭୁବନେଶ୍ୱର, ୨।୮ (ସମିସ):** ଭୁବନେଶ୍ୱର ବିମାନ ବନ୍ଦର ପାଲଟିଛି ନିଶା ମାଫିଆଙ୍କ ଗଳାବାଟ। ସେମାନେ ବ୍ୟାଙ୍କକ୍‌ରୁ ବିଦେଶୀ ଗଞ୍ଜେଇ (ମାରିଜୁଆନା)କୁ ଭୁବନେଶ୍ୱର ଚାଲାଣ କରୁଛନ୍ତି। ଦୁଇ ଦିନ ତଳେ ବିମାନ ବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ କରାଯାଇଥିବା ବେଳେ ୩ଜଣ ଯାତ୍ରୀଙ୍କୁ ଗିରଫ କରାଯାଇଥିଲା। ହେଲେ ଆଜି ପୁଣି ବିମାନ ବନ୍ଦରରୁ ଧରାପଡ଼ିଲା ବିଦେଶୀ ଗଞ୍ଜେଇ ବା ମାରିଜୁଆନା। ଥାଇଲାଣ୍ଡରୁ ଭୁବନେଶ୍ୱର ଆସୁଥିବାବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଆଜି ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ ଜବତ ହୋଇଛି। ଥାଇଲାଣ୍ଡରୁ ଇଣ୍ଡିଗୋ ଫ୍ଲାଇଟରେ ଆସୁଥିବା ବେଳେ ଧରିଲା ଡିଆରଆଇ ବିଭାଗ। ଏହାକୁ ଚାଲାଣ କରୁଥିବା ଅହମଦାବାଦର ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ସେ ପୂର୍ବରୁ ଏକାଧିକ ବାର ଏଭଳି ମାରିଜୁଆନା ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଯାତ୍ରୀ ଜଣଙ୍କ ଚକୋଲେଟ୍




**ଅହମଦାବାଦର ଯାତ୍ରୀଙ୍କୁ ଗିରଫ କଲା କଷ୍ଟମ ବିଭାଗ**

ଜରି ଭିତରେ ପ୍ୟାକ୍ କରି ବିମାନରେ ଭୁବନେଶ୍ୱର ପହଞ୍ଚିଥିଲେ। ହେଲେ ଗୁଇନ୍ଦା ଖବର ଆଧାରରେ ଯାତ୍ରୀଙ୍କୁ କଷ୍ଟମ ବିଭାଗ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ୮ କେଜିର ଏହି ବିଦେଶୀ ନିଶା ମାରିଜୁଆନା ଜବତ କରାଯାଇଥିଲା। ଗିରଫ ଯାତ୍ରୀ ଜଣଙ୍କ ▶ପୃଷ୍ଠା-୭

**ଟ୍ରମ୍ପଙ୍କ ମୁଖା ଖୋଲିଲା ଅର୍ଥ ବିଭାଗର ତଥ୍ୟ**

# କମୁଛି ନିଯୁକ୍ତି, ବଢୁଛି ଦରଦାମ୍

■ **ୱାଶିଂଟନ, ୨।୮ (ଏଜେନ୍ସି):** ଶୁଳ୍କ ଧମକ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଆର୍ଥିକ ଅସ୍ଥିରତା ସୃଷ୍ଟି କରିଛନ୍ତି। ସେ କାହା କଥା ଶୁଣୁ ନାହାନ୍ତି। ବିଶେଷଜ୍ଞଙ୍କ ଚେତାବନୀ ମଧ୍ୟ ମାନୁନାହାନ୍ତି। ଫଳରେ ଆମେରିକା ଅର୍ଥନୀତି ଏବେ ମାନ୍ଦାବସ୍ଥା ମୁହାଁ ହୋଇଛି। ବିପୁଳ ଋଣ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଙ୍କଟକୁ ବଢ଼ାଇ ଦେଇଛି। ତେଣୁ ସେ ଏଥିରୁ ବର୍ତ୍ତିବା ପାଇଁ ଅନ୍ୟ ଦେଶ ଉପରେ ଶୁଳ୍କ ବଢ଼ାଉଛନ୍ତି ବୋଲି କୁହାଯାଉଛି। ଏହାର ପ୍ରଭାବ ମଧ୍ୟ ଭାରତ ଉପରେ ପଡ଼ିବ। ଅନେକ ଭାରତୀୟ ଆମେରିକାର ଆଇଟି, ଫାର୍ମା ସହିତ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଛନ୍ତି। ଭାରତୀୟ କମ୍ପାନୀ ମଧ୍ୟ ଠିକାରେ ଆମେରିକା କମ୍ପାନୀଠାରୁ କାମ ଆଣୁଛନ୍ତି। ଟ୍ରମ୍ପ ପୂର୍ବରୁ ଭାରତୀୟଙ୍କୁ କାମ ନ ନେବା ପାଇଁ ଆମେରିକୀୟ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି ସ୍ଥଳେ ଭାରତୀୟଙ୍କୁ ଚାକିରିରୁ ବିଦା କଲେ ଭାରତର ଅର୍ଥନୀତି ପ୍ରଭାବିତ ହେବ। ଭାରତୀୟ କମ୍ପାନୀଙ୍କୁ ଠିକା ନ ମିଳିଲେ ଅର୍ଥନୀତି ମନ୍ଥର ହୋଇଯିବାର ସମ୍ଭାବନା ରହିଛି।



**ନିଯୁକ୍ତି ନେଇ ଭାରତୀୟଙ୍କ ଉପରେ ପଡ଼ିବ ପ୍ରଭାବ**

**ଛଟେଇ ନିର୍ଦ୍ଦେଶ ଦେଇପାରନ୍ତି ଆମେରିକା ରାଷ୍ଟ୍ରପତି**

**ବିଶେଷଜ୍ଞଙ୍କ ଚେତାବନୀକୁ ଉପେକ୍ଷା କରୁଛନ୍ତି ଟ୍ରମ୍ପ**

**ରାଜନୈତିକ ବିବାଦ ସୃଷ୍ଟି ହେବା ଆଶଙ୍କା**

ଅନ୍ୟପକ୍ଷରେ ନିଜର ଦାୟିତ୍ୱହୀନ ନୀତି ପାଇଁ ଟ୍ରମ୍ପ ଆମେରିକୀୟଙ୍କ ସଙ୍କଟ ବଢ଼ାଉଛନ୍ତି। ତାଙ୍କ ପାଇଁ ଲୋକଙ୍କ ଉପରେ ଆର୍ଥିକ ବୋଝ ବଢ଼ିବାରେ ଲାଗିଛି। ଆମେରିକାରେ ନିଯୁକ୍ତି ସୁଯୋଗ ହ୍ରାସ ପାଇ ଚାଲିଥିବା ବେଳେ ଦରଦାମ ହୁ ହୁ ହୋଇ ବଢ଼ି ଚାଲିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ବିକାଶ ହାର ମନ୍ଥର ହୋଇଯାଇଛି। ଆର୍ଥିକ ସୁବର୍ଣ୍ଣ ଯୁଗ ଆଣିଥିବା ନେଇ ଟ୍ରମ୍ପ ପ୍ରଶାସନ ଦାବି କରୁଥିବା ।ବେଳେ ତଥ୍ୟରୁ ଭିନ୍ନ ସୂଚନା ମିଳୁଛି। ସେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ମିଳେଇ ଯାଇଛି। ଶୁଳ୍କର ବିପରୀତ ପ୍ରଭାବ ଆମେରିକା ଅର୍ଥନୀତି ଉପରେ ପଡ଼ିଛି। ଚଳିତ ସପ୍ତାହରେ ଆମେରିକା ଅର୍ଥ ବିଭାଗ ଜାରି କରିଥିବା ତଥ୍ୟରୁ ଏଭଳି ସଙ୍କେତ ମିଳିଛି।

ଟ୍ରମ୍ପ ୬ ମାସରୁ ଅଧିକ ସମୟ ହେଲା ଦାୟିତ୍ୱ ଗ୍ରହଣ କଲେଣି। ଏହି ଅବଧିରେ ତାଙ୍କ ଶୁଳ୍କ ବୃଦ୍ଧି, ନୂଆ ଟିକସ ଏବଂ ବ୍ୟୟ ବିଲ୍ ବହୁତ ବଡ଼ ପରିବର୍ତ୍ତନ ଆଣିଛି। ସେ ଆମେରିକାର ବାଣିଜ୍ୟ, ଉତ୍ପାଦନ କ୍ଷେତ୍ର, ଶକ୍ତି ଏବଂ ଟିକସ ପ୍ରଣାଳୀକୁ ନିଜ ଅନୁସାରେ ପରିବର୍ତ୍ତନ କରୁଛନ୍ତି। ଏହା ସହିତ କୌଣସି ସମ୍ଭାବ୍ୟ ବିଜୟର ଶ୍ରେୟ ନେବାକୁ ମଧ୍ୟ ପଛାଉନାହାନ୍ତି। ତେବେ ସମ୍ପ୍ରତି ଆମେରିକୀୟ ଅର୍ଥନୀତିରେ ମାନ୍ଦାବସ୍ଥାକୁ ଟାଳିବା ପାଇଁ ଟ୍ରମ୍ପଙ୍କ ଶୁଳ୍କ ରାଜନୀତିରେ ସେପରି ବୈଶ୍ୱିକ ସଫଳତା ପାଇପାରୁନାହାନ୍ତି। ଏହି ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଅନ୍ୟକୁ ଦୋଷ ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ଦେଇଥିବା ପ୍ରତିଶ୍ରୁତିର ପ୍ରଭାବ ଦେଖାଯାଇ ନାହିଁ। ତେଣୁ ଆର୍ଥିକ ନୀତି ପାଇଁ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଦୋଷ ଦେବା ନୀତି ବି ଏବେ ଫେଲ୍ ମାରିଛି। ▶ପୃଷ୍ଠା-୭

## ପଞ୍ଜାବର ମନୀଷ ନ୍ୟୁଜିଲାଣ୍ଡରେ ହେଲେ ପୁଲିସ ଅଧିକାରୀ



କପୁରଥଲା, ୨।୮ (ଏଜେନ୍ସି): ପଞ୍ଜାବର କପୁରଥଲା ଜିଲ୍ଲାର ନଡାଲା ଗାଁର ମନୀଷ ଶର୍ମା ନ୍ୟୁଜିଲାଣ୍ଡ ପୁଲିସ୍‌ରେ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କର ଏହି ସଫଳତାରେ ପୂରା ଗାଁରେ ଆନନ୍ଦର ଲହଡି ଖେଳିଯାଇଛି। ୧୦ମ ଓ ଦ୍ୱାଦଶ ପଢ଼ା ସରିବା ପରେ ମନୀଷ ୨୦୧୬ରେ ନ୍ୟୁଜିଲାଣ୍ଡ ଚାଲିଯାଇଥିଲେ। ସେଠାରେ ସେ କଠିନ ପରିଶ୍ରମ କରି ନିଜ ଅଧ୍ୟବସାୟ ବଳରେ ପୁଲିସ ଫୋର୍ସରେ ଭର୍ତ୍ତି ହୋଇଛନ୍ତି। ଦୀର୍ଘ ୩ ବର୍ଷ ଧରି ସେ ଶାରୀରିକ ଓ ମାନସିକ ପରିଶ୍ରମ କରିବା ପରେ ସେ ଏହି ସଫଳତା ପାଇଛନ୍ତି ବୋଲି ମନୀଷଙ୍କ ପିତା ଓମ୍ ପ୍ରକାଶ ଶର୍ମା କହିଛନ୍ତି। ସେ ପରିବାର ସହିତ ପୂରା ଗାଁ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି ସେ କହିଛନ୍ତି। ତାଙ୍କୁ ଖୁବଶୀଘ୍ର ନ୍ୟୁଜିଲାଣ୍ଡର କୌଣସି ଜିଲ୍ଲାରେ ଅଧିକାରୀ ଭାବେ ନିଯୁକ୍ତି ମିଳିବ। ମନୀଷ ନିଜ ଗାଁରେ ୧୦ମ ପର୍ଯ୍ୟନ୍ତ ପଢ଼ିଥିଲେ। ଏହାପରେ ସେ ଜଲନ୍ଧରର ଏକ ପ୍ରତିଷ୍ଠିତ ସ୍କୁଲରେ ଦ୍ୱାଦଶ ପାସ୍ କରିଥିଲେ। ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

## ଦୁଇଜଣ ପର୍ଣ୍ଣଷ୍ଟାରଙ୍କୁ ଉପ-ମନ୍ତ୍ରୀ ଭାବେ ନିଯୁକ୍ତି ଦେଲେ କଲମ୍ବିଆ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨।୮ (ଏଜେନ୍ସି): କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ସମସ୍ତଙ୍କୁ ଚକିତ କରି ପର୍ଣ୍ଣ ଅର୍ଥାତ ଅଶ୍ଲୀଳ ସିନେମାରେ କାମ କରିଥିବା ଦୁଇଜଣଙ୍କୁ ଉପ-ମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି। ସେ ଆଲେଜାନ୍ଦ୍ରା ଓମାନା ଓ ଜୁଆନ୍ ମର୍ଲୋସ ଫ୍ଲୋରିୟାନଙ୍କୁ ସମାନତା ମନ୍ତ୍ରଣାଳୟରେ ଦାୟିତ୍ୱ ଅର୍ପଣ କରିଛନ୍ତି। ଓମାନା ଓ ଫ୍ଲୋରିୟାନ ଏବେ ସମାଜର ଦୁର୍ବଳ ବର୍ଗର ଲୋକଙ୍କ ନିକଟକୁ ସରକାରୀ ସହାୟତା ପହଞ୍ଚାଇବାକୁ ପ୍ରୟାସ କରିବେ। କିନ୍ତୁ ଏହି ଦୁଇ ପର୍ଣ୍ଣ ଷ୍ଟାରଙ୍କ ନିଯୁକ୍ତିକୁ ଉପରାଷ୍ଟ୍ରପତି ଫ୍ରାନ୍ସିଆ ମାର୍କେଜ ନାପସନ୍ଦ କରି ଅସନ୍ତୋଷ ଜାହିର କରିଛନ୍ତି। ଏହା ଦ୍ୱାରା ସରକରାଙ୍କ ଛବି ତଥା ଭାବମୂର୍ତ୍ତୀ କ୍ଷୁର୍ଣ୍ଣ ହେବ ବୋଲି ସେ କହିଛନ୍ତି। ତେବେ ଗୁସ୍ତାଭୋ ଏହି ନିଯୁକ୍ତିକୁ ଠିକ୍ ବୋଲି ଦର୍ଶାଇଛନ୍ତି। ପ୍ରଥମେ ଏହି ମନ୍ତ୍ରଣାଳୟର ଦାୟିତ୍ୱ ଉପରାଷ୍ଟ୍ରପତିଙ୍କ ନିକଟରେ ଥିଲା। ଓମାନା ସାମ୍ବାଦିକତା ଛାଡି ପର୍ଣ୍ଣ ଇଣ୍ଡଷ୍ଟ୍ରୀରେ ସକ୍ରିୟ ଥିଲେ। ସେହିପରି ଫ୍ଲୋରିୟାନ୍ ଖର୍ଚ୍ଚ ମେଣ୍ଟାଇବାକୁ ଯାଇ ପର୍ଣ୍ଣ ଇଣ୍ଡଷ୍ଟ୍ରୀରେ ଯୋଗ ଦେଇଥିଲେ।

## ପଞ୍ଜାବ ଯୁବକଙ୍କର କମ୍ ହେଲା ବିଦେଶ ଯିବା ନିଶା

ଅମୃତସର, ୨।୮ (ଏଜେନ୍ସି): ପଞ୍ଜାବର ଯୁବକଙ୍କଠାରେ ବିଦେଶ ଯିବାର କ୍ରେଜ୍ ତଥା ନିଶା କମ୍ ହୋଇଛି। ଗତ କିଛି ବର୍ଷ ମଧ୍ୟରେ ଏହା ଦେଖିବାକୁ ମିଳିଛି। ନିର୍ବାଚନରେ ମଧ୍ୟ ଏ ନେଇ ଜୋରସୋରରେ ରାଜନୀତି ହୋଇଛି। ଏବେ ସ୍ଥିତିରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି। କାନାଡା ଓ ଅଷ୍ଟ୍ରେଲିଆ ସମେତ ଅନ୍ୟ ଦେଶଗୁଡିକରେ କଠୋର ନୀତି ଲାଗୁ ହେବା କାରଣରୁ ପଞ୍ଜାବରେ ପାସପୋର୍ଟ ବାହାର କରିବାର ସଂଖ୍ୟା ଯଥେଷ୍ଟ କମ୍ ହୋଇଛି। ୨୦୨୪ରେ ପ୍ରତିଦିନ ପାସପୋର୍ଟ ପାଇଁ ୨୯୦୬ ଆବେଦନ କରାଯାଇଥିଲା। କିନ୍ତୁ ୨୦୨୫ ଜାନୁଆରୀ ୧ରୁ ଜୁନ୍ ୩୦ ମଧ୍ୟରେ ପ୍ରତିଦିନ ୧୯୭୮ ପାର୍ସପୋର୍ଟ ପାଇଁ ଆବେଦନ କରାଯାଇଛି। କିନ୍ତୁ ପଞ୍ଜାବର ଆପ୍ ସରକାର ଏହାକୁ ନିଜର ସଫଳତା ବୋଲି ବଖାଣୁଛି। କାରଣ ନିର୍ବାଚନ ପୂର୍ବରୁ ଆପ୍ 'ବତନ ୱାପସୀ' ଅର୍ଥାତ ସ୍ୱଦେଶ ପ୍ରତ୍ୟାବର୍ତ୍ତନର ସ୍ଲୋଗାନ ଦେଉଥିଲା। କିନ୍ତୁ ଏହାର ପ୍ରକୃତ କାରଣ ଭିନ୍ନ ବୋଲି ଜଣାଯାଇଛି। ଆମେରିକା, ଅଷ୍ଟ୍ରେଲିଆ, କାନାଡା ନିଜର ଭିସା ଓ ଇମିଗ୍ରେସନ ନିୟମ କଡ଼ା କରିବା ଫଳରେ ବିଦେଶ ଯିବାକୁ ସ୍ୱପ୍ନ ଦେଖୁଥିବା ଯୁବକଙ୍କୁ ଏବେ ରାଜ୍ୟରେ ରହିବାକୁ ପଡୁଛି। ଗତ ୧୦ ବର୍ଷରେ ପାସପୋର୍ଟ ବାହାର କରିବା ସଂଖ୍ୟାରେ ଯଥେଷ୍ଟ ଅବନତି ହୋଇଛି।

# ବଢ଼ିଲା ଆମେରିକା-ରୁଷ କଳି

### ସୁପରପାୱାର ମଧ୍ୟରେ ପରମାଣୁ ଯୁଦ୍ଧ ଧମକ
### ଆମେରିକା ପଠାଇଲା ପରମାଣୁ ସବମେରିନ୍
### ରୁଷ କହିଲା, ମୁକାବିଲା ପାଇଁ ଆମେ ପ୍ରସ୍ତୁତ



ୱାଶିଂଟନ/ମସ୍କୋ, ୨।୮ (ଏଜେନ୍ସି): ଦୁଇ ସୁପରପାୱାର ଆମେରିକା ଏବଂ ରୁଷ ପରମାଣୁ ଯୁଦ୍ଧ ପାଇଁ ମୁହାଁମୁହିଁ ହୋଇଛନ୍ତି। ସମୁଦ୍ରରେ ରୁଷ ସୀମା ନିକଟରେ ପରମାଣୁ ସବମେରିନ ମୁତୟନ ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବାପରେ ରୁଷ ଏହାର ମୁକାବିଲା ଲାଗି ପ୍ରସ୍ତୁତ ଥିବା ଜଣାଇଛନ୍ତି। ବିଶ୍ୱ ନୋବେଲ ଶାନ୍ତି ପୁରସ୍କାର ଲାଗି ଦାବି ଜଣାଉଥିବା ଟ୍ରମ୍ପଙ୍କ ଏଭଳି ପଦକ୍ଷେପ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ରୁଷର ପୂର୍ବତନ ରାଷ୍ଟ୍ରପତି ତଥା ରୁଷ ନିରାପତ୍ତା ପରିଷଦର ଉପାଧ୍ୟକ୍ଷ ଡିମେଟ୍ରି ମେଦଭେଦେଭ୍‌ଙ୍କ ଏକ ମନ୍ତବ୍ୟକୁ ନେଇ ଏଭଳି ଉତ୍ତେଜନା ଦେଖାଦେଇଛି। ରୁଷଠାରୁ ତେଲ ଓ ଅସ୍ତ୍ର କିଣୁଥିବା ଭାରତ ସମେତ କେତେକ ଦେଶମାନଙ୍କ ଉପରେ ୨୫ ପ୍ରତିଶତ ଶୁଳ୍କ କଟକଣା ଲଗାଇବା ଲାଗି ଟ୍ରମ୍ପଙ୍କ ଘୋଷଣା ପରେ କ୍ଷୁବ୍ଧ ହୋଇ ଧମକ ଦେଇଥିଲେ ଡିମେଟ୍ରି ମେଦଭେଦେଭ୍। ସେ କହିଥିଲେ ଯେ ରୁଷ କିମ୍ବା ଏହାର ନେତାମାନଙ୍କ ଉପରେ ଆକ୍ରମଣ ହେଲେ ପରମାଣୁ ଆକ୍ରମଣ କରିବାକୁ ପଛାଇବ ନାହିଁ ରୁଷ। ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଡିମେଟ୍ରି ମେଦଭେଦେଭ୍‌ଙ୍କୁ ସମାଲୋଚନା କରିଥିଲେ ଟ୍ରମ୍ପ। ସେ କହିଥିଲେ ଯେ ଡିମେଟ୍ରି ମେଦଭେଦେଭ୍ ପିଲାଳିଆମି ଏବଂ ଉତ୍ତେଜନାମୂକ ମନ୍ତବ୍ୟ ଦେଉଛନ୍ତି। ତାଙ୍କର ଏଭଳି ମନ୍ତବ୍ୟର ଜବାବ ଦେବାକୁ ଯାଇ ଆମେରିକାର ଦୁଇଟି ପରମାଣୁ ସବମେରିନକୁ ରୁଷ ସୀମା ନିକଟ ସମୁଦ୍ରକୁ ପଠାଇବା ଲାଗି ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ।

ଟ୍ରମ୍ପଙ୍କ ଏଭଳି ଘୋଷଣା ପରେ ରୁଷ ପକ୍ଷରୁ କୁହାଯାଇଛି ଯେ ଆମେରିକାର ପରମାଣୁ ଧମକର ମୁକାବିଲା ଲାଗି ଆମେ ପ୍ରସ୍ତୁତ ଅଛୁ। ସମୁଦ୍ର ଯୁଦ୍ଧରେ ଆମେରିକା ତୁଳନାରେ ରୁଷର ଅଧିକ ଆଧିପତ୍ୟ ରହିଛି ବୋଲି ରୁଷର ଜଣେ ସରକାରୀ ମୁଖପାତ୍ର କହିଛନ୍ତି। ସେ କହିଛନ୍ତି ଯେ ଆମେରିକାର ଯେତେ ପରମାଣୁ ସବମେରିନ୍ ରହିଛି, ତାଠାରୁ ଢେର ଅଧିକ ସଂଖ୍ୟାରେ ରୁଷ ପାଖରେ ରହିଛି। ତେଣୁ ଆମେରିକାର ଏଭଳି ଧମକ ରୁଷ ପାଇଁ ବିଶେଷ ଗୁରୁତ୍ୱ ବହନ କରୁନାହିଁ। ତେବେ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱହୀନ ମନ୍ତବ୍ୟ ନେଇ ଅଯଥାରେ ଉତ୍ତେଜନା ବଢ଼ାଉଛନ୍ତି।

ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଟ୍ରମ୍ପ ରୁଷ୍ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ଲାଗି ଉଦ୍ୟମ କରି ଆସୁଛନ୍ତି। କିନ୍ତୁ ଏଥିରେ ବିଶେଷ ସଫଳତା ମିଳୁନଥିବାରୁ ସେ କ୍ଷୁବ୍ଧ ହୋଇ ରୁଷକୁ ଏକଘରିକିଆ କରିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ରୁଷ ସହିତ ସଂପର୍କ ଛିନ୍ନ କରିବା ଲାଗି ବିଭିନ୍ନ ଦେଶ ଉପରେ ଚାପ ପକାଉଛନ୍ତି। ରୁଷରୁ ତେଲ ଓ ଅସ୍ତ୍ର କିଣୁଥିବା ଦେଶମାନଙ୍କ ଉପରେ ଟ୍ରମ୍ପ ବାଣିଜ୍ୟ କଟକଣା ଘୋଷଣା କରିଛନ୍ତି। ଏହିକ୍ରମରେ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ସେ ଘୋଷଣା କରିଥିବାରୁ ରୁଷ କ୍ଷୁବ୍ଧ ହୋଇ ଏଭଳି ଧମକ ଦେଇଥିଲା।

## ଜମ୍ମୁ-କଶ୍ମୀରରେ ଏନ୍‌କାଉଣ୍ଟର, ୨ ଆତଙ୍କୀ ମୃତ

ଶ୍ରୀନଗର, ୨।୮ (ଏଜେନ୍ସି): ଜମ୍ମୁ- କଶ୍ମୀର କୁଲଗାମର ଅଖଲ ଜଙ୍ଗଲରେ ଶନିବାର ଦୁଇଜଣ ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଦ୍ୱାରା ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଦୁଇଜଣଙ୍କ ମୃତଦେହ ଜବତ କରାଯାଇଛି। ଏମାନଙ୍କ ମଧ୍ୟରୁ ଜଣେ ହେଉଛି ପୁଲୱାମାର ହାରିସ ନଜିର ଦାର। ତେବେ ଦ୍ୱିତୀୟ ଆତଙ୍କୀ ପରିଚୟ ମିଳିପାରିନାହିଁ। ହାରିସ୍ ସକାଳେ ନିହତ ହୋଇଥିଲା। ସେହିପରି ଅନ୍ୟଜଣକ ଦ୍ୱିପହରରେ ମୃତ ବୋଲି ଜଣାପଡ଼ିଥିଲା। ସ୍ପେଶାଲ ଅପରେସନ ଗ୍ରୁପ୍, ଜମ୍ମୁ- କଶ୍ମୀର ପୁଲିସ, ସେନା ଓ ସିଆରପିଏଫ୍ ମିଳିତ ଭାବେ ଏହି 'ଅପରେସନ ଅଖଲ'କୁ ସଫଳ କରାଯାଇଛନ୍ତି। ହାରିସ ସି- ବର୍ଗର ଆତଙ୍କବାଦୀ ଥିଲା। ପହଲଗାମ ଆକ୍ରମଣ ପରେ ଗୋଇନ୍ଦା ବିଭାଗ ଏପ୍ରିଲ ୨୬ ତାରିଖରେ ଆତଙ୍କବାଦୀଙ୍କର ଏକ ତାଲିକା ଜାରି କରିଥିଲା। ଏଥିରେ ଉଲ୍ଲେଖ ଥିବା ୧୪ ଜଣ ସ୍ଥାନୀୟ ଆତଙ୍କବାଦୀଙ୍କ ମଧ୍ୟରେ ହାରିସର ନାମ ଥିଲା। ଏହି ଦୁଇ ଆତଙ୍କବାଦୀଙ୍କଠାରୁ ଏକେ-୪୭ ରାଇଫଲ, ମ୍ୟାଗାଜିନ, ଗ୍ରେନେଡ୍ ଓ ଗୋଳା ବାରୁଦ ଜବତ କରାଯାଇଛି। ଶୁକ୍ରବାର ରାତିରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ସର୍ଚ୍ଚ ଅପରେସନ ବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଜଙ୍ଗଲରେ ଏବେ ମଧ୍ୟ କେତେଜଣ ଆତଙ୍କବାଦୀ ଲୁଚି ରହିଛନ୍ତି ଓ ଦୁଇପଟୁ ଗୁଳି ବିନିମୟ ଚାଲିଛି। ୧୪ ସ୍ଥାନୀୟ ଆତଙ୍କବାଦୀଙ୍କ ମଧ୍ୟରୁ ୭ ଜଣ ସୁରକ୍ଷାକର୍ମୀଙ୍କ ଦ୍ୱାରା ନିହତ ହୋଇଥିବା ବେଳେ ବାକି ୭ ଜଣଙ୍କ ଖୋଜା ଜାରି ରହିଛି।

## ଗୋଟିଏ ସପ୍ତାହ ପୂର୍ବରୁ ବନ୍ଦ ହେଲା ଅମରନାଥ ଯାତ୍ରା

ଶ୍ରୀନଗର, ୨।୮ (ଏଜେନ୍ସି): ଅମରନାଥ ଯାତ୍ରାକୁ ବନ୍ଦ କରାଯାଇଛି। ଏହି ପବିତ୍ର ଯାତ୍ରା ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବାର ଥିଲା। କିନ୍ତୁ ପ୍ରବଳ ବର୍ଷା କାରଣରୁ ରାସ୍ତା ଖରାପ୍ ହେବାରୁ ଏହାକୁ ଅଗଷ୍ଟ ୩ରେ ହିଁ ବନ୍ଦ କରାଯାଇଛି। ଅମରନାଥ ଯାତ୍ର ଜୁଲାଇ ୩ ତାରିଖରୁ ଆରମ୍ଭ ହୋଇଥିଲା ଓ ଅଗଷ୍ଟ ୯ରେ ରାଖୀ ପୂର୍ଣ୍ଣିମା ଦିନ ବନ୍ଦ ହେବାର କାର୍ଯ୍ୟକ୍ରମ ଥିଲା। ଚଳିତବର୍ଷ ୪ ଲକ୍ଷ ୧୦ ହଜାର ଶ୍ରଦ୍ଧାଳୁ ଅମରନାଥ ଦର୍ଶନ କରି ସାରିଛନ୍ତି। କିନ୍ତୁ ଗତବର୍ଷ ୫ ଲକ୍ଷ ୧୦ ହଜାର ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ପ୍ରବଳ ବର୍ଷା ହେବା କାରଣରୁ ଯାତ୍ରା ମାର୍ଗ ତଥା ରାସ୍ତା ଖରାପ ହୋଇଯାଇଛି ବୋଲି କଶ୍ମୀର ଡିଭିଜନାଲ କମିଶନର ବିଜୟ କୁମାର ବିଧୁଡି କହିଛନ୍ତି। ବାଲଟାଲ ଓ ପହଲଗାମ ରାସ୍ତା ଅତି ଖରାପ ହୋଇଥିବା ବେଳେ ଏହି ଦୁଇଟି ରାସ୍ତାର ମରାମତି କରାଯିବ। ଏଥିପାଇଁ ଯାତ୍ରାକୁ ଆଗୁଆ ଶେଷ କରିବାକୁ ହେଲା। ରାସ୍ତା ଉପରେ ମେସିନ ଓ କର୍ମୀଙ୍କ କ୍ରମାଗତ ଉପସ୍ଥିତି ଯାତ୍ରାରେ ଅନ୍ତରାୟ ସୃଷ୍ଟି କରିଥିଲା ବୋଲି ସେ କହିଛନ୍ତି। ଗତ ୨୦୨୪ର ଯାତ୍ରା ୫୨ ଦିନର ଥିଲା। ସେହିପରି ୨୦୨୩ରେ ୬୨, ୨୦୨୨ରେ ୪୩, ୨୦୧୯ ରେ ଯାତ୍ରା ୪୬ ଦିନ ପର୍ଯ୍ୟନ୍ତ ଚାଲିଥିଲା।

## ସରକାରୀ ଘର ଛାଡ଼ିଲେ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ୍ ରାଜଧାନୀ ଦିଲ୍ଲୀସ୍ଥିତ ତାଙ୍କ ସରକରୀ ବାସଭବନ ଆନୁଷ୍ଠାନିକ ଭାବେ ଖାଲି କରିଛନ୍ତି। ସେ ୨୦୨୪ ନଭେମ୍ବର ୮ରେ ଭାରତର ୫୦ତମ ମୁଖ୍ୟ ବିଚାରପତି ଭାବେ ଅବସର ଗ୍ରହଣ କରିଥିଲେ। ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ବାସଭବନରେ ରହିଥିବାରୁ ବିବାଦ ଦୃଷ୍ଟି ହୋଇଥିଲା। ଜଷ୍ଟିସ ଚନ୍ଦ୍ରଚୂଡ ପତ୍ନୀ କଳ୍ପନା ଓ ଦୁଇ ଝିଅ ପ୍ରିୟଙ୍କା ଏବଂ ମାହୀ କ୍ରିଷ୍ଣା ମେନନ ମାର୍ଗସ୍ଥିତ ବାସଭବନରେ ରହିଆସୁଥିଲେ। ଆମେ ଜିନିଷ ପତ୍ର ବାନ୍ଧି ସାରିଛୁ ଓ କିଛି ଜିନିଷ ପୂର୍ବରୁ ନୂଆ ଘରକୁ ସ୍ଥାନାନ୍ତର କରିଛୁ ବୋଲି ସେ କହିଛନ୍ତି। ଦୁଇ ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାର ଦୁହେଁ ହ୍ୱିଲ ଚେୟାରରେ ରହୁଛନ୍ତି। ସେଥିପାଇଁ ଘର ଛାଡିବାରେ ସମସ୍ୟା ଥିଲା ବୋଲି ସେ କହିଥିଲେ। ଘର ମିଳିବା ପର୍ଯ୍ୟନ୍ତ ସରକାରୀ ବାସଭବନ ଛାଡିବାରେ ସମସ୍ୟା ଥିଲା ବୋଲି ସେ କହିଛନ୍ତି।

## କେରଳ ନନ୍‌ଙ୍କୁ ମିଳିଲା ଜାମିନ

ରାୟପୁର, ୨।୮ (ଏଜେନ୍ସି): ଛତିଶଗଡ଼ରେ ଗିରଫ ହୋଇଥିବା କେରଳର ନନ୍‌ଙ୍କୁ ଜାମିନ ମିଳିଛି। ବିଲାଶପୁରର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ନନ୍‌ଙ୍କ ସମେତ ୩ଜଣଙ୍କୁ ଜାମିନ ଦେଇଛନ୍ତି। ଜବରଦସ୍ତି ଧର୍ମାନ୍ତରଣ ଓ ମାନବ ଚାଲାଣ ଅଭିଯୋଗରେ ତାଙ୍କୁ ଛତିଶଗଡ଼ ପୁଲିସ ଗିରଫ କରିଥିଲା। ଜିଆରପି ଥାନାରେ ବଜରଙ୍ଗ ଦଳ ଏହି ୩ ଜଣଙ୍କ ନାମରେ ଏଫ୍‌ଆଇଆର୍ ରୁଜୁ କରିଥିଲେ। ଗତ ୯ ଦିନ ହେବ ଏହି ୩ଜଣ ମିସନାରୀ ଦୁର୍ଗ ଜେଲରେ ବନ୍ଦ ଥିଲେ। ବିଲାଶପୁରର ଏନ୍‌ଆଇଏ କୋର୍ଟ ୫୦-୫୦ ହଜାର ଟଙ୍କା ମୁଚାଲିକାରେ ଜାମିନ ଦେଇଛନ୍ତି। କେରଳର କ୍ୟାଥଲିକ ନନ୍ ପ୍ରୀତି ମେରୀ ଓ ବନ୍ଦନା ଫ୍ରାନସିସ୍‌ଙ୍କ ସମେତ ସୁକମନ ମାଣ୍ଡବୀଙ୍କୁ ଜୁଲାଇ ୨୫ରେ ଦୁର୍ଗ ରେଳ ଷ୍ଟେସନରେ ଗିରଫ କରାଯାଥିଲା। ଏହି ୩ ଅଭିଯୁକ୍ତଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି।

## ଦୁଷ୍କର୍ମ ମାମଲାରେ ପ୍ରଜ୍ୱଳ ରେବନ୍ନାଙ୍କୁ ଆଜୀବନ



ମହୀଶୂର, ୨।୮ (ଏଜେନ୍ସି): ଜଣେ ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡାଙ୍କ ନାତି ତଥା ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ତାଙ୍କୁ ୧୧.୫୦ ଲକ୍ଷ ଟଙ୍କାର ଜରିମାନା ମଧ୍ୟ କରାଯାଇଛି। ପୀଡିତାଙ୍କୁ ୧୧.୨୫ ଲକ୍ଷ ଟଙ୍କା ଦେବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି କୋର୍ଟ ରେଭନ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବଳେ ଆଜି ଦଣ୍ଡାଦେଶ ଶୁଣାଇଛନ୍ତି।

ଉଲ୍ଲେଖଥାଉ କି, ରେଭନ୍ନାଙ୍କ ପରିବାରର ଫାର୍ମ ହାଉସ୍‌ରେ କାମ କରୁଥିବା ଜଣେ ୪୭ ବର୍ଷୀୟ ମହିଳା ଗତବର୍ଷ ଏପ୍ରିଲ୍‌ରେ ତାଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ୨୦୨୧ରେ ରେଭନ୍ନା ତାଙ୍କୁ ବହୁଥର ଦୁଷ୍କର୍ମ କରିଥିଲେ ଓ ଘଟଣାକୁ କାହା ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ। ନହେଲେ ଅଶ୍ଳୀଳ ଚିତ୍ର ଲିକ୍ କରିବାକୁ ଧମକ ଦେଇଥିଲେ। ତାଙ୍କ ବିରୋଧରେ ପାଖାପାଖି ୨୦୦ ଅଶ୍ଳୀଳ ଭିଡିଓ ଓ ୧୨୩ଟି ଅନ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନା କରାଯାଇଥିଲା। ଜୁଲାଇ ୧୮ ରେ ଏହି ମାମଲାରେ କୋର୍ଟ ଶୁଣାଣି ପୂରା କରିଥିଲେ। ରେଭନ୍ନାଙ୍କ ବିରୋଧରେ ବିଭିନ୍ନ ଧାରାରେ ଅଭିଯୋଗ କରାଯାଇଥିଲା।

ତାଙ୍କ ବିରୋଧରେ ମୋଟ୍ ଉପରେ ୪ଟି ଦୁଷ୍କର୍ମ ମାମଲା ରହିଛି। କିନ୍ତୁ ସେ ପ୍ରଥମଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୨୪ ମେ ୩୧ରେ ଜର୍ମାନୀରୁ ପ୍ରତ୍ୟାବର୍ତ୍ତନ କରିବା ପରେ ହିଁ ତାଙ୍କୁ ଗିରଫ କରାଯାଇଥିଲା। ଦେଶ ଛାଡି ୩୫ ଦିନ ସେ ବିଦେଶରେ ରହିଥିଲେ। ସେତେବେଳେ ସେ କର୍ଣ୍ଣାଟକ ହାସନ ସିଟ୍‌ରେ ସାଂସଦ ଥିଲେ। ତାଙ୍କ ବିରୋଧରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଯୌନ ଉତ୍ପୀଡନ ଦେଇଥିବାର ଅଭିଯୋଗ ରହିଛି। ଦୁଷ୍କର୍ମ ଓ ଯୌନ ଉତ୍ପୀଡନ ସମେତ ତାଙ୍କ ବିରୋଧରେ ବ୍ଲାକମେଲିଂ ଓ ଧମକ ଦେବା ନେଇ ୪ଟି ମାମଲା ରୁଜୁ କରାଯାଇଛି। ୨୦୨୪ ଏପ୍ରିଲ ୨୪ରେ ହାସନରେ ଏକ ଷ୍ଟାଡିୟମର ରନିଂ ଟ୍ରାକ ଉପରେ ଶହେରୁ ଅଧିକ ପେନ୍ ଡ୍ରାଇଭ ମିଳିଥିଲା ଓ ଏଥିରେ ପ୍ରଜ୍ୱଳଙ୍କର ୨,୯୭୦ ସେକ୍ସ କ୍ଲିପ୍ ଥିଲା। ସେବେଠାରୁ ଏହି ମାମଲା ଚର୍ଚ୍ଚା ପରିସରକୁ ଆସିଥିଲା।

## ଜମି କିଣାବିକା ମାମଲାରେ ରବର୍ଟ ଭଦ୍ରାଙ୍କୁ ନୋଟିସ

ଗୁରୁଗ୍ରାମ, ୨।୮ (ଏଜେନ୍ସି): ହରିୟାଣାର ଗୁରୁଗ୍ରାମ୍‌ର ଶିକୋହପୁରରେ ଜମି କିଣା ବିକା ଓ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ସମେତ ଅନ୍ୟ ଆରୋପିଙ୍କୁ ଦିଲ୍ଲୀର ରାଓଜ ଆଭେନ୍ୟୁ କୋର୍ଟ ନୋଟିସ ଜାରି କରିଛି। ଆଗାମୀ ଶୁଣାଣି ପୂର୍ବରୁ ହିଁ ଅଭିଯୁକ୍ତମାନଙ୍କୁ କୋର୍ଟରେ ନିଜର ପକ୍ଷ ରଖିବାକୁ ଏହି ନୋଟିସ ଜାରି କରାଯାଇଛି। ଆଗାମୀ ଶୁଣାଣି ଅଗଷ୍ଟ ୨୮ ତାରିଖରେ ହେବ। ଶନିବାର ଏହି ମାମଲାର ଶୁଣାଣି ହେବା ପରେ ବିଚାରପତି ସୁସାନ୍ତ ଚଙ୍ଗୋତ୍ରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପକ୍ଷ ଶୁଣିବା ପରେ ଅଭିଯୁକ୍ତମାନଙ୍କ ପାଖକୁ ଏହି ନୋଟିସ ପଠାଇଛନ୍ତି। ଇଡି କିଛି ଦିନତଳେ ଭଦ୍ରାଙ୍କ ବିରୋଧରେ କୋର୍ଟରେ ଆରୋପ ପତ୍ର ଦାଏର କରିଛି। ଭଦ୍ରା ୭ କୋଟି ଟଙ୍କାରେ ଜମି କ୍ରୟ କରି ୫୮ କୋଟି ଟଙ୍କାରେ ବିକ୍ରି କରିଥିବାର ଅଭିଯୋଗ ହୋଇଥିଲା।

## ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଅଧ୍ୟକ୍ଷ ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହୋଇଛି। ତାଙ୍କୁ ରାଜଧାନୀ ଦିଲ୍ଲୀର ଶ୍ରୀ ଗଙ୍ଗାରାମ ହସ୍ପିଟାଲରେ ମାସେ ପୂର୍ବରୁ ଭର୍ତ୍ତି କରାଯାଇଥିଲା। କିଡନୀ ସମ୍ପର୍କିତ ସମସ୍ୟା ପାଇଁ ତାଙ୍କୁ ଜୁନ୍ ଶେଷ ସପ୍ତାହରେ ଭର୍ତ୍ତି କରାଯାଇଥିଲା। ସେ ଏବେ ଭେଣ୍ଟିଲେଟର ସପୋର୍ଟରେ ରହିଛନ୍ତି। ୮୧ ବର୍ଷୀୟ ସୋରେନ ଏହି ହସ୍ପିଟାଲ୍‌ରେ ଦୀର୍ଘଦିନ ଧରି ଚିକିତ୍ସିତ ହୋଇ ଆସୁଛନ୍ତି। ଗତ ଜୁନ୍ ୨୪ ତାରିଖରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ତାଙ୍କ ପୁତ୍ର ହେମନ୍ତ ସୋରେନ ତାଙ୍କୁ ହସ୍ପିଟାଲରେ ଭେଟିଥିଲେ। ସେ ଗତ ୩୮ ବର୍ଷ ହେବ ଜେଏମ୍‌ଏମ୍‌ର ପ୍ରମୁଖ ନେତା ରହିଆସିଛନ୍ତି। ୧୯୭୭ରେ ସେ ପ୍ରଥମଥର ପାଇଁ ନିର୍ବାଚନ ଲଢିଥିଲେ ଓ ପରାସ୍ତ ହୋଇଥିଲେ। କିନ୍ତୁ ୧୯୮୦ରୁ ସେ କ୍ରମାଗତ ଭାବେ ସାଂସଦ ରହିଆସିଛନ୍ତି। ବିହାରଠାରୁ ଅଲଗା ହେବା ପରେ ସେ ୩ଥର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୦୫, ୨୦୦୮ ଓ ୨୦୦୯ରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ମଧ୍ୟ କେବେବି କାର୍ଯ୍ୟକାଳ ପୂରା କରିନଥିଲେ।

## ଭୋଟର ତାଲିକାରେ ମୋର, ପତ୍ନୀଙ୍କ ନାମ ନାହିଁ: ତେଜସ୍ୱୀ



ପାଟନା, ୨।୮ (ଏଜେନ୍ସି): ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନ ନେଇ ନିର୍ବାଚନ କମିସନ ବଡ଼ ଧରଣର ବିରୋଧର ସମ୍ମୁଖୀନ ହୋଇଥିବା ବେଳେ ଆରଜେଡି ନେତା ତଥା ବିହାର ବିଧାନସଭାରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଆଜି ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ତାଙ୍କର ଓ ତାଙ୍କ ପତ୍ନୀଙ୍କ ନାମ ସଂଶୋଧିତ ଭୋଟର ତାଲିକାରେ ନାହିଁ। କିନ୍ତୁ ତାଙ୍କର ଏହି ଅଭିଯୋଗକୁ ପ୍ରମାଣ ସହିତ ଖଣ୍ଡନ କରିଛନ୍ତି ନିର୍ବାଚନ କମିସନ।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀ କହିଛନ୍ତି ଯେ ତାଙ୍କ ନାମକୁ କମିସନ ଭୋଟର ତାଲିକାରୁ କାଟି ଦେଇଛନ୍ତି। କଭିଳି ଭାବେ ନିର୍ବାଚନ ଲଢିବି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଯାହା ଲାଗୁଛି ତାଙ୍କୁ ଏବେ ନାଗରିକତ୍ୱ ହରାଇବାକୁ ପଡ଼ିବ ଏବଂ ସେ ବାସହୀନ ହୋଇପଡ଼ିବେ। ତାଙ୍କ ଘରକୁ ବୁଥ ଅଧିକାରୀ ଆସିଥିଲେ ଏବଂ ସେ ଫର୍ମ ପୂରଣ କରିଥିଲେ। ବୁଥ୍ ଅଧିକାରୀ ତାଙ୍କ ଠାରୁ ଫର୍ମ ନେଇଥିବାର ଫଟୋ ମଧ୍ୟ ତାଙ୍କ ପାଖରେ ରହିଛି। ତେବେ ସେ ଫର୍ମ ପୂରଣ କରିଥିବାରୁ ଏହାର ରସିଦ ଦେଇ ନାହାନ୍ତି ଅଧିକାରୀ। ତେଣୁ ଏହା ପଛରେ କିଛି ଷଡ଼ଯନ୍ତ୍ର ରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

ତେବେ ତାଙ୍କର ଏହି ଅଭିଯୋଗକୁ ଖାରଜ କରିଛନ୍ତି ନିର୍ବାଚନ କମିସନ। କମିସନ ପକ୍ଷରୁ କୁହାଯାଇଛି ଯେ ଦୀଘା ବିଧାନସଭା କ୍ଷେତ୍ରରେ ବୁଥ ନଂ ୨୦୪ରେ ତେଜସ୍ୱୀ ଓ ତାଙ୍କ ପତ୍ନୀ ରାଜଶ୍ରୀଙ୍କ ନାମ ରହିଛି। ପାଟନା ଜିଲ୍ଲାପାଳ ଏସ୍‌ଏନ୍ ତ୍ୟାଗରାଜନ ତାଲିକା ଜାରି କରି ତେଜସ୍ୱୀ ଓ ତାଙ୍କ ପତ୍ନୀଙ୍କ ନାମ ଥିବା ସ୍ପଷ୍ଟ କରିଛନ୍ତି। ମତଦାନ କେନ୍ଦ୍ର ସଂଖ୍ୟା ୨୦୪, ବିହାର ପଶୁ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପୁସ୍ତକାଳୟ ଭବନ, କ୍ରମିକ ସଂଖ୍ୟା ୪୧୬ରେ ତେଜସ୍ୱୀଙ୍କ ନାମ ରହିଛି ବୋଲି ସେ କହିଛନ୍ତି।

## ୭ ମାସରେ ୧୭୦୦ ଭାରତୀୟଙ୍କୁ ବାହାର କରିଛି ଆମେରିକା

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଚଳିତ ୨୦୨୫ ବର୍ଷର ପ୍ରଥମ ୭ ମାସରେ ଆମେରିକା ୧୭୦୦ ଭାରତୀୟଙ୍କୁ ଡିପୋର୍ଟ ଅର୍ଥାତ ନିଜ ଦେଶରୁ ବାହାର କରିଛି। ଏମାନଙ୍କ ମଧ୍ୟରେ ୧୫୬୨ ପୁରୁଷ ଓ ୧୪୧ ମହିଳା ସାମିଲ ରହିଛନ୍ତି। ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କିର୍ତ୍ତି ବର୍ଦ୍ଧନ ସିଂ ଏହି ସୂଚନା ଦେଇଛନ୍ତି। ଡିଏମ୍‌କେ ସାଂସଦ କାନିମୋଝୀ ଏହି ପ୍ରଶ୍ନ ପଚାରିଥିଲେ। ଗତ ୫ ବର୍ଷ ମଧ୍ୟରେ ଅର୍ଥାତ ୨୦୨୦ରୁ ଏପର୍ଯ୍ୟନ୍ତ ଆମେରିକାରୁ ମୋଟ୍ ୫୫୪୧ ଭାରତୀୟଙ୍କୁ ଡିପୋର୍ଟ କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ୫ ବର୍ଷ ମଧ୍ୟରେ ବ୍ରିଟେନ ୩୧୧ ଜଣ ଭାରତୀୟଙ୍କୁ ଡିପୋର୍ଟ

### ଗତ ୫ ବର୍ଷରେ ୫୫୪୧ଙ୍କୁ ଡିପୋର୍ଟ କରାଯାଇଛି

କରିଛି। ସେହିପରି ୨୦୨୫ରେ ୧୩୧ ଭରାତୀୟଙ୍କୁ ବ୍ରିଟେନରୁ ଡିପୋର୍ଟ କରାଯାଇଛି। ଏହି ସଂଖ୍ୟାରେ ଅନ୍ତର ଆସିପାରେ ବୋଲି ସେ କହିଛନ୍ତି। କାରଣ କେତେଜଣ ଭାରତୀୟଙ୍କ ପାଖରେ ବୈଧ ଦସ୍ତାବିଜ ଥିଲେ ମଧ୍ୟ ବ୍ରିଟେନ ସେମାନଙ୍କୁ ଡିପୋର୍ଟ କରିଛି। ବିଭିନ୍ନ ଦେଶରୁ ଭାରତୀୟ ଡିପୋର୍ଟ କରାଯିବା ଅବସରରେ ସେମାନଙ୍କ ସହ ଯେପରି ଅମାନବୀୟ ବ୍ୟବହାର ନ କରାଯାଏ, ସେଥିପାଇଁ ଏହି ଦେଶଗୁଡିକ ସହ ଭାରତ ସମ୍ପର୍କ ରକ୍ଷା କରିଆସୁଛି। ଉଲ୍ଲେଖଥାଉ କି, ଭାରତୀୟଙ୍କ ହାତ ଓ ଗୋଡରେ ଚେନ୍ ବାନ୍ଧି ଆମେରିକା ଡିପୋର୍ଟ କରିଥିଲା ଓ ଏ ନେଇ ସେତେବେଳେ କେନ୍ଦ୍ର ସରକାର ପ୍ରବଳ ସମାଲୋଚନାର ସମ୍ମୁଖୀନ ହୋଇଥିଲେ।



■ ଟ୍ରକ୍ ଧକ୍କାରେ ଜଳିଗଲା ବାଇକ୍

## ବାପା-ପୁଅ ମୃତ, ଭଣଜା ଗୁରୁତର

ପୋଡ଼ାଗଡ଼,୨।୮ (ସମିସ): କୋରାପୁଟ-ରାୟଗଡ଼ା ୩୨୬ନଂ ଜାତୀୟ ରାଜପଥର ପୋଡ଼ାଗଡ଼ ଅନୁସୂଚିତ ଜାତି ଓ ଜନଜାତି କନ୍ୟାଶ୍ରମ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ଭଣଜା ଗୁରୁତର ଆହତ ହୋଇଛି। ମୃତକଦ୍ୱୟ ହେଲେ, କୋରାପୁଟ ଟିକରା ସାହିର କୈଳାସ ଖରା ଓ ତାଙ୍କର ଚାରି ବର୍ଷର ପୁଅ। ସେହିପରି କୈଳାସଙ୍କ ଭଣଜା ଅମନ ରେଡ୍ଡୀଙ୍କୁ ଗୁରୁତର ଅବସ୍ଥାରେ ପୋଡ଼ାଗଡ଼ ମେଡିକାଲ ଏବଂ ପରେ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରକ୍ ଧକ୍କାରେ ବାଇକ୍‌ଟି ଘଟଣାସ୍ଥଳରେ ଜଳି ଯାଇଥିଲା।

ସୂଚନାନୁଯାୟୀ, ୪ବର୍ଷର ପୁଅ ଓ ଭଣଜା ଅମନ ସହ କୈଳାସ ଏକ ବାଇକ୍‌ରେ ଦଶମନ୍ତପୁର ବ୍ଲକ୍‌ର ଚଣାବାଡ଼ ଗ୍ରାମ ନିକଟସ୍ଥ ଏକ ମନ୍ଦିରକୁ ଯାଉଥିଲେ। ପୋଡାଗଡ଼ ଅନୁସୂଚିତ ଜାତି ଓ ଜନଜାତି କନ୍ୟାଶ୍ରମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଦ୍ରୁତ ଗତିରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବାଇକ୍‌ଟି ଜଳିଯିବା ସହ ବାପ-ପୁଅଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଅମନଙ୍କୁ ଉକ୍ତ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ରୁଦ୍ର ନାରାୟଣ ପାଢ଼ୀ ଓ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ପୋଡ଼ାଗଡ଼ ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ପୁଲିସ୍ କୈଳାସଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଇବା ସହ ଏନେଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ଅଧିକ ତଦନ୍ତ ଚଳାଉଥିବା କୋରାପୁଟ ସଦର ଥାନା ଅଧିକାରୀ ରୁନୁ ମାଝୀ କହିଛନ୍ତି।

## ଶିମିଳିପାଳରୁ ୫ ଶିକାରୀ ଗିରଫ; ୩ଟି ଦେଶୀ ବନ୍ଧୁକ ଜବତ



ବାରିପଦା, ୨।୮ (ସମିସ): ଶିମିଳିପାଳ ଜାତୀୟଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜାଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ୫ଜଣ ଶିକାରୀ ଧରାପଡ଼ିଛନ୍ତି। ସେମାନେ ହେଲେ, କାହ୍ନୁ ଜାମଦା ସିଂ(୩୦), ପ୍ରଦୀପ ସିଂ(୩୧), ସୋମନାଥ ସିଂ(୩୫), ଗୌର ସିଂ(୨୪) ଓ ଦେବେନ୍ଦ୍ର ସିଂ(୨୦)। କ୍ୟାମେରା ସହାୟତାରେ ଏହି ୫ଜଣ ଶିକାରୀଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ୩ଟି ଦେଶୀ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ, ଶିକାରୀମାନେ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ପଶିଥିଲେ। ସେମାନଙ୍କ ଫଟୋ ଏଆଇ କ୍ୟାମେରାରେ କଏଦ ହୋଇଥିଲା। ଏହାକୁ ଆୟୁଧ କରି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ୍ କର୍ମଚାରୀମାନେ ମିଳିତ ଭାବେ ଶିକାରୀଙ୍କ ଘରେ ଚଢ଼ଉ କରିଥିଲେ। ପରେ ଗିରଫ ଶିକାରୀମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମଧ୍ୟାହ୍ନ ଭୋଜନରେ ଝିଟିପିଟି

**୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ**



ଟିଟିଲାଗଡ଼,୨।୮ (ସମିସ): ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡ଼ିଯିବାରୁ ୭୦ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍‌ର ତେତେଲଖୁଣ୍ଟି ଗାଁ ବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସେମାନଙ୍କୁ ଟିଟିଲାଗଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁସାରେ, ଶନିବାର ତେତେଲଖୁଣ୍ଟି ଗାଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା। ପ୍ରାୟ ୭୦ରୁ ୭୫ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଣ୍ଟାସାରିବା ପରେ ଖାଦ୍ୟରେ ଝିଟିପିଟି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ସମୟ ମଧ୍ୟରେ ଅନେକ ଛାତ୍ରଛାତ୍ରୀ ଖାଦ୍ୟ ଖାଇ ସାରିଥିଲେ। ପରେ କିଛି ଛାତ୍ରଛାତ୍ରୀଙ୍କ ପେଟ ବଥା ହେବା ସହ ମୁଣ୍ଡ ବୁଲାଇଥିଲା। ସେଥିମଧ୍ୟରୁ କିଛି ଛାତ୍ରଛାତ୍ରୀ ବାନ୍ତି କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଟିଟିଲାଗଡ଼ ହସପିଟାଲରେ ଭର୍ତ୍ତି କରାଇଥିଲେ। ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଭର୍ତ୍ତି କରାଯାଇଥିଲା।

ଅପରପକ୍ଷେ, ସ୍କୁଲର ଶିକ୍ଷକ ଓ ପାଚିକାଙ୍କ ଅବହେଳା ଯୋଗୁଁ ଏଭଳି ଛାତ୍ରଛାତ୍ରୀ କଷ୍ଟ ପାଇଥିବା ଅଭିଭାବକ ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନଥିବାରୁ ଛାତ୍ରଛାତ୍ରୀ ଅନେକ ସମୟରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଟିଟିଲାଗଡ଼ ଏସ୍‌ଡିଏମଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଟିଟିଲାଗଡ ହସପିଟାଲ ଆସିଲେଣି ଓ ସମସ୍ତଙ୍କ ଅବସ୍ଥା ଠିକ୍ ଅଛି ଓ ତାଙ୍କ ଚିକିତ୍ସା ଚାଲିଛି।

**ଶିକ୍ଷାଦାନ ପାଇଁ ନାହାନ୍ତି ଅଧ୍ୟାପକ**

# ଡେପୁଟେସନ୍‌ରେ ମାଲମାଲ

ଭୁବନେଶ୍ୱର,୨।୮ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ନାହାନ୍ତି ପର୍ଯ୍ୟାପ୍ତ ଅଧ୍ୟାପକ। ବିଶ୍ୱବିଦ୍ୟାଳୟରେ ପ୍ରାୟ ୬୨ ପ୍ରତିଶତରୁ ଅଧିକ ଅଧ୍ୟାପକ ପଦ ଖାଲି ପଡ଼ିଛି। ସେହିପରି ସରକାରୀ ମହାବିଦ୍ୟାଳୟ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ୫୦ ପ୍ରତିଶତରୁ ଅଧିକ ପଦ ଖାଲି ରହିଛି। ଅଧ୍ୟାପକ ଅଭାବରୁ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଗୁଣାତ୍ମକ ମାନ ହ୍ରାସ ପାଉଛି। ଏସବୁ ପଦରେ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ମଧ୍ୟ ନେଉନାହାନ୍ତି। ଅପରପକ୍ଷରେ ନିଯୁକ୍ତ ଅଧ୍ୟାପକଙ୍କ ମଧ୍ୟରୁ ବହୁ ଅଧ୍ୟାପକଙ୍କୁ ଡେପୁଟେସନ୍‌ରେ ବିଭାଗକୁ ବଦଳି କରାଯାଉଛି। ଶିକ୍ଷାଦାନ ବଦଳରେ ସେମାନଙ୍କୁ କିରାଣୀ କାର୍ଯ୍ୟ କରାଯାଉଛି। ଯାହା ଗୁଣାତ୍ମକ ଶିକ୍ଷାଦାନ ନେଇ ସରକାରଙ୍କ ପ୍ରତିବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ରାଜଧାନୀର ପ୍ରତିଷ୍ଠିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ସର୍ବାଧିକ ୪ଜଣ ଅଧ୍ୟାପକ ଡେପୁଟେସନ୍‌ରେ ଅଛନ୍ତି। ମାନବଶାସ୍ତ୍ର (ଆନ୍ଥ୍ରୋପଲୋଜି) ବିଭାଗର ସମ୍ପ୍ରିତି ପଣ୍ଡା, ରସାୟନ ବିଜ୍ଞାନ ଅଧ୍ୟାପକ ସରୋଜ ପ୍ରଧାନ, କମ୍ପ୍ୟୁଟର୍ ସାଇନ୍ସ ବିଭାଗର ଅଧ୍ୟାପକ ପାଣ୍ଡବ ପ୍ରଧାନ ଓ ଓଡ଼ିଆ ଅଧ୍ୟାପକ ଶୁଭ୍ରାଂଶୁ ବେହେରା ଡେପୁଟେସନ୍‌ରେ ଯାଇ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି।

■ ଅଧ୍ୟାପକଙ୍କୁ କିରାଣି ସଜାଇଛି ଉଚ୍ଚଶିକ୍ଷା ବିଭାଗ
■ ହାଜିରା ଦେଇ ଦରମା ନେଉଛନ୍ତି ୩୩ ଅଧ୍ୟାପକ
■ ପ୍ରଭାବଶାଳୀଙ୍କ ସମ୍ପର୍କୀୟଙ୍କୁ ଥଇଥାନ ପାଇଁ ପ୍ରତିଯୋଗିତା!

ଅନୁରୂପ ଭାବେ କଟକସ୍ଥିତ ଶୈଳବାଳା ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଡ. ସ୍ମରଣିକା ଦାସ ଓ ଗଣିତ ଅଧ୍ୟାପିକା ପ୍ରଭାତ ମଞ୍ଜରୀ ମହାନ୍ତି, ରାଜଧାନୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ହୃଷୀକେଶ ନାୟକ ଏବଂ ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ଅଧ୍ୟାପିକା ରୁପସା ମହାପାତ୍ର ଡେପୁଟେସନ୍‌ରେ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି। ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୮ ଜଣ ଅଧ୍ୟାପକ/ଅଧ୍ୟାପିକା ଡେପୁଟେସନ୍‌ରେ ଥିବା ବେଳେ ବିଏଡ୍ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୫ଜଣ ଅଧ୍ୟାପକ ବିଭାଗରେ କାର୍ଯ୍ୟରତ ଅଛନ୍ତି।

ଏମାନଙ୍କ ମଧ୍ୟରୁ ଅନେକଙ୍କୁ କୌଣସି ନିର୍ଦ୍ଦିଷ୍ଟ ଦାୟିତ୍ୱ ମିଳି ନଥିବା ବେଳେ କେବଳ ହାଜିରା ଦେଇ ଫେରୁଛନ୍ତି। ଆଉ କିଛି ଅଧ୍ୟାପକ କିରାଣୀ କାମ କରୁଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର୍ ଷ୍ଟେଜ୍-୧, ଷ୍ଟେଜ୍-୨ ଓ ଷ୍ଟେଜ୍-୩ ରାଙ୍କର ଅଧ୍ୟାପକମାନେ ଯଦି କିରାଣି କାମ କରିବେ, ତାହେଲେ ଶିକ୍ଷାଦାନ କିଏ କରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି, ୮ ହଜାର ଗ୍ରେଡ୍-ପେ’ ପାଉଥିବା ପ୍ରାୟ ୩୩ଜଣ ଅଧ୍ୟାପକ ଶିକ୍ଷାଦାନ ନକରି ମୋଟା ଅଙ୍କର ଦରମା ନେଉଛନ୍ତି। ଏସବୁ କାହା ସ୍ୱାର୍ଥରେ ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ସରକାରଙ୍କ ଏପରି ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଶୈକ୍ଷିକ ମାନ କ୍ରମାଗତ ହ୍ରାସ ପାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି।

ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଉଚ୍ଚଶିକ୍ଷା ବିଭାଗ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ପ୍ରଭାବଶାଳୀଙ୍କ ସମ୍ପର୍କୀୟଙ୍କୁ ବିଭାଗକୁ ଡେପୁଟେସନ୍‌ରେ ଆଣିବାକୁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଭାଗରେ ଏତେ ଅଧିକାରୀ ବସିବା ପାଇଁ ଜାଗା ମଧ୍ୟ ନାହିଁ। ଗୋଟିଏ ପ୍ରକୋଷ୍ଠରେ ୪ରୁ ୬ଜଣ ଅଧିକାରୀ କାର୍ଯ୍ୟ କରୁଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ଆରମ୍ଭ ହୋଇଥିବା ଏହି ଡେପୁଟେସନ୍ ପରମ୍ପରା ଆଗକୁ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

## ବିଲ ମଝିରେ ନିଜ ଦେହରେ ନିଆଁ ଲଗାଇଦେଲେ

ଶୁକ୍ଳି/ଖୃଟିଂ,୨।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ୍ ଖୃଟିଂ ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଖୃଟିଂ ମହାବିଦ୍ୟାଳୟ ସମ୍ମୁଖ ଏକ ବିଲ ମଧ୍ୟରେ ଜଣେ ମହିଳା ଓ ପୁରୁଷ ନିଜ ଉପରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏଥିରେ ମହିଳାଙ୍କ ମୃତ୍ୟୁ ଘଟିଥିବା

**ମହିଳା ମୃତ; ପୁରୁଷ ଗୁରୁତର**

ବେଳେ ପୁରୁଷଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ସ୍ଥାନୀୟ ପାତାସାହିର ଭାରତୀ ପାତ୍ର। ଗୁରୁତର ହୋଇଥିବା ରାଇରଙ୍ଗପୁରର ହରିଶଙ୍କର ଆଚାର୍ଯ୍ୟଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ସ୍ଥାନାନ୍ତର କରାଯାଇଛି। ହରିଶଙ୍କର ବିବାହିତ ଓ ଖୃଟିଂ ପଣସି ଗ୍ରାମରେ ତାଙ୍କ ଶ୍ୱଶୁର ଘର। ମୃତ ମହିଳାଙ୍କ ଶଶୁର ଘର ଯାଜପୁର ଅଞ୍ଚଳରେ। ସେ ଭଲ ପାଇ ସେତେବେଳେ ବିବାହ କରିଥିଲେ। ତାଙ୍କ ଝିଅକୁ ଧରି ସେ ବାପଘର ଖୃଟିଂରେ ଦୀର୍ଘ ଦିନ ଧରି ରହୁଥିଲେ। ହେଲେ, କେଉଁ କାରଣରୁ ଦୁହେଁ ଆତ୍ମାହୁତି ପାଇଁ ନିଷ୍ପତ୍ତି ନେଲେ ତାହାର କାରଣ ଜଣାପଡ଼ିନାହିଁ। ପରକୀୟା ପ୍ରୀତି ପାଇଁ ଏଭଳି ପରିସ୍ଥିତି ଘଟିଥିବା ଆଲୋଚନା ହେଉଛି। ରରୁଆଁ ପୁଲିସର ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ସୂଚନାନୁସାରେ, ଶନିବାର ସକାଳ ସାଢ଼େ ୮ଟା ବେଳେ ଏକ ବିଲ ମଝିରେ ଉଭୟ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉଭୟ ଜଳିଯାଉଥିବା ଦେଖି ନିକଟରେ ଥିବା ମହିଳାଙ୍କ ଭାଇ ଓ ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଶୁକ୍ଳି ମେଡିକାଲରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଭାରତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ହୁତୁହୁତୁ ହୋଇ ଜଳିଗଲା ଶାଢ଼ି ଦୋକାନ

ଉଦଳା, ୨।୮ (ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ଏକ ଲୁଗା ଦୋକାନରେ ନିଆଁ ଲାଗିଯିବାରୁ ପ୍ରାୟ ୭୦ ଲକ୍ଷ ଟଙ୍କାର ଶାଢ଼ି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉଦଳା ସହରର ରଥ ଛକ ନିକଟରେ ଥିବା ନ୍ୟୁ-ଶାଢ଼ିମହଲ ଦୋକାନରେ ଗତକାଲି ରାତିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ହେଲେ ସଟର୍ ଭିତରୁ ଧୂଆଁ ବାହାରିବାରୁ ରାତି ଜଗୁଆଳି ଏହା ଦେଖି ତୁରନ୍ତ ଦୋକାନ ମାଲିକଙ୍କୁ ଫୋନ ଯୋଗେ ଜଣାଇଥିଲା। ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଉଦଳା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୩ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଦୋକାନରେ ଥିବା ବହୁ ମୂଲ୍ୟବାନ ଶାଢ଼ି, ପାଟଶାଢ଼ି ସମେତ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ୭୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରା ଶାଢ଼ି, ପୋଷାକ ସମେତ ବହୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ତେବେ ଏହି ଅଗ୍ନିକାଣ୍ଡ ସଟ୍‌ସର୍କିଟ୍‌ର ହୋଇଥିବା ସନ୍ଦେହ କରାଯାଉଛି। ଏନେଇ ଦୋକାନ ମାଲିକ ଲକ୍ଷ୍ମୀନାରାୟଣ ପରିଡ଼ାଙ୍କୁ ପଚାରିବାରୁ ରାତିରେ ଦୋକାନ ବନ୍ଦ କରି ଘରୁ ପଳାଇଥିଲା। ମାତ୍ର ନିଆଁ କିପରି ଲାଗିଲା, ତାହା ଜାଣି ନଥିବା ସେ କହିଛନ୍ତି।

୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ



**ଗର୍ଜିଲା ପୁଲିସ୍ ବନ୍ଧୁକ**

## ଏନ୍‌କାଉଣ୍ଟର୍‌ରେ ଦୁର୍ଦ୍ଧାନ୍ତ ସୁନୀଲ ଗୁରୁତର

ବ୍ରହ୍ମପୁରର/ରଙ୍ଗେଇଲୁଣ୍ଡା,୨।୮ (ସମିସ): ହତ୍ୟା, ଲୁଟ, ଦାଦାବଟି ଆଦାୟ ଓ ବନ୍ଧୁକ ମୁନରେ ହତ୍ୟା ଧମକ ଦେବା ଭଳି ୨୦ରୁ ଅଧିକ ସଙ୍ଗୀନ ମାମଲାରେ ସମ୍ପୃକ୍ତ ଥିବା ଦୁର୍ଦ୍ଧାନ୍ତ ଅପରାଧୀ ସୁନୀଲ ନାହକ ଓରଫ୍ ମଲ୍ଲକୁ ଶନିବାର ବ୍ରହ୍ମପୁର ପୁଲିସ୍ ଏନକାଉଣ୍ଟର୍ କରିଛି। ସୁନୀଲର ବାମ ଗୋଡ଼ରେ ଗୋଟିଏ ଗୁଳି ବାଜିଛି। ତାକୁ ଚିକିତ୍ସା ଲାଗି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ୍ ତା’ ପାଖରୁ ନଗଦ ୨୧ହଜାର ଟଙ୍କା, ଗୋଟିଏ ମାଉଜର, ୩ଟି ଗୁଳି ଏବଂ ଘଟଣାସ୍ଥଳରୁ ଦୁଇଟି ଖୋକା ଜବତ କରିଛି। ତେବେ





ଘଟଣାସ୍ଥଳରୁ ସୁନୀଲର ସହଯୋଗୀମାନେ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

ଗତ କିଛି ମାସ ଧରି ଗୋପାଳପୁର, ନିମଖଣ୍ଡି, ଗୋଳନ୍ଥରା ଓ ବ୍ରହ୍ମପୁର ସହରରେ ଏକାଧିକ ଛିନତାଇ ଓ ଲୁଟ ଭଳି ଘଟଣା ଘଟିଥିବା ବେଳେ ଏକାଧିକ ଘଟଣାରେ ବନ୍ଧୁକ ବ୍ୟବହାର ହୋଇଛି। ଅଭିଯୋଗ ଆଧାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ବଛାବଛା ପୁଲିସ ଅଧିକାରୀଙ୍କୁ ନେଇ ୩ଟି ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ଗଠିତ ଟିମ୍‌ରେ ସଦର ଏସ୍‌ଡିପିଓ ଏସଏସ ପରିଡ଼ା, ଡିଏସପି ବିବେକାନନ୍ଦ ସ୍ୱାଇଁ, ଇନ୍ସପେକ୍ଟର୍ କୃଷ୍ଣ ସାହା, ସବ୍‌ଇନ୍ସପେକ୍ଟର୍ ସିଲୁ ଧଳ, ଅଭିଷେକ ପାଣ୍ଡବ, ଗଗନ ବେହେରା, ଜ୍ଞାନ ବେହେରା ଓ ଏଏସ୍‌ଆଇ ଆର.ସି. ଚୌଧୁରୀଙ୍କ ସମେତ ମୋଟ ୧୨ଜଣ ଅଧିକାରୀ ରହିଛନ୍ତି। ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଭିନ୍ନ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ତଦନ୍ତ ବେଳେ ନିକଟରେ ଘଟିଥିବା ବିଭିନ୍ନ ଲୁଟ୍ ଘଟଣାରେ ସୁନୀଲର ହାତ ଥିବା ପୁଲିସ୍ ଜାଣିବାକୁ ପାଇଥଲା। ସୁନୀଲ ଓ ତା’ର ସହଯୋଗୀ ପିତାତଳି ନିକଟରେ ଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ପହଞ୍ଚି ସୁନୀଲକୁ କାବୁ କରିବାକୁ ଚେଷ୍ଟା କରିଥିଲା। ଏହା ଦେଖି ସୁନୀଲ ପୁଲିସ୍ ଉପରକୁ ଗୁଳି କରିଥିଲା। ଗୋଟିଏ ଗୁଳି ପୁଲିସ୍ ଗାଡ଼ିରେ ବାଜିଥିବା ବେଳେ ପୁଲିସ୍ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ପୁଲିସ୍ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ସୁନୀଲର ବାମ ଗୋଡ଼ରେ ଗୁଳି ବାଜିଥିଲା। ପରେ ପୁଲିସ୍ ଆହତ ସୁନୀଲକୁ କାବୁ କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲା। ଅପରପକ୍ଷେ, ଏହା ଦେଖି ସୁନୀଲର ସହଯୋଗୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସପି ଦୃଢୋକ୍ତି ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସୁନୀଲ ନାମରେ ପୂର୍ବରୁ ଦୁଇଟି ହତ୍ୟା, ୬ଟି ଲୁଟ, ଦାଦାବଟି ଆଦାୟ,

■ ସୁନୀଲ ନାମରେ ରହିଛି ୨୦ରୁ ଅଧିକ ମାମଲା
■ ଘଟଣାସ୍ଥଳରୁ ସୁନୀଲର ସହଯୋଗୀ ଫେରାର୍
■ ମାଉଜର୍, ମାଗାଜିନ, ୩ଟି ଅଫୁଟା ଗୁଳି ଜବତ

ବନ୍ଧୁକ ମୁନରେ ହତ୍ୟା ଧମକ ଦେବା ଭଳି ୨୦ରୁ ଉର୍ଦ୍ଧ୍ୱ ସଙ୍ଗୀନ ମାମଲା ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ରହିଥିବା ଜଣାପଡ଼ିଛି। ୬ବର୍ଷ ତଳେ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ହୋଇଥିବା ୧୨ଟି ଲୁଟ୍ ଘଟଣା ଏବଂ ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ୯ଜଣିଆ ଏକ ଅପରାଧୀ ଗ୍ୟାଙ୍ଗକୁ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କବିସୂର୍ଯ୍ୟନଗର ଆଇ.ବି ରୋଡ୍‌ର ସୁନୀଲ ମହାନ୍ତି ଓରଫ୍ ସୁନୀଲ ନାହକ ଓରଫ୍ ମଲ୍ଲ ସାମିଲ ଥିଲା। ଗିରଫ ବେଳେ ତା’ଠାରୁ ବହୁ ଗୁଳିଗୋଳା ଓ ମାରଣାସ୍ତ୍ର ଜବତ ହୋଇଥିଲା।

## ଟ୍ରକ୍‌କୁ ପଛରୁ ପିଟିଲା ଟ୍ରାଭେଲର୍; ୭ ଯବାନ ଗୁରୁତର

ଅନୁଗୋଳ,୨।୮ (ସମିସ): ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ମୁଣ୍ଡାସାହିଠାରେ ଏକ ଦୁର୍ଘଟଣା ଘଟି୧୦ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ୨ୟ ବାଟାଲିୟନର ୧୪ଜଣ ଯବାନଙ୍କୁ ନେଇ ଏକ ଟ୍ରାଭେଲର ଗାଡ଼ି ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ମୁଣ୍ଡାସାହିଠାରେ



ଜାତୀୟ ରାଜପଥ ଉପରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ଟ୍ରାଭେଲର୍ ଧକ୍କା ହୋଇଥିଲା। ଫଳରେ ସେଥିରେ ଥିବା ଯବାନମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଗୁରୁତର ୭ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସାମାନ୍ୟ ଆହତ ହୋଇଥିବା ୩ ଜଣଙ୍କ ସମେତ ୫ ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

## ପୋଖରୀରେ ବୁଡ଼ି ୨ ନାବାଳକ ମୃତ

ମୋହନା, ୨।୮ (ସମିସ): ଶୌଚ ପାଇଁ ଯାଇ ପୋଖରୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ଘଟଣା ଘଟିଛି, ଗଜପତି ଜିଲ୍ଲା ଅଡ଼ବା ଥାନା ବିରିକୋଟ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗଣ୍ଡା ଗ୍ରାମରେ। ଶନିବାର ସନ୍ଧ୍ୟାରେ ଗ୍ରାମର ଅଜୟ ନାୟକଙ୍କ ନାବାଳକ ପୁଅ ଆଦିତ୍ୟ ନାୟକ(୧୨) ଏବଂ ଆକାଶ ନାୟକଙ୍କ ପୁଅ ଆୟେଜା ନାୟକ ଗ୍ରାମ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ୨ ନାବାଳକଙ୍କୁ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ପରିବାରବର୍ଗ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ନେଇ ମେଡିକାଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେବାବେଳେ ପରିବାରବର୍ଗ କିନ୍ତୁ ମୃତଦେହ ନେଇ ନିଜ ଗ୍ରାମକୁ ଚାଲିଯାଇଥିଲେ। ଏନେଇ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡାଙ୍କ ସହ ଯୋଗାଯୋଗ କରାଯିବାରେ ଘଟଣା ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

**ମହାନଦୀ ଜଳ ବିବାଦ**

# ସମାଧାନ ପାଇଁ ଟ୍ରିପଲ୍ ଇଞ୍ଜିନ ବିଜେପି ସରକାରର ଆନ୍ତରିକତା ନାହିଁ: ବିଜେଡି

ଭୁବନେଶ୍ୱର,୨।୮ (ସମିସ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଆପୋସ ଆଲୋଚନାକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଦେଇଥିବା ମନ୍ତବ୍ୟକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି। ଆପୋସ ଆଲୋଚନା ପାଇଁ କେଉଁ କେଉଁ ଦିଗରେ ଆଲୋଚନା ହେବ, ତାହା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ଅଣ-ମୌସୁମୀ ସମୟରେ ଆବଶ୍ୟକ ପରିମାଣର ଜଳ ଓଡ଼ିଶାକୁ ମିଳିବା ନିହାତି ଆବଶ୍ୟକ। ଆଲୋଚନାର ବିଷୟ ରାଜ୍ୟ ସ୍ୱାର୍ଥର ପରିପନ୍ଥୀ ନହେଉ ବୋଲି ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି, ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀର ଉପର ମୁଣ୍ଡରେ ଅନେକଗୁଡ଼ିଏ ବ୍ୟାରେଜ ନିର୍ମାଣ କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ସରକାରଙ୍କ ଦ୍ୱାରା ପ୍ରତିବାଦ କରାଯାଇଥିଲା। ହେଲେ ସେତେବେଳର ଛତିଶଗଡ଼ର ରମଣ ସିଂଙ୍କ ନେତୃତ୍ୱାଧୀନ ବିଜେପି ସରକାର ଏହାକୁ କର୍ଣ୍ଣପାତ କରିନଥିଲେ। ପରେ ୨୦୧୬ ମସିହାରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଉମା ଭାରତୀଙ୍କ ମଧ୍ୟସ୍ଥତାରେ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ ଓ ଉଭୟ ରାଜ୍ୟର ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଓ ଛତିଶଗଡ଼ ସରକାରଙ୍କ ସହଯୋଗ ନମିଳିବାରୁ, ଏହି ଜଳ ବିବାଦର ସମାଧାନ ଦିଗରେ ବିଶେଷ ଅଗ୍ରଗତି ହୋଇନଥିଲା। ଏହାପରେ ଓଡ଼ିଶା ସରକାର ସର୍ବୋଚ୍ଚ

■ ଆପୋସ ଆଲୋଚନା ପାଇଁ କେଉଁ କେଉଁ ଦିଗରେ ଆଲୋଚନା ହେବ, ତାହା ସ୍ପଷ୍ଟ ହେଉ
■ ଆଲୋଚନାର ବିଷୟ ରାଜ୍ୟ ସ୍ୱାର୍ଥର ପରିପନ୍ଥୀ ନହେଉ

ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ସେବେଠାରୁ ଏହି ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି।

ଶ୍ରୀ ମିଶ୍ର ଆହୁରି କହିଥିଲେ, ଏବେ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଥିବାରୁ ଆପୋଷ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ସମ୍ଭବ ହେବ ବୋଲି ପୁଣିଥରେ ଏହାର ଆଲୋଚନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତ ୨୪ତାରିଖରେ ଏହି ପ୍ରସ୍ତାବିତ ଆପୋଷ ଆଲୋଚନାରେ କେଉଁ କେଉଁ ବିନ୍ଦୁରେ ଏହି ବିବାଦର ସମାଧାନ ପାଇଁ ଆଲୋଚନା କରାଯାଉଛି, ତାହା ରାଜ୍ୟର ସ୍ୱାର୍ଥର ପରିପନ୍ଥୀ ନୁହେଁ ତ ବୋଲି ପ୍ରଶ୍ନ କରିଥିଲେ। ଅପରପକ୍ଷେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଜୁଲାଇ ୨୫ ତାରିଖରେ ଆପୋଷ ଆଲୋଚନା ପାଇଁ ଲେଖାଯାଇଥିବା ଚିଠିର ଉତ୍ତର ଆଜି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦେଇଛନ୍ତି।

ଏହି ଚିଠିରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଚିଠି ତାଙ୍କର ହସ୍ତଗତ ହୋଇଛି ଓ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନା ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ସେ ଲେଖିଛନ୍ତି। କିନ୍ତୁ, ଏହି ଆପୋସ ଆଲୋଚନା ପ୍ରସ୍ତାବକୁ ସେ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ପଷ୍ଟୋକ୍ତି କରିନାହାନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ। ତେଣୁ ଏ ବିଷୟରେ ପ୍ରଥମେ ସ୍ପଷ୍ଟୋକ୍ତି ଆସିବା ଦରକାର। ଏହାଛଡ଼ା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟ ହେବା ଦରକାର ବୋଲି ଶ୍ରୀ ମିଶ୍ର କହିଥିଲେ।

## ଏନ୍‌ଆଇଏ ଏସ୍‌ପି ହେଲେ ସାଗରିକା ନାଥ

ଭୁବନେଶ୍ୱର,୨।୮ (ସମିସ): ୨୦୧୬ ଓଡ଼ିଶା କ୍ୟାଡର ଆଇପିଏସ୍ ସାଗରିକା ନାଥଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏର ଏସ୍‌ପି ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏନ୍‌ଆଇଏରେ ଏସ୍‌ପି ଭାବେ ସାଗରିକା ନାଥଙ୍କୁ ନିଯୁକ୍ତି ଦିଆଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ଭାରତୀୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ମୁଖ୍ୟ ସଚିବଙ୍କୁ ୨୦୨୫ ଜୁଲାଇ ୩୧ରେ ଚିଠି ଲେଖାଯାଇଛି। ତାଙ୍କୁ ଓଡ଼ିଶା ଏନଆଇଏ ଦାୟିତ୍ୱ ମିଳିପାରେ ବୋଲି କୁହାଯାଉଛି। ଉଲ୍ଲେଖନୀୟ ଯେ ରାଜ୍ୟରେ ଟ୍ରାଫିକ ନିୟମ ପାଳନ ନେଇ ଏବଂ କଡ଼ାକଡ଼ି ନିୟମ ଲାଗୁ ନେଇ ବେଶ ଚର୍ଚ୍ଚାରେ ଥିଲେ ସାଗରିକା ନାଥ। ୩୭ ବର୍ଷୀୟା ସାଗରିକ ନାଥ ହେଉଛନ୍ତି ୨୦୧୬ ବ୍ୟାଚର ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର। କେନ୍ଦ୍ରୀୟ ଡେପୁଟେସନରେ ଯାଉଥିବା ସାଗରିକାଙ୍କୁ ଏନଆଇଏର ଏସପି ଭାବେ ନିଯୁକ୍ତ ଦିଆଯାଇଛି। ସେ ଏବେ ଖୋର୍ଦ୍ଧା ଏସପି ଭାବେ



କାର୍ଯ୍ୟରତ। ଏହା ପୂର୍ବରୁ ସେ ବାଲେଶ୍ୱର ଏବଂ ସୁନ୍ଦରଗଡ଼ରେ ଏସ୍‌ପି ଭାବେ କାମ କରିଥିଲେ। ଭୁବନେଶ୍ୱର କମିସନରେଟ୍ ପୁଲିସରେ ଥିବା ବେଳେ ଚାଳକଙ୍କ ପ୍ରତି ନିଜର ଉତ୍ତମ ବ୍ୟବହାର ଓ ଟ୍ରାଫିକ୍ ନିୟକ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚର୍ଚ୍ଚାରେ ଥିଲେ ସାଗରିକା। ତାଙ୍କୁ ଏନଆଇଏ ଭୁବନେଶ୍ୱର ଏସ୍‌ପି ଅଫିସରେ ନିଯୁକ୍ତି ମିଳିପାରେ ବୋଲି କୁହାଯାଉଛି। ଏନେଇ ସାଗରିକା ନାଥ କହିଛନ୍ତି ଯେ ତାଙ୍କୁ ପ୍ରଥମେ ଦିଲ୍ଲୀରେ ଯୋଗଦେବାକୁ ପଡ଼ିବ। ପରେ ତାଙ୍କ ଏନ୍‌ଆଇଏ ଡିଜି ଯେଉଁଠି ନିଯୁକ୍ତି ଦେବେ ତାହା ସେ ଗ୍ରହଣ କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ସାଗରିକାଙ୍କ ମୂଳ ଘର ହେଉଛି ଢେଙ୍କାନାଳ ଜିଲ୍ଲାରେ। ତାଙ୍କ ବାପା ପ୍ରଦୀପ କୁମାର ନାଥ ନାଲକୋରେ ଡିଜିଏମ୍ ଥିଲେ। ଦାଦା ସୁଶାନ୍ତ ନାଥ ମଧ୍ୟ ଓଡ଼ିଶା କ୍ୟାଡର୍

**ଭୁବନେଶ୍ୱର ଏନ୍‌ଆଇଏ ଅଫିସରେ ହୋଇପାରନ୍ତି ନିଯୁକ୍ତି**

ଆଇପିଏସ୍। ସେ କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ବିଶାଖାପାଟଣାରେ ଯୁକ୍ତଦୁଇ ପଢ଼ିବା ପରେ ଭୁବନେଶ୍ୱରସ୍ଥିତ ସିଇଟିରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଡିଗ୍ରି ହାସଲ କରିଥିଲେ। ୟୁପିଏସ୍‌ସି ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦୧୬ ମସିହାରେ ଭାରତୀୟ ପୁଲିସ ସେବାରେ ଯୋଗଦେଇଥିଲେ ସାଗରିକା।

## ଯାଜପୁର ରୋଡ଼-ଧାମରା ରେଳପ୍ରକଳ୍ପ

# ରାଜ୍ୟପାଳଙ୍କ ପ୍ରତିଶ୍ରୁତି ପରେ ଗଣଧାରଣା ନିଷ୍ପତ୍ତି ସ୍ଥଗିତ

ଯାଜପୁର, ୨୮ (ସମିସ)

ଯାଜପୁରରୋଡ୍-ଧାମରା ରେଳପଥ ପ୍ରକଳ୍ପ ପାଇଁ ନେଟ୍‌ୱର୍କ ପ୍ଲାନିଂ ଗ୍ରୁପ (ଏନ୍‌ପିଜି)ର ପ୍ରତିକୂଳାତ୍ମକ ଆଭିମୁଖ୍ୟର ପ୍ରତିବାଦ ଜଣାଇ ଏବଂ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବି କରି ଆଜି ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କୁ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯାଜପୁର ଜିଲ୍ଲାର ସଦର ମହକୁମା ତଥା ଓଡ଼ିଶାର ପ୍ରାଚୀନତମ ରାଜଧାନୀ ସହ ରେଳ ସଂଯୋଗ ପ୍ରତିଷ୍ଠା ପରି ଜରୁରୀ ଆବଶ୍ୟକତା ଥାଇ ମଧ୍ୟ ଏନ୍‌ପିଜି ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ଏହା ସହ ବିରଜା କ୍ଷେତ୍ର ସମେତ ବ୍ୟାସ ସରୋବର, ଆଖଣ୍ଡଳମଣିର ଶୈବପୀଠ, ଧାମରାଇ ମନ୍ଦିର, ଭିତର କନିକାର ଜାତୀୟ ଉଦ୍ୟାନକୁ କେନ୍ଦ୍ର କରି ପର୍ଯ୍ୟଟନ ଶିଳ୍ପର ବିକାଶ ପ୍ରସଙ୍ଗ ପ୍ରତି ଅଣଦେଖା କରିଛି। କେନ୍ଦୁଝର, ତାଳଚେର ଓ ସୁକିନ୍ଦାର ଖଣିଜ ସମ୍ପଦ



ଏବଂ କଳିଙ୍ଗ ନଗରର ଶିଳ୍ପଜାତ ଦ୍ରବ୍ୟ ପରିବହନର ସୁବ୍ୟବସ୍ଥାକୁ ବିଚାରକୁ ନେବାକୁ ଅସ୍ୱୀକାର କରିଛି। ବୈତରଣୀ, ଖରସ୍ରୋତା ଓ ସାଳନ୍ଦୀ ଅବବାହିକାର କୃଷିଜୀବୀ ଓ ମତ୍ସ୍ୟଜୀବୀଙ୍କ ଭାଗ୍ୟୋଦୟ ପ୍ରତି ଧ୍ୟାନ ଦେଇନାହିଁ। ସର୍ବୋପରି ଶତକଡା ୨୪.୨୨ ପ୍ରତିଶତ ପର୍ଯ୍ୟନ୍ତ ଲାଭ ଉପାର୍ଜନର ସମ୍ଭାବନା ଥିବା ଏକ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ କୁଣ୍ଠା ପ୍ରକାଶ କରିଛି। ଏହି ପୃଷ୍ଠଭୂମିରେ ପ୍ରକଳ୍ପ ମଞ୍ଜୁରୀ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବା ଏବଂ ଜମି ଅଧିଗ୍ରହଣ ବାବଦ ବ୍ୟୟ ସମେତ ପ୍ରକଳ୍ପ ନିର୍ମାଣ ଖର୍ଚ୍ଚର ଦାୟିତ୍ୱ ଆଂଶିକ ଭାବେ ବହନ ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ନିମନ୍ତେ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ରାଜ୍ୟପାଳଙ୍କୁ ଦାବି କରାଯାଇଥିଲା। ରାଜ୍ୟପାଳ ତାଙ୍କ ପ୍ରତ୍ୟୁତ୍ତରରେ ପ୍ରକଳ୍ପଟିକୁ ମଞ୍ଜୁରୀ ପ୍ରଦାନ ପାଇଁ ରେଳମନ୍ତ୍ରୀଙ୍କୁ ସୁପାରିଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟପାଳଙ୍କ ସହ ଏହି ଆଲୋଚନା ପରେ ଆସନ୍ତା ୪ ତାରିଖରେ ରାଜଭବନ ସମ୍ମୁଖରେ ହେବାକୁ ଥିବା ଗଣଧାରଣା କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଆଜିର ଏହି ପ୍ରତିନିଧି ଦଳରେ ସଂଗ୍ରାମ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସଙ୍କ ସମେତ ଦେବେନ୍ଦ୍ର ପଣ୍ଡା, ମଳୟ କୁମାର ପଣ୍ଡା, ଦିଲ୍ଲୀପ କୁମାର ଦଳେଇ, ପ୍ରଫୁଲ୍ଲ ନାୟକ, ଚନ୍ଦ୍ରଶେଖର ନାୟକ, ରାକେଶ ସାହୁ, ବିଶ୍ୱଜିତ୍ ମହାପାତ୍ର, ନଟବର ମହାନ୍ତି, ମହେନ୍ଦ୍ର କୁମାର ମଲ୍ଲିକ ଓ କାମାକ୍ଷା ପ୍ରସାଦ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସିଂହପୁର ଷ୍ଟେଟ୍‌ବ୍ୟାଙ୍କ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ସିଂହପୁର, ୨୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଷ୍ଟେଟ୍‌ବ୍ୟାଙ୍କ କର୍ମଚାରୀ ସୁବ୍ରତ କୁମାର ଦାଶଙ୍କର ସିଂହପୁର ଶାଖାରୁ ପାଣିକୋଇଲି ଶାଖାକୁ ବଦଳି ହୋଇଛି। ଏହି ଅବସରରେ ଶ୍ରୀ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରଯାଇଛି। ସିଂହପୁର ଶାଖା ପରିଚାଳକ ଭବାନୀ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ବାବୁଲି ଦାସ, ବଳରାମ ସାହୁ ଓ ଗ୍ରାହକ ସେବା କେନ୍ଦ୍ରର ମଳୟ କୁମାର ଥାଟୋଇ ପ୍ରମୁଖ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ବିଇଓଙ୍କ ଅଫିସ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା

ଦଶରଥପୁର, ୨୮ (ସମିସ): ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଶରଥପୁର ବ୍ଲକ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ମଧ୍ୟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ବ୍ଲକ ଓଷ୍ଟା ଶିକ୍ଷକ ସଂଘ ସଭାପତି ଶିଶିର କୁମାର ଶତପଥୀଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷକ ନେତା ସଂଘର ବିଭିନ୍ନ ଦାବି ଓ ଶିକ୍ଷକ ତଥା କର୍ମଚାରୀଙ୍କ ଅସୁବିଧା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷକ ଦିଗାମ୍ବର ସାହୁ, ବ୍ଲକ ଓଷ୍ଟା ଶିକ୍ଷକ ସଂଘ ସମ୍ପାଦକ



ଶ୍ରୀକାନ୍ତ ସାହୁ, ବ୍ଲକ ଓଷ୍ଟା ଉପସଭାପତି ପ୍ରଦୀପ ସାହୁ, ଯାଜପୁର ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ସାରଦାକାନ୍ତ ମହାପାତ୍ର, ଯୁଗ୍ମ ସମ୍ପାଦକ ସଞ୍ଜୟ ଲେଙ୍କା, ମଦ୍ରାସା ଶିକ୍ଷକ ନେତା ସେକ୍ ଗୋଲାମ ଅଲ୍ଲୀ, ରହେସେଦୁଲ କାଦିରି, ସଂସ୍କୃତ ଟୋଲ ଓ ମହାବିଦ୍ୟାଳୟ ଶିକ୍ଷକ ନେତା ପ୍ରଦୀପ୍ତ ଦାସ, ପ୍ରଫୁଲ ରାଉତ, ସୁରେନ୍ଦ୍ର ପାଣିଗ୍ରାହୀ, ବିଦ୍ୟାଧର ମିଶ୍ର, ପ୍ରଭାତୀ ପ୍ରଧାନ, ହରପ୍ରିୟା ସାହୁ ପ୍ରମୁଖ ଶତାଧିକ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## କାର୍ଯ୍ୟାନୁଷ୍ଠାନ ନେଉନି ଦଶରଥପୁର ପୁଲିସ

# ଏସ୍‌ପିଙ୍କୁ ଫେରାଦ ହେଲେ ପୀଡ଼ିତ ପରିବାର

ପାଣିକୋଇଲି, ୨୮ (ସମିସ): ଅର୍ଥ ହଡ଼ପ ଓ ମାଡ଼ ମାରିବା ଘଟଣାରେ ଦଶରଥପୁର ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ଏତଲା ରଖିବାକୁ ମନା କରିବାରୁ ଶେଷରେ ନ୍ୟାୟ ପାଇଁ ପୀଡ଼ିତ ପରିବାର ଆଜି ଯାଜପୁର ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ପହଞ୍ଚି ନ୍ୟାୟ ପାଇଁ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପ୍ରକାଶଯେ ଯାଜପୁର ଜିଲ୍ଲା ଦଶରଥପୁର ଥାନା ଅନ୍ତର୍ଗତ ନାହାପଡ଼ା ଗ୍ରାମର ପ୍ରଦୀପ କୁମାର ସେଠୀଙ୍କ ଝିଅ ସୀମାଞ୍ଜଳି ସେଠୀଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମର ପ୍ରଦୀପ ଦାଶ (ଜଣେ ବେସରକାରୀ ଅମିନ) ଗତ ଜୁଲାଇ ୧୮ ତାରିଖରେ ଏକ ଜମି ରେଜେଷ୍ଟ୍ରି କରାଇ ଦେବାକୁ ୩୦ ହଜାର ଟଙ୍କା ଅଗ୍ରୀମ ନେଇଥିଲେ। ହେଲେ ଜମି ଦେବା ପାଇଁ ଆଜିକାଲି କହି ସମୟ ଗଡ଼ାଇ



ଚାଲିଛନ୍ତି। ଏନେଇ ଟଙ୍କା ଫେରସ୍ତ ପାଇଁ ତାଙ୍କ ଘରେ ପହଞ୍ଚିବାରୁ ଟଙ୍କା ଫେରାଇବା ବଦଳରେ ପ୍ରଦୀପ ଓ ତାଙ୍କ ବଡ଼ଭାଇ ପ୍ରଶାନ୍ତ ଦାଶ ଓ ଭଉଣୀ ମାମୀନା ଦାସ ଏକ ଲୁହା ଓ ପ୍ଲାଷ୍ଟିକ ପାଇପ୍ ଯୋଗେ ବାଡ଼େଇ ରକ୍ତାକ୍ତ କରିଦେଲେ। ଏଠାରୁ ନ ଗଲେ କଟୁରିରେ ହାଣି ଜୀବନରୁ ମାରି ନଦୀରେ ଭସାଇ ଦେବାକୁ ଧମକ ଦେଇଥିଲେ। ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏନେଇ ଦଶରଥପୁର ଥାନାରେ ଅଭିଯୋଗ କରିବାକୁ ଯିବାରୁ ଥାନାଧିକାରୀ ଏତଲା ଗ୍ରହଣ କରିନଥିଲେ। ଏନେଇ ଜୁଲାଇ ୨୨ ତାରିଖ ଜିଲ୍ଲା ମୁଖ୍ୟାଳୟକୁ ଆସିଥିବା ବେଳେ ଥାନାଧିକାରୀ ଏଠାରେ ସେମାନଙ୍କୁ ଦେଖି ସନ୍ଧ୍ୟାରେ ବୁଝିବେ ବୋଲି କହି ବୁଝାଇସୁଝାଇ ଫେରାଇ ନେବାରେ ସକ୍ଷମ ହୋଇଥିଲେ। ହେଲେ ଥାନାକୁ ଯିବାରୁ ପ୍ରଦୀପ ଆସୁନାହିଁ ବୋଲି କହିଥିଲେ। ଏହା ମଧ୍ୟରେ ପ୍ରଦୀପ ଓ ତା' ଗୁଣ୍ଡାମାନେ ୫ଥର ଆସି ଧମକ ଦେଇ ମାମଲା ନ ଉଠାଇଲେ ଏଠାରେ ରଖାଇ ଦେବୁ ନାହିଁ ବୋଲି ଧମକ ଦେଉଛନ୍ତି। ଏନେଇ ଏସ୍‌ଡିପିଓଙ୍କୁ ମଧ୍ୟ ଜଣାଇବାକୁ ଯାଇ ତାଙ୍କ ଦେଖା ପାଇନଥିଲେ। ସେଠାରେ ଥିବା ଜଣେ ମାଡ଼ାମ କହିଲେ ତୁମ ନାମରେ କେଶ ହୋଇସାରିଛି। ତୁମ କଥା ଏସ୍‌ପି କ'ଣ କେହି ବୁଝିବେ ନାହିଁ। ଫଳରେ ସବୁଆଡୁ ନିରାଶ ହୋଇ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିବା ପରେ ଦଶରଥପୁର ଥାନାଧିକାରୀଙ୍କୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ପାଣିକୋଇଲି, ୨୮ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ଶିଶୁ ବିଦ୍ୟାମନ୍ଦିରର ୨୬ତମ ଜ୍ଞାନବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବନମଳୀ ଦାସ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଓ ମାନସ ଭାବେ କୋରେଇ ଶିକ୍ଷାମଣ୍ଡଳର ଅତିରିକ୍ତ ଶିକ୍ଷାଧିକାରୀ ବିଜୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ମାନସ ରଞ୍ଜନ ଧଳ, ବରିଷ୍ଠ ସମ୍ବାଦିକ ମନୋଜ କୁମାର ସାହୁ ଏବଂ ପରିଚାଳନା ସମିତିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଉପସଭାପତି ଶଙ୍କର୍ଷଣ ପରିଡ଼ା, ଯୁଗ୍ମ ସମ୍ପାଦକ ରାଜକିଶୋର ମଲ୍ଲିକ ଓ କୋଷାଧ୍ୟକ୍ଷ କୈଳାସ




କୁମାର ସାହୁ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ମାନସ ରଞ୍ଜନ ଶତପଥି, ମାନସ କୁମାର ସାହୁ, ଧନେଶ୍ୱର ସାହୁ, କୃଷ୍ଣମୋହନ କର, ବାସୁଦେବ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମୋଟ ୨୧୦ ଜଣ ବିଜ୍ଞାନ ଓ ଗଣିତ ପ୍ରଶ୍ନମଞ୍ଚ, ପ୍ରଶ୍ନବାଚନ ପ୍ରୟୋଗ, ନୂତନ ପ୍ରୟୋଗ, ମୂର୍ତ୍ତିକଳା, କଥା ଓ କଥନ, ସଂସ୍କୃତି ଜ୍ଞାନ ଇତ୍ୟାଦିରେ ଭାଗ ନେଇଥିଲେ। ଏହାର ଉଦ୍‌ଯାପନ ପର୍ବରେ ମୁଖ୍ୟଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ଦୈତାରୀ ଧଳ, ସମ୍ମାନିତ ଅତିଥି ଚନ୍ଦ୍ର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଉଭୟ କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଭାସ୍କର ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ଜିଲ୍ଲାସ୍ତରୀୟ ସ୍ମୃତିସଭା



ଦଶରଥପୁର/ମଙ୍ଗଳପୁର/ପ୍ରୀତିପୁର, ୨୮ (ସମିସ): ଯାଜପୁର ମାଟିର ଜଣେ ବିସ୍ମୃତ ପ୍ରତିଭା ହେଉଛନ୍ତି ଆଦିନେତା ବିଚିତ୍ରାନନ୍ଦ ଦାସ। ଓଡିଆ ଜାତୀୟ ଜୀବନର ସେ ଥିଲେ ପ୍ରଥମ ସ୍ଫୁଲିଙ୍ଗ, ପଥଦ୍ରଷ୍ଟା। ସେ ୧୮୨୭ ମସିହାରେ ଯାଜପୁର ଜିଲ୍ଲାର କଣ୍ଟାବଣିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମସ୍ଥାନ କଣ୍ଟାବଣିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତାଙ୍କର ୧୫୦ତମ ଶ୍ରାଦ୍ଧ ଦିବସ ଅଖିଳଚକ୍ର ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧାପକ ପ୍ରସନ୍ନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ କଳ୍ପତରୁ ସାମଲ ଉଦ୍‌ଘାଟନ କରିଥିଲେ। ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ତାଙ୍କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଶ୍ରୀହରି ଧଳ, ସମ୍ମାନିତ ଅତିଥି ଭାବେ ଗୌରାଙ୍ଗ ଚରଣ ସ୍ୱାଇଁ, ଶିକ୍ଷକ ନେତା ଦିଗମ୍ବର ସାହୁ, ଅନୁଷ୍ଠାନର ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଆଦିନେତା ଯୁବକ ସଂଘର ସଭାପତି ନିତ୍ୟାନନ୍ଦ ଦାସ, ଶିକ୍ଷକ ପ୍ରତାପ ଦେ, ଆବାହକ ସାମ୍ବାଦିକ ଅଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତାଙ୍କ ସ୍ମୃତିକୁ ନେଇ କବି ଜିତେନ୍ଦ୍ର କୁମାର ବେହେରା, ଯଯାତି କେଶରୀ ସାହୁ, ରାମଚନ୍ଦ୍ର ଦାଶ, ସୁବାସ ମହାପାତ୍ର, ସନ୍ତୋଷ ବେହୁରିଆ, ପ୍ରଭାତ କୁମାର ମଲ୍ଲିକ, ଗୁରୁଚରଣ ସାହୁ, ପ୍ରଦୀପ୍ତ କୁମାର ଦାସ, ଖଗେଶ୍ୱର ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅଖିଳଚକ୍ର ସଦସ୍ୟ ମନୋରଞ୍ଜନ ଧଳ ଧନ୍ୟବାଦ ଅର୍ପଣ କରିବା ସହିତ ତାଙ୍କ ଜନ୍ମ ସ୍ଥାନରେ ଖୁବଶୀଘ୍ର ଅଖିଳଚକ୍ର ପକ୍ଷରୁ ଏକ ପ୍ରତିମୂର୍ତ୍ତି ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ।

## ପୋଖରୀରେ ବୁଡ଼ି ଯୁବତୀ ମୃତ



ଫାଇଲ୍ ଫଟୋ

ପାଣିକୋଇଲି, ୨୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ତଥା ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ବଜରପଡ଼ା (ନୁରଙ୍ଗା) ଗ୍ରାମର ଜଣେ ଯୁବତୀ ଗାଧୋଇବାକୁ ଯାଇ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପ୍ରକାଶଯେ ବଜରପଡ଼ା ଗ୍ରାମର ପ୍ରଶାନ୍ତ କୁମାର ସାମଲଙ୍କ ବଡ଼ ଝିଅ ସଞ୍ଜନା ସାମଲ (୧୮) ଗତକାଲି ମଧ୍ୟାହ୍ନରେ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଥିଲା। ବହୁଖୋଜା ଖୋଜି ପରେ ମିଳିନଥିଲା। ଆଜି ଅପରାହ୍ନରେ ତାର ମୃତଦେହ ଭାସୁଥିବା ଦେଖି ତାକୁ ଉଦ୍ଧାର କରାଯାଇଥିଲା। ଏନେଇ ପାଣିକୋଇଲି ପୁଲିସକୁ ଜଣାଇବା ପରେ ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ଘଟଣାସ୍ଥଳେ ପହଞ୍ଚିଥିଲେ। ପ୍ରଶାନ୍ତର ଅଭିଯୋଗ କ୍ରମେ ଏକ ଅପମୃତ୍ୟୁ ମାମଲା ୨୫/୨୫ ରୁଜୁ କରାଯାଇ ସଞ୍ଜନାର ମୃତଦେହକୁ ପଞ୍ଚନାମା କରାଇ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଧର୍ମପରାୟଣ ମହିଳାଙ୍କ ସ୍ମୃତିଚାରଣ

ସିଂହପୁର, ୨୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଚନ୍ଦନପୁର ଗ୍ରାମର ସ୍ୱର୍ଗତ ହରେକୃଷ୍ଣ ବେହେରାଙ୍କ ପତ୍ନୀ ସଜନୀ ବେହେରାଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ବିଜୟ କୁମାର ସାହୁ, ବିଷ୍ଣୁ ବେହେରା, ବେଣୁଧର ବେହେରା, ସୁଧାଂଶୁ ଶେଖର ଧଳ, ରମାକାନ୍ତ ବେହେରା, ହିମାଂଶୁ ଶେଖର ଧଳ, ସୌମ୍ୟରଞ୍ଜନ ବେହେରା, କୈଳାସ ବେହୁରିଆ, ସମରଜିତ୍ ବେହେରା, ସୌଦାମିନୀ ବେହେରା, ସରୋଜିନୀ ବେହେରା ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

## ପିଏମ୍ କିଷାନ କିସ୍ତି ପ୍ରଦାନ ସମାରୋହ



ଯାଜପୁର, ୨୮ (ସମିସ): ଉତ୍ତର ପ୍ରଦେଶର ବାରଣାସୀଠାରେ ଆଜି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନର ୨୦ତମ କିସ୍ତି ଲୋକାର୍ପଣ ଉତ୍ସବ ହୋଇଛି। ଏହି ଉପଲକ୍ଷେ ତାହାର ସିଧା ପ୍ରସାରଣ ଉତ୍ସବ ଜିଲ୍ଲାସ୍ତରରେଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ର ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଯାଜପୁର ଜିଲ୍ଲାର ମୋଟ ୧ ଲକ୍ଷ ୬୬ ହଜାର ୪୬୨ ଜଣ କୃଷକ ଏହି ୨୦ତମ କିସ୍ତିରେ ୨୦୦୦ ହିସାବରେ ପିଏମ କିଷାନ ସମ୍ମାନ ନିଧି ସହାୟତା ପ୍ରାପ୍ତ କରିଛନ୍ତି। ଜିଲ୍ଲାର ୧୦୦ ଜଣ ହିତାଧିକାରୀ କୃଷକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମାରୋହରେ ସିଧା ପ୍ରସାରଣ ଦର୍ଶନ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅରୁଣ କୁମାର ବେହେରା ତଥା କୃଷି ବିଜ୍ଞାନ କେନ୍ଦ୍ର ଯାଜପୁରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅଧିକାରୀ। ଏହି କାର୍ଯ୍ୟକ୍ରମ ସିଧା ପ୍ରସାରଣର ଆୟୋଜନରେ ସହାୟତା କରିଥଲେ। ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, କୃଷି ଆନୁଷଙ୍ଗିକ ବିଭାଗ ତଥା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ପ୍ରକଳ୍ପ, ସହକାରୀ ଜିଲ୍ଲା ମତ୍ସ୍ୟ ଅଧିକାରୀ, ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଯାଜପୁର ରୋଡ, ସମସ୍ତ ବ୍ଲକସ୍ତରୀୟ ଓ ଜିଲ୍ଲା ସ୍ତରୀୟ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ରେଡିମିକ୍ସ କାରଖାନାକୁ ନାହିଁ ପ୍ରଦୂଷଣ ବିଭାଗର ଭୟ

# ନୋଟିସ୍ ପରେ ବି ଚାଲିଛି ବେଆଇନ କାରଖାନା

ଯଖପୁରା, ୨୮ (ସମିସ)

କଳିଙ୍ଗନଗରରେ ବେଆଇନ ଭାବେ ଚାଲୁଥିବା ଅନେକ ଗୁଡ଼ିଏ ସଂସ୍ଥା ଉପରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯାହାର ଉଦାହରଣ ସ୍ୱରୂପ ଦାନଗଦି ବ୍ଲକ ଅନ୍ତର୍ଗତ ମାନତିରା ପଞ୍ଚାୟତ ବିଜୁପଟ୍ଟନାୟକ ମାର୍ଗ ମାନତିରା ଛକଠାରେ ବେଆଇନ ଭାବେ ଚାଲୁଥିବା ରେଡିମିକ୍ସ କଂକ୍ରିଟ ୟୁନିଟ୍‌ରେ ଦେଖିବାକୁ ମିଳିଛି। ଏହି ବ୍ୟାଚିଂ ପ୍ଲାଣ୍ଟଟି ଦୀର୍ଘ ବର୍ଷ ଧରି ବେଆଇନ ଭାବେ ଚାଲୁଥିବା ଦେଖିବାକୁ ମିଳିଛି। ବାରମ୍ବାର ପ୍ରଶାସନକୁ ଅଭିଯୋଗ ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗତ ଜୁନ ୬ ତାରିଖରେ ଆପେକ୍ସ ବିଲ୍ଡକର୍ନ ବ୍ୟାଚିଂ ପ୍ଲାଣ୍ଟ ଉପରେ ଚଢ଼ଉ କରିଥଲେ। ପ୍ରଦୂଷଣ ବୋର୍ଡ ପକ୍ଷରୁ ଚଢ଼ଉରେ ବିନା କୌଣସି କାଗଜପତ୍ରରେ ବେଆଇନ ଭାବେ ଏହି ୟୁନିଟ୍ ଚାଲିଥିବାର



ଜାଣିବାକୁ ପାଇଥିଲେ। ପ୍ଲାଣ୍ଟ ପାଇଁ ନିତ୍ୟାନ୍ତ ଆବଶ୍ୟକ ସିଟିଓ ଏବଂ ସିଟିଇ ଅନୁମୋଦନ ଲାଭ ନକରି ବେଧଡ଼କରେ ଚାଲୁଥିଲା। ଜଳ ଓ ବାୟୁ ପ୍ରଦୂଷଣ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରିଆସୁଥିବା ସମ୍ପୃକ୍ତ ପ୍ଲାଣ୍ଟଟି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ହାତରେ ଧରାପଡ଼ିଥିଲା। ଯାହାଫଳରେ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପତ୍ର ସଂଖ୍ୟା ନଂ ୨୧୨୪ ତା.୧୮-୬-୨୦୨୫ରିଖରେ ମେସର୍ସ ଆପେକ୍ସ ବିଲ୍ଡକାନ ପ୍ରୋପାଇଟର ସଞ୍ଜୟ ସୁଲତାନିଆଙ୍କୁ ୧୪ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ପ୍ଲାଣ୍ଟଟି ସେକ୍ସନ ୨୫ ଜଳ (ପିସିପି) ଆକ୍ଟ ୧୯୭୪ ଓ ସେକ୍ସନ ୨୧ ବାୟୁ (ସିପିସି) ଆକ୍ଟ ୧୯୮୧କୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଙ୍ଘନ କରାଯାଉଥିବାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତତଫରୁ ଉଲ୍ଲେଖ କରାଯାଇଥିଲା। ଆପେକ୍ସ ପ୍ଲାଣ୍ଟକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା କି ୧୪ଦିନ ମଧ୍ୟରେ ଆବଶ୍ୟକ କାଗଜପତ୍ର ଦାଖଲ କରିବା ପାଇଁ। ଯଦି ୧୪ ଦିନ ମଧ୍ୟରେ ଆବଶ୍ୟକ କାଗଜପତ୍ର ଦାଖଲ କରାନଯାଏ ତେବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ଲାଣ୍ଟକୁ ବନ୍ଦ କରାଯିବ। ଏହି ନୋଟିସ୍‌ର ନକଲ ଜିଲ୍ଲାପାଳ ଏବଂ ଓଏସପିସିବି ସଦସ୍ୟ ସଚିବଙ୍କୁ ପଠାଯାଇଛି।

୧୪ ଦିନ ମଧ୍ୟରେ ଆପେକ୍ସ ପ୍ଲାଣ୍ଟ ତତଫରୁ ଆବଶ୍ୟକୀୟ କୌଣସି କାଗଜପତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟରେ ଦାଖଲ କରାଯାଇନଥିଲା। ପ୍ରଦୂଷଣ ବୋର୍ଡ ପକ୍ଷରୁ ପଠାଯାଇଥିବା ନୋଟିସକୁ ୪୩ ଦିନ ହୋଇଯାଇଥିଲେ ମଧ୍ୟ ବେଆଇନ ଭାବେ ଚାଲୁଥିବା ବ୍ୟାଚିଂ ପ୍ଲାଣ୍ଟ କିପରି ଭାବରେ ଚାଲୁଛି ତାହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ୨୦୨୨ ମସିହାରେ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସିଟିଓ ନଥାଇ କିପରି ଭାବରେ ଭାବରେ ପ୍ଲାଣ୍ଟ ଚାଲୁରହିଛି ସେଥିପାଇଁ ମଧ୍ୟ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ୨୦୨୨ର ନୋଟିସ୍ ଓ ଏବେର ନୋଟିସ୍‌କୁ ଖାତିର ନକରି ବେଆଇନ ଭାବେ ଆପେକ୍ସ ବ୍ୟାଚିଂ ପ୍ଲାଣ୍ଟଟି କିପରି ଚାଲୁଛି ତାହା ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲାଚିଂ ପ୍ଲାଣ୍ଟର କୌଣସି ପ୍ରକାରର ସରକାରୀ କାଗଜପତ୍ର ନ ଥାଇ ଦୀର୍ଘ ବର୍ଷ ଧରି ବେଧଡ଼କ ଭାବେ ଚାଲି ଆସୁଛି।

ଯେଉଁ ଦିନଠୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବ୍ୟାଚିଂ ପ୍ଲାଣ୍ଟକୁ ନୋଟିସ ଜାରି କରାଯାଇଛି, ତା' ପରେ ଦିନଠାରୁ ଏହି ପ୍ଲାଣ୍ଟ ତାର କାର୍ଯକ୍ରମକୁ ଦ୍ୱିଗୁଣିତ କରିଦେଇଛି। ଏ ବିଷୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ମଦନ ମୋହନ ସାହୁଙ୍କୁ ଫୋନରେ ପଚାରିବାରୁ ସେ କହିଲେ କି ତୁରନ୍ତ ଏହାରି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ଲାଣ୍ଟକୁ ସ୍ଥାନୀୟ ଦାନଗଦି ତହସିଲଦାର ବନ୍ଦ କରିପାରିବେ। ମାତ୍ର ତହସିଲଦାରଙ୍କୁ ପଚାରିବାରୁ ଜଣାଇଛନ୍ତି କି ଯଦି ଜମି ଜମା ବାବଦରେ କିଛି ଅସୁବିଧା ରହିଥାଏ ତେବେ ତହସିଲ ପକ୍ଷରୁ ତାହାକୁ ବନ୍ଦ କରାଯାଇପାରିବ।

# ମହିଳା କଲେଜ ସମ୍ମୁଖରେ ରୋଡ୍ ରୋମିଓଙ୍କ ଦୌରାତ୍ମ୍ୟ

**ବଡଚଣା, ୨।୮ (ସମିସ):** ବଡ଼ଚଣା ବ୍ଲକ ଅଞ୍ଚଳରେ ଥିବା ଏକମାତ୍ର ବଡ଼ଚଣା କନିଷ୍ଠ ମହିଳା ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ରୋଡ଼ ରୋମିଓ ମାନେ ଦୌରାତ୍ମ୍ୟ ଦେଖାଇ ଛାତ୍ରୀମାନଙ୍କୁ ହଇରାଣ ହରକତ କରୁଥିବା ନେଇ କେତେକ ଅଭିଭାବକ ଅଭିଯୋଗ ଉଠାଇ ଏହାକୁ ରୋକିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ମୁତାବକ ପ୍ରତିଦିନ ଏହି କଲେଜ ଖୋଲିବା ଠାରୁ ବନ୍ଦ ହେବା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର କେତେକ ରୋଡ଼ ରୋମିଓ କକେଜ ସମ୍ମୁଖର ଭାଗରେ ଥିବା ବଡ଼ଚଣା- ଧାନମଣ୍ଡଳ ରାସ୍ତାରେ ଦ୍ରୁତଗାମୀରେ ବାଇକ ଚଳାଇ ଯିବା, କର୍କଶ ଶବ୍ଦ କରିବା, ବାରମ୍ବାର ସେହି ରାସ୍ତା ଦେଇ ଯାତାୟତ କରିବା ସହ କଲେଜ ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ଭଳି ଘଟଣା ଘଟାଉଛନ୍ତି। ଫଳରେ ଛାତ୍ରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଏନେଇ ସାମାଜିକ କର୍ମୀ କିଶୋର ଚନ୍ଦ୍ର ବାରିକ ଓ ଯୁବ ସମାଜସେବୀ ପ୍ରଦ୍ୟୁମ୍ନ କୁମାର ଓଝା ବଡ଼ଚଣା ଥାନାଧିକାରୀଙ୍କୁ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କଲେଜ ସମ୍ମୁଖ ଭାଗ ମୁଖ୍ୟଦ୍ୱାର ନିକଟରେ ପୁଲିସ ପ୍ରହରା ପାଇଁ ଦାବି କରିଛନ୍ତି।

# ମାନସିକ ଭିନ୍ନକ୍ଷମ ପୁଅର ଭରସା ବୃଦ୍ଧା ମା’

**କବାଟବନ୍ଧ,୨।୮ (ସମିସ)**

ବୟସର ଅପରାହ୍ନରେ ବିଧବା ମା’ ସାଜିଛି ମାନସିକ ବିକାର ପୁଅର ଭରସା। ଯେଉଁ ବୟସରେ ପୁଅଟିଏ ମା’ର ଖାଇବା ପିଇବା, ଭଲମନ୍ଦ ଦାୟିତ୍ୱ ନେବା କଥା ସେହି ବୟସରେ ମା’ ନେଉଛି ଭେଣ୍ଡିଆ ପୁଅର ଭରଣ ପୋଷଣ ଦାୟିତ୍ୱ। ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ

## ସରକାରୀ ସହାୟତା ପାଇଁ ନିବେଦନ



ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତର ଦଣ୍ଡସଣା ଗ୍ରାମରେ। ଗ୍ରାମର ରଜନୀ ସ୍ୱାଇଁ (୭୫)ଙ୍କ ସ୍ୱାମୀ ଧ୍ରୁବ ଚରଣ ସ୍ୱାଇଁଙ୍କ ଗତ ପ୍ରାୟ ୪ ବର୍ଷ ତଳେ ମୃତ୍ୟୁ ହୋଇଯାଇଥିଲା। ଏହା ପରେ ପରିବାରର ସମ୍ପୂର୍ଣ୍ଣ ଦାୟିତ୍ୱ ବୃଦ୍ଧା ରଜନୀଙ୍କ କାନ୍ଧରେ। ପରିବାର କହିଲେ ନିଜର ୪୩ ବର୍ଷୀୟ ମାନସିକ ଭିନ୍ନକ୍ଷମ ପୁଅ ତ୍ରିଲୋଚନ ସ୍ୱାଇଁ। ସ୍ୱାମୀଙ୍କର ମୃତ୍ୟୁ ହେବା ପରେ ବହୁ ଦୁଃଖ କଷ୍ଟରେ ଜୀବନଯାପନ କରୁଛନ୍ତି। ନିଜର ରୋଜଗାର କହିଲେ ସରକାରୀ ସହାୟତା ଭାବେ ବାର୍ଦ୍ଧକ୍ୟ ଭତ୍ତା ଏବଂ ୧୦ କେଜି ଚାଉଳ। କେବଳ ଭତ୍ତା ଟଙ୍କାରେ ମା ପୁଅ ଦୁଃଖେ କଷ୍ଟେ ଜୀବନ କାଟୁଛନ୍ତି। ପୁଅର ମାନସିକ ରୋଗକୁ ଭଲ କରିବା ପାଇଁ ନା ଅଛି ସାମର୍ଥ୍ୟ ନା ଅଛି ଟଙ୍କା। ମାନସିକ ଭିନ୍ନକ୍ଷମ ପୁଅ ପାଇଁ ମଧ୍ୟ କୌଣସି ସରକାରୀ ସହାୟତା ମିଳୁନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାନସିକ ଭିନ୍ନକ୍ଷମ ପୁଅର ଚିକିତ୍ସା କରାଇବା ପାଇଁ ଆଶା ବାନ୍ଧିଥିବା ରଜନୀ କାହାକୁ ଦୁଃଖ ଜଣାଇବେ ଜାଣି ପାରୁନାହାଁନ୍ତି। ମା’ ପୁଅ ଉଭୟ ରହୁଥିବା ଚାଳ ଘରଟିକୁ ଦେଖିଲେ ଏଠାରେ ମଣିଷ ରହୁଥିବେ ବୋଲି ବିଶ୍ୱାସ କରି ହେବନି। ଚାଳ ଘର ଉପରେ ପଡ଼ିଥିବା ଜରି ପାଲ ଖଣ୍ଡକ ଚିରି ଯାଇଛି। ବର୍ଷା ହେଲେ ଘର ଭିତରେ ଆଣ୍ଠୁଏ ତଳେ ପାଣି। ଖରା ହେଲେ ଘର ଭିତରେ ସୂର୍ଯ୍ୟ କିରଣ। ଗୋଟିଏ ଘର ଭିତରେ ମା’ ରଜନୀ ଏବଂ ପୁଅ ତ୍ରିଲୋଚନ ସହିତ ସାପ, ବେଙ୍ଗ ମଧ୍ୟ ରହୁଛନ୍ତି। ଏଭଳି ଘରେ ବିପଦପୂର୍ଣ୍ଣ ଭାବେ ମା’ ପୁଅ ଦୀର୍ଘ ଦିନ ଧରି ବାସ କରୁଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କ ସାମିଲ ହୋଇଥିଲେ ମଧ୍ୟ ରଜନୀଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇନାହିଁ। ସରକାରଙ୍କ ନିୟମ ଆଧାରରେ ରଜନୀ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ତାଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇ ନାହିଁ। ଏଭଳି ସ୍ଥିତିରେ ରଜନୀଙ୍କ ଦୁଃଖ କହିଲେ ନ ସରେ। ଏଭଳି ନିଷ୍ପେସିତ ଅସହାୟ ପରିବାର ପାଖରେ ପ୍ରଶାସନ ପହଞ୍ଚି ନ ପାରିବା ଦୁର୍ଭାଗ୍ୟଜନକ। ଯଦି ପ୍ରଶାସନ ନିକଟରେ ରଜନୀଙ୍କ ପରିବାର ସରକାରୀ ସହାୟତା ଅପହଞ୍ଚ ତେବେ ଜନକଲ୍ୟାଣକାରୀ ଯୋଜନା କାହା ପାଇଁ। ତୁରନ୍ତ ରଜନୀଙ୍କୁ ଏକ ଘର ଯୋଗାଇ ଦେବା ସହିତ ତାଙ୍କ ମାନସିକ ଭିନ୍ନକ୍ଷମ ପୁଅର ଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି।

# ଭାରତୀବିହାର ଡିଗ୍ରୀ କଲେଜରେ ଚାରାରୋପଣ

**ସୁକିନ୍ଦା, ୨।୮ (ସମିସ):** ହରିପୁରସ୍ଥିତ ଭାରତୀ ବିହାର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ) ତରଫରୁ “ଏକ ପେଡ୍ ମା କେ ନାମ’ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଚଳିତ ବର୍ଷ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ୩୦୦ ଚାରାରୋପଣ କରିବାର କାର୍ଯ୍ୟକ୍ରମ ରହିଛି



ବୋଲି ଆୟୋଜକ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରଦୀପ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ର ଛାତ୍ରୀ ଓ ଜାତୀୟ ସେବା ଯୋଜନାର ୧୦୦ ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ରହିଥିଲେ। ଆଗକୁ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରୋଗ୍ରମ୍ ଅଫିସର୍ ସୂଚନା ଦେଇଛନ୍ତି।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**କୁଆଖିଆ,୨।୮ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ନଗୁଆ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶ୍ରୀଯୁକ୍ତ ମଧୁସୂଦନ ସ୍ୱାଇଁଙ୍କ ସେବା ନିବୃତ ସମ୍ବର୍ଦ୍ଧନା ସଭା ଆଜି ବିଦ୍ୟାଳୟ



ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସହ ମଣ୍ଡଳଶିକ୍ଷାଧିକାରୀ ଅରୁଣ କୁମାର ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ନଠୁଆବର ସରପଞ୍ଚ ଧ୍ରୁବାନନ୍ଦ ଦେଓ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ରସୁଲପୁର, ସଭାପତି ଚିତ୍ତରଞ୍ଜନ ରଥ, ପ୍ରାକ୍ତନ ସଭାପତି ବିଜୟ କୁମାର ଷଡ଼ଙ୍ଗୀ, ପାରିକଇଞ୍ଚି କ୍ଲଷ୍ଟର୍ ସଂଯୋଜକ ବିଶ୍ୱଜିତ୍ ସେଠୀ, ପ୍ରାଥମିକ ଶିକ୍ଷକ ସଂଘ, ରସୁଲପୁର, ପ୍ରାକ୍ତନ ସଂଗଠକ, ପ୍ରମୋଦ କୁମାର ବାରିକ, ନଗୁଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ବାରିକ ମଞ୍ଚାସୀନ ହୋଇଥିଲେ। ଶିକ୍ଷକ କାର୍ତ୍ତିକେଶ୍ୱର ଭୂୟାଁ ମଞ୍ଚାସୀନ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସହିତ ନଗୁଆ ଗ୍ରାମବାସୀଙ୍କୁ ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**କୁଆଖିଆ,୨।୮ (ସମିସ):** ରସୁଲପୁର ବ୍ଲକ୍ ହରିପୁର ଏମ୍ଇ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡାଙ୍କୁ ଅବସର କାଳିନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ସଭାପତି ତିଲନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନିଖିଳ ଉତ୍କଳ ନିମ୍ନ ମାଧମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ବିକ୍ରମ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ନରସିଂହପୁର ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ସମିତିସଭ୍ୟା ତିଳୋତ୍ତମା ପରିଡ଼ା, ପ୍ରତିଷ୍ଠାତା ସଂପାଦକ ଅମୂଲ୍ୟ କୁମାର ବରାଳ, ପୂର୍ବତନ ପ୍ରଧାନ ଶିକ୍ଷକ ଅଜୟ କୁମାର ମହାନ୍ତି, ସିଆର୍‌ସିସି ବୈଜୟନ୍ତୀ ସାହୁ, ଉପ୍ରା ବିଦ୍ୟାଳୟ ସଭାପତି ସଞ୍ଜୁକ୍ତା ବାରିକ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।ପରମାନନ୍ଦ ସାହୁ, ରମେଶ ଚନ୍ଦ୍ର ରଣା, ପିତାମ୍ବର ବରାଳ, ସହକାରୀ ଶିକ୍ଷକ ସନ୍ତୋଷ ମହାପାତ୍ର, ଗାୟତ୍ରୀ ନାୟକଙ୍କ ସମେତ ବ୍ଲକ୍ ସ୍ତରରୁ ଆସିଥିବା ବହୁ ଶିକ୍ଷକ ଶିକ୍ଷୟିତ୍ରୀ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ରଛାତ୍ରୀ ମାନେ ପ୍ରଧାନ ଶିକ୍ଷକଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି

**ବିଞ୍ଝାରପୁର,୨।୮ (ସମିସ):** ଗତ ରାତିରେ ଶାସନ୍ଦା ପଞ୍ଚାୟତର ଶାସନ୍ଦା ଗାଁର ପରିଡା ସହି ଅଞ୍ଚଳରେ ସିରିଜ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶାସନ୍ଦା ଗାଁର ଶାନ୍ତନୁ ସ୍ୱାଇଁଙ୍କ ଘର ଛାତ ଗ୍ରୀଲ୍ ଖୋଲି ଶୋଇବା ଘର ଆଲମିରା ଲକର ଭାଙ୍ଗି ପାଖାପାଖି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଓ ନଗଦ ୧୫ ହଜାର ଟଙ୍କା ଚୋରି ହେଇଥିବା ଅଭିଯୋଗ ହେଇଛି। ଅଳଙ୍କାର ଭିତରେ ୩ଟି ଚେନ୍, ୨ଟି ହାର, ୭ ଟି ମୁଦି, ୩ଟି କାନଫୁଲ, ୨ ହଳ ସୁନା ବଲା, ରୂପା ପାଉଁଜି ପ୍ରମୁଖ ଚୋରି ହୋଇଥିବା ବେଳେ ପଡ଼ୋଶୀ ଜିତୁ ସାହୁଙ୍କ ଘରେ କେହି ନଥିବା ବେଳେ ଘରର ଗ୍ରୀଲ୍ ତାଲା କାଟିବା ସହ ଘର ଭିତର ତାଲା ଭାଙ୍ଗିଛନ୍ତି। ତେବେ କ’ଣ ସାମଗ୍ରୀ ଚୋରି ହୋଇଛି ଘର ଲୋକ ଆସିଲେ ଜଣାପଡ଼ିବ। ଅପରପକ୍ଷରେ ପଡ଼ୋଶୀ ମନ୍ମଥ ଲେଙ୍କା ଏକ ଆଜବେଷ୍ଟ ଘରର ତାଲା ତାଡ଼ି ଆଲମିରାରୁ ନଗଦ ୪ ହଜାର ଟଙ୍କା ସହ ଦାମୀ ଶାଢ଼ି ୭ ଟି ଓ ରୂପା ଅଳଙ୍କାର ଚୋରି ହେଇଥିବା ଅଭିଯୋଗ ହେଇଛି। ତେବେ ଘଟଣାସ୍ଥଳରେ ବିଞ୍ଝାରପୁର ଥାନା ଆଇଆଇସି ରଞ୍ଜନ କୁମାର୍ ମଲ୍ଲିକ ପହଞ୍ଚି ତଦନ୍ତ କରୁଥିବା ବେଳେ ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ତଦନ୍ତ କରୁଛି। ତେବେ ଅଞ୍ଚଳରେ କିଛିଦିନ ହେବ ଚୋରି କମିଥିବା ବେଳେ ପୁଣି ସିରିଜ୍ ଚୋରି ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିବା ସହ ଏହାକୁ ରୋକିବାରେ ପୁଲିସ ସଫଳ ହେବକୁ ଉଦ୍ୟମ ଚଳାଇଛି।

# ବନ୍ଦୋବସ୍ତ କାର୍ଯ୍ୟାଳୟର କିରାଣିଙ୍କ ପରଲୋକ

**ବାଲିଚନ୍ଦ୍ରପୁର,୨।୮ (ସମିସ):** କଟକ ସ୍ଥିତ ବୃହତ ବନ୍ଦୋବସ୍ତ କାର୍ଯ୍ୟାଳୟର କିରାଣି ଭାବେ କାର୍ଯ୍ୟରତ ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ଗ୍ରାମର ହେମନ୍ତ କୁମାର ମହାରଣା (୫୦)ଙ୍କ ଅକାଳ ବିୟୋଗ ଘଟିଛି। ଗତ ୧ ମାସ ହେବ ବିଭିନ୍ନ ଶାରୀରିକ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ସେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ଅବସ୍ଥାରେ ଗତକାଲି ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କଟକରୁ ତାଙ୍କ ମରଶରୀର ନିଜ ଗ୍ରାମକୁ ଆସିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସତ୍କାର କରାଯାଇଥିବା ବେଳେ ଏକମାତ୍ର ପୁତ୍ର ରୁଦ୍ରାକ୍ଷ ମହାରଣା ମୁଖାଗ୍ନି ଦେଇଥିଲେ। ତାଙ୍କ ଅକାଳ ବିୟୋଗରେ ସରପଞ୍ଚ ତନୁଶ୍ରୀ ଦାସ, ସମିତିସଭ୍ୟ କୁଳମଣି ବାରିକ, ବିଳାସ ଚନ୍ଦ୍ର ବାରିକ ଓ ପ୍ରତାପ କୁମାର ସେନାପତି ପ୍ରମୁଖ ଗଭୀର ଶୋକ ପ୍ରକାଶ ପୂର୍ବକ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ବିସ୍ଥାପିତଙ୍କ ଶବ ଦାହ ପାଇଁ ଶ୍ମଶାନ ନାହିଁ

**ଦାନଗଦି,୨।୮ (ସମିସ):** କଳିଙ୍ଗନଗର ଶିଳ୍ପ ବିସ୍ଥାପିତଙ୍କ ଶେଷ ସମୟରେ ଶ୍ମଶାନଟିଏ ନ ଜୁଟିବା ପରି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି। ନିଜ ଗାଁ ମଶାଣି ବଦଳରେ ମୃତଦେହକୁ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଯିବାକୁ ପଡିଛି। ଇଡ୍‌କୋ ଦ୍ୱାରା ବିସ୍ଥାପିତ ହୋଇ ଦାନଗଦି ବ୍ଲକ ଚାନ୍ଦିଆ ଗ୍ରାମର ଦୟାନିଧି ପଢ଼ିହାରୀ (୬୫) ଦାନଗଦିର ତ୍ରିଜଙ୍ଗା ବିସ୍ଥାପିତ କଲୋନୀରେ ରହୁଥିଲେ। ଶନିବାର ପୂର୍ବାହ୍ନରେ ଦୟାନିଧିଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ଲୋକେ ମୃତଦେହକୁ ଏଠାରେ ସଂସ୍କାର କରିବାକୁ ଇଚ୍ଛା କରିଥିଲେ। ମାତ୍ର ଏଠାରେ ମଶାଣିର ସୁବିଧା ନଥିବାରୁ ପରିବାର ଲୋକେ ଅପରାହ୍ନରେ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାର ନେବାକୁ ବାଧ୍ୟ ହୋଇଥିଲେ। ପରିବାର ଲୋକେ ନିଜ ଖର୍ଚ୍ଚରେ ମୃତଦେହ ପୁରୀ ନେଇ ସେଠାରେ ସନ୍ଧ୍ୟା ସମୟରେ ସଂସ୍କାର କରିଥିବା ଜଣାପଡିଛି।



ଦୀର୍ଘ ବର୍ଷ ଧରି ଏଠାରେ ବୃହତ ପୁନର୍ବାସ କଲୋନୀ ଗଢି ଉଠିଥିବା ବେଳେ ଶ୍ମଶାନର ଆବଶ୍ୟକତା ରହିଥିଲେ ମଧ୍ୟ ଏହାକୁ ପ୍ରଶାସନ ନଜର ଅନ୍ଦାଜ କରି ଚାଲିଛି। ଫଳରେ ବିସ୍ଥାପନର ବୋଝ ବୋହୁଥିବା ଲୋକେ ମଲା ପରେ ବି ନିଜ ମାଟିରେ ୬ ହାତ ଜାଗା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାକି ନିହାତି ଦୁର୍ଭାଗ୍ୟଜନକ ଅଟେ। ପ୍ରଶାସନ ପକ୍ଷରୁ ପଥର ଛକ ନିକଟରେ ଏକ ଜାଗା ମଶାଣି ପାଇଁ ଚିହ୍ନଟ କରାଯାଇଥିଲେ ମଧ୍ୟ ଏଯାଏ ତାହାକୁ ଜବରଦଖଲ ମୁକ୍ତ କରାଯାଇପାରିନାହିଁ। ଇଡ୍‌କୋ ବିସ୍ଥାପିତ ପରିବାରମାନଙ୍କ ପାଇଁ ପିଇବା ପାଣି, ଲାଇଟ, ରାସ୍ତା, ଡ୍ରେନର ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇ ଏବେ ଧରା ଦେଉ ନ ଥିବା ଅଭିଯୋଗ ହେଉଛି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ପ୍ରଶାସନ ଗୁରୁତ୍ୱ ଦେଇ ତୁରନ୍ତ ମଶାଣି ପାଇଁ ଜାଗା ଖଣ୍ଡେ ଯୋଗାଇ ଦେବାକୁ ଦାବି ହୋଇଛି।

# ସ୍କୁଲ୍, କଲେଜ ଶିକ୍ଷକ ଓ କର୍ମଚାରୀ ସମିତିର ଦାବିପତ୍ର



**ସୁକିନ୍ଦା,୨।୮ (ସମିସ):** ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୬ଦଫା ଦାବି ସମ୍ବଳିତ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ସୁକିନ୍ଦା ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ସରକାର ଯଥାଶୀଘ୍ର ଦାବି ପୂରଣ ପୂରଣ ନ କଲେ ସମିତି ପକ୍ଷରୁ ଆନ୍ଦୋଳନ ହେବାନେଇ ଚେତାବନୀ ଦିଆଯାଇଛି। ସୁକିନ୍ଦା ବ୍ଲକ ଶାଖା ତରଫରୁ ୬ଦଫା ଦାବିପତ୍ର ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଶିକ୍ଷାଧିକାରୀ ଯାଜପୁରଙ୍କ ଉଦ୍ଦେଶ୍ୟରେ ସୁକିନ୍ଦା ମଣ୍ଡଳ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ଦିଆଯାଇଛି। ଦାବିଗୁଡିକ ମଧ୍ୟରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡପେ’ରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି ଆଦି ଦାବିଗୁଡିକ ଯଦି ପୂରଣ ନହୁଏ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ରୋଗୀ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

**ଯାଜପୁର,୨।୮ (ସମିସ)**

ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ରୋଗୀ ମୃତ୍ୟୁକୁ ନେଇ ଶନିବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଯାହା ଫଳରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ଚେଷ୍ଟା ଜାରି ରଖିଛି। ଘଟଣାରୁ ପ୍ରକାଶ, ଯାଜପୁର ଟାଉନ୍ ଥାନା ପୌରାଞ୍ଚଳ ୱାର୍ଡ ନଂ୧୬ ନାଏକ ସାହି ଗ୍ରାମର ସୁଶାନ୍ତ ନନ୍ଦି (୩୨) ଶନିବାର ଦିବା ୧୨ ଘଟିକା ସମୟରେ ଡାଏରିଆରେ ପୀଡ଼ିତ ହୋଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିଲେ। ତାଙ୍କୁ ପ୍ରଥମେ ଡାକ୍ତର ଡାଏରିଆ ୱାର୍ଡରେ ଭର୍ତ୍ତି କରାଇଥିବା ବେଳେ କୌଣସି ଡାକ୍ତର ତାଙ୍କ ପାଖକୁ ଚିକିତ୍ସା କରିବା ନିମନ୍ତେ ଯାଇନଥିଲେ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। କେତେକ ସେବିକା ତାଙ୍କୁ ସାଲାଇନ୍ ଏବଂ ଇଞ୍ଜେକସନ୍ ଦେଇ ଚିକିତ୍ସା କରିଥିବା ବେଳେ ହଠାତ୍ ତାଙ୍କ ଅବସ୍ଥା ସଂକଟାପନ୍ନ ହୋଇପଡିଥିଲା। ଏହି ସମୟରେ ସେବିକାଙ୍କ ପକ୍ଷରୁ ସେହି ୱାର୍ଡର ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଖବର ଦେଇଥିଲେ। ମାତ୍ର କୌଣସି



ଡାକ୍ତର ସେଠାରେ ପହଞ୍ଚି ନଥିଲେ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଚିକିତ୍ସା ଅବହେଳା କରାଯାଇଥିବାରୁ ସୁଶାନ୍ତଙ୍କର ମୃତ୍ୟୁ ଘଟିଛି ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଉଥିବା ବେଳେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରିବା ପାଇଁ ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ମାତ୍ର ମୃତ୍ୟୁ ପରେ ସୁଶାନ୍ତଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏହାକୁ ନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ମୃତକଙ୍କ ପରିବାର ଏବଂ ସେମାନଙ୍କର ସହଯୋଗୀଙ୍କ ପକ୍ଷରୁ ପ୍ରବଳ ପାଟିତୁଣ୍ଡ କରାଯାଇଥିବା ବେଳେ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ରସୁଲପୁରରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ

**କୁଆଖିଆ,୨।୮ (ସମିସ):** କୋରେଇ ବିଧାୟକ ଆକାଶ ଦାସନାୟକ ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ବଡକଇଁଚି ପଞ୍ଚାୟତର ପଞ୍ଚଗୋଛିଆ ଗ୍ରାମର ଜାଗୁଳାଇ ହନୁମାନ ମନ୍ଦିର ପାଖରେ ବିଭିନ୍ନ ପ୍ରକାର ଫଳନ୍ତି ଗଛ ଲଗେଇଥିଲେ। ପରେ ପାଳସାହି ଗ୍ରାମରେ ଥିବା ଦୁଇ ଏକର ପାଖାପାଖି ଜାଗାରେ ଆମ୍ବ ଗଛ ଓ ବିଭିନ୍ନ ଗଛ ଲଗେଇଥିଲେ। ପରେ ଗୋରାଧା ଗରୁଆଳ ଗ୍ରାମରେ ବୃକ୍ଷରୋପଣ କରିବା ସହ ପ୍ରାୟ ୫୦୦ରୁ ଅଧିକ ଗଛ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ସରିଲା ପରେ ଗନ୍ଧନ ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ, ବରିଷ୍ଠ ବିଜେପି ନେତା ପୂର୍ବତନ ଅଧକ୍ଷ ଶଶୀଭୂଷଣ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରକାଶ ସାହୁ, ମଣ୍ଡଳ ସଭାପତି ବିନୋଦ ମହାରଣଙ୍କ ସମେତ ବିଜେପି ସଭ୍ୟ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ସ୍କୁଲ କଲେଜ୍ ଶିକ୍ଷକ ଓ କର୍ମଚାରୀଙ୍କ ପ୍ରତିବାଦ ସଭା



**କୁଆଖିଆ,୨।୮ (ସମିସ):** ଆଜି ଓଡିଶା ସ୍କୁଲ କଲେଜ୍ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ପ୍ରତିବାଦ ସ୍ୱରୂପ ୬ ଦଫା ଦାବି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଯାଜପୁର ଜିଲ୍ଲା ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତଙ୍କ ନେତୃତ୍ୱରେ ଶିକ୍ଷକମାନେ ଏକ ଶୋଭାଯାତ୍ରାରେ ଯାଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହି ପ୍ରତିବାଦ ସଭାରେ ବ୍ଲକ ଓଷ୍ଟାର ସଭାପତି କୁଶମଣୀ ପଣ୍ଡା, ସମ୍ପାଦକ ପ୍ରଭାତ କୁମାର ଚନ୍ଦ, ଓଲଷ୍ଟାର ଜିଲ୍ଲା ମହାସଙ୍ଘର ସଭାପତି ବିକ୍ରମ କୁମାର ଦାଶ, ଓଲଷ୍ଟାର ବ୍ଲକ ସଭାପତି ଅରୁଣ କୁମାର ସ୍ୱାଇଁ, ଉପଦେଷ୍ଟା ପ୍ରଦୀପ କୁମାର ସାମଲ, ଉପସଭାପତି ଚିତ୍ତରଞ୍ଜନ ଦାଶ, ଶିକ୍ଷକ ନେତା ବୈଦେହିନାଥ ସାହୁ, ନୀଳମଣି ଲେଙ୍କା, ଅକ୍ଷୟ କୁମାର ବରାଳ, ଗୋବିନ୍ଦ ଚନ୍ଦ୍ର ଦିବେଦୀ ଇନ୍ଦ୍ରମଣୀ ରାଉତ, ଅନନ୍ତ ସାହୁ, ଅରୂପା ଦାଶ, ଅନନ୍ତ କିଶୋର ପରିଡା ପ୍ରମୁଖ ବହୁ ଶିକ୍ଷକ ଏହି ସଭାରେ ଯୋଗଦେଇଥିଲେ।



କବିତା ବାରିକ

# କେତେ ଦିନର



ବଡ଼ ବିଚିତ୍ର ଏ ଜୀବନ। କେତେ ଅନୁଭୂତି, କେତେ ଘଟଣା ! କେତେ ସ୍ୱପ୍ନ ଆଉ କେତେ କେତେ ହତାଶା! କେତେବେଳେ ସ୍ୱପ୍ନ ଭାଙ୍ଗିଯାଏ ତ, କେତେବେଳେ ସ୍ୱପ୍ନ ବାସ୍ତବତାର ଦୋଳିରେ ବସି ଝୁମୁରୁ ଥାଏ। ତାରି ଭିତରେ ଅପରାହ୍ନର ଛାଇ ଆଉ ଗଛରୁ ପାଚିଲା, ଫଳ ଟିପ୍‌କି ପଡ଼ିଲା ଭଳି ଜୀବନ ବି କଷା ହେଉ କି ପାଚିଲା, କଡ଼ି ହେଉ କି ଫୁଲ ଗଳି ପଡ଼େ।

ସମସ୍ତେ କହୁଛନ୍ତି ବାପାଙ୍କର ବୟସ ହୋଇଥିଲା। ଗଲେ। ଅଶୀ ଉପରେ ହୋଇଥିଲା। ବହୁତ ଦେଖିଲେ, ବହୁତ ପାଇଲେ। ବହୁତ ଭୋଗିଲେ ବି। ଯାଉଛନ୍ତି ମାନେ କଷ୍ଟରୁ ମୁକ୍ତି। ତାଙ୍କ ପରେ ଅନ୍ୟମାନେ ବି ଗାଣ୍ଠି ବେଉଥିଲେ। ବାପାଙ୍କ କୋକେଇ ସଜ ହେଉଛି। ଆଉ ଟିକିଏ ପରେ ଶବ ବନ୍ଧା ଯାଇ ହରିବୋଲ ଶୁଭିବ। ଆଗରେ ବଡ଼ଭାଇ କାନ୍ଧ ଦେବେ। ଝୁଣା ଧୂଆଁ, ଖଇ, କଉଡ଼ି ଭିତରେ ରାମ ନାମ ସତ୍ୟ ହେ, ହୋଲାହଲିଏ। ତାରି ଭିତରେ ଆଉ ଗୋଟିଏ ଦିଗକୁ ବି ସଜଡ଼ା ଚାଲିଛି। ଗଙ୍ଗା କୂଳିଆମାନେ ଶବ ଦାହ ପରେ ଆସି ଖାଇବେ।

ମାନସୀ ଏଇ ଅଦ୍ଭୁତ ପରମ୍ପରା, ରୀତି ଦେଖି ଆଶ୍ଚର୍ଯ୍ୟ ହେଉଛି। ମୃତ୍ୟୁ ଆଉ ଭୋଜ ଏ ଦୁଇଟି ସତେକି ପରସ୍ପର ଛାଇ। ତାକୁ ଗାଢ଼ କରିଦିଏ ଆଖିର ଲୁହ। ପୁଣି କି ବିଚିତ୍ର କଥା ଦେଖାଦେ। କ୍ରିୟାକର୍ମ, ଦଶାହଘାଟ ଭିତରେ ଆୟୋଜିତ ହେବ ଭୋଜି। ପୁରୋହିତଙ୍କୁ ଦାନ, ଦକ୍ଷିଣା। ମରଣ ସହିତ ଗୋଟାଏ ପରେ ଗୋଟାଏ ରୀତି, ନୀତି ଯୋଡ଼ି ହୋଇଯାଉଛି। ଆମର ସଂସ୍କାରରେ, ପରମ୍ପରାରେ। ଏସବୁ ହେଲା ନିହାତି ଆବଶ୍ୟକ କି ନୁହେଁ ସେ କଥା ତ ଜଣାନାହିଁ ମାନସୀକୁ, ହେଲେ ସତକଥା ହେଲା ସେ ଗ୍ରହଣ କରିପାରୁ ନାହିଁ।

ଦେଖୁଦେଖୁ ସବୁ କର୍ମ ସରିଗଲା। ଗହଳି ବି ଭାଙ୍ଗିଗଲା। ଘରଟା ଖାଁ ଖାଁ ମାଡ଼ି ଗୋଡ଼ାଇଲା। ଜଣକର ଅବର୍ତ୍ତମାନରେ ଏମିତି ଖାଲି ଲାଗେ ଘର? ବାପା କ୍ରମଶଃ ସ୍ମୃତି ହେବାରେ ଲାଗିଲେ। ତାରି ଭିତରେ ମାନସୀର ବାହାଘର ପାଇଁ ଏବେ ସମସ୍ତେ ତତ୍ପର ହୋଇ ଉଠିଲେ। ଆଗରୁ ଠିକଣା ହୋଇଥିବା ବାହାଘର ବାପାଙ୍କ ଦେହ ଦିନରେ ସାରିବା ପାଇଁ ମଧ୍ୟ ପ୍ରସ୍ତାବ ଆସିଥିଲା। ନ ହେଲେ ବର୍ଷେ ଗଲାପରେ। ମାନସୀ ରାଜି ହୋଇ ନ ଥିଲା। ପୁଣି ଯେତେବେଳେ ବର୍ଷ ପୂରିବା ଉପରେ ସେ ପ୍ରସଙ୍ଗ ଉଠିବାରୁ ମାନସୀ ବଜ୍ର ଘୋଷଣା କଲା, ସେ ବାହା ହେବ ନାହିଁ ମାନେ ଜୀବନସାରା ଅବିବାହିତ ରହିବ। ମାଆ, ବଡ଼ଭଉଣୀ, ପିଉସୀ, ଭାଇ, ଘରର ଅନ୍ୟାନ୍ୟ ମୁରବିମାନେ ଯେତେ ବୁଝାଇଲେ ସେ କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ ରହିଲା।

କଳା ଶେଷ ଅସ୍ତ୍ର ପ୍ରୟୋଗ କଲେ କାଲିକୁ କିଏ ଦେଖିଛି ମାଆ? ବୁଢ଼ାକାଳେ ପାଖରେ କେହି ନ ଥିଲେ, ନିଃସଙ୍ଗତା ଖାଇଯିବ। ଦେହପା, ଭଲମନ୍ଦ ଅଛି।

ବିବାହ, ଘରସଂସାର, ପୁଅଝିଅ ଏଇମାନେ ଯଦି ବୁଢ଼ା କାଳେ ସାହାରା, ତାହାଲେ ଅଜୟ ଅଙ୍କଲ କାହିଁକି ଆଜି ଏତେ ନିଃସଙ୍ଗ? ବାନ୍ଧବୀ ମଞ୍ଜୁର ବାପା ଅଜୟ ଅଙ୍କଲ। ମଉସା ମାଉସୀଙ୍କର ଗୋଟିଏ ପୁଅ, ଗୋଟିଏ ଝିଅ। ବଡ଼ପୁଅ ପଢ଼ା ପରେ ଚାଲିଗଲା ଆମେରିକା। ସେଠି ସେ ନିଜ ପସନ୍ଦର ଝିଅ ବାଛି ବାହା ହେଲା। ବୋହୂ ଭାରତ ଆସିବାକୁ ରାଜି ନୁହେଁ। ମଉସାମାଉସୀ ବି ପୁଅର ବାହାଘରକୁ ଯାଇ ପାରିଲେନି। ମେସେଜରେ ଆଶୀର୍ବାଦ ପଠାଇଲେ। ଭିଡିଓ କଲରେ ବାହାଘର, କଥାବାର୍ତ୍ତା। ମଞ୍ଜୁ ବି ବାହା ହୋଇ ମୁମ୍ବାଇରେ ଥିଲା। ଦୁଇବର୍ଷ ହେଲା ତା' ସ୍ୱାମୀ ଲଣ୍ଡନର କେଉଁ ଏକ କମ୍ପାନୀରେ ଜଏନ୍ କଲା ପରେ ସେ ଚାଲିଗଲା ଲଣ୍ଡନ। ମଉସା ମାଉସୀ ପଡ଼ି ରହିଲେ ତାଙ୍କ କଟକ ଘରେ, ପୁରୁଣା ଦୁନିଆକୁ ଧରି। ଦୁଃଖେସୁଖେ ଦିନ ଗଡ଼ି ଚାଲିଲା। ଦୁଇଟା ପକ୍ଷୀ ଦିନେ ନୀଡ଼ ବାନ୍ଧିଥିଲେ। ସେ ନୀଡ଼କୁ ଦୁଇଟି ଶାବକ ଆସିଥିଲେ। ବଡ଼ ହେଲେ। ଡେଣା ଗଜୁରିଲା। ଶକ୍ତ ହେଲେ। ଉଡ଼ି ଶିଖିଲେ। ଚାଲିଗଲେ ଦୂର ଆକାଶକୁ। ସାତ ସମୁଦ୍ର, ତେର ନଈ। ବସା ଖାଲି ହୋଇଗଲା। ପୁଣି ସମୟ କଡ଼ ଲେଉଟାଇଲା। ମା' ପକ୍ଷୀର ମୃତ୍ୟୁ ହେଲା।

ମାନସୀ ବାପାଙ୍କ ମୃତ୍ୟୁପରେ ଅଜୟଅଙ୍କଲଙ୍କ ଦେହ ଖରାପ ଶୁଣି ଯାଇଥିଲା ଦେଖିବାକୁ। ଶୋଇଥିଲେ ମଉସା। ବିରାଟ ପୁରୁଣା କାଳିଆ ଦୋ ମହଲା ଘର। ଫଳ ଫୁଲର ବି ବଡ଼ ବଗିଚା। ମାଳି ଓ ରାନ୍ଧୁଣୀ ଏ ଦି' ଜଣ ମଉସାଙ୍କ ଶେଷ ଜୀବନର ସାହାରା। ତାଙ୍କ ପରେ ପିଲାମାନେ ଏ ଘର ବିକିବେ କି ଦାନ କରିଦେବେ ଜଣା ନାହିଁ। ମରି ପଡ଼ିଥିଲେ ପାଣି ଦେବାକୁ କେହି ଆସିପାରିବେନି। କେମିତି ଏକ ନିଃସଙ୍ଗତା ଭିତରେ ଅଜୟ ଅଙ୍କଲ୍ ଡିପ୍ରେସନ୍‌ରେ ଚାଲିଯାଇଥିଲେ।

ସେଠୁ ଫେରିଲା ପରେ ମାନସୀର ମନ ଭାଙ୍ଗି ଯାଇଥିଲା। କାହିଁକି ମଣିଷ ସଂସାର କରେ? କେତେ ଦିନର ଏ ଜୀବନ? ପୁଅଝିଅ, ପ୍ରାଚୁର୍ଯ୍ୟ, ଘରଦ୍ୱାର ସବୁ ଅଛି। ଅଥଚ ନ ଥିଲା ଭଳି। ବିବାହ କରିବି କା'ଣ ନିଃସଙ୍ଗତା ଆସୁନି? ପୁଅଝିଅ ଥାଇ ବି କା'ଣ ପ୍ରଶ୍ନ ଉଠୁନି, କେଉଁ ଅବସ୍ଥାରେ ମରଣ ଆସିବ ଆଉ ପାଖରେ କିଏ ଥିବ? ମାନସୀ ବାପାଙ୍କର ମୃତ୍ୟୁକୁ ଅତି ପାଖରୁ ଦେଖିଥିଲା। ତା' ସହ ଦେଖିଥିଲା ବାପାଙ୍କର ବାର୍ଦ୍ଧକ୍ୟ ଆଉ ରୋଗଶଯ୍ୟାରେ ଦୀର୍ଘ ଦିନ ପଡ଼ିରହିବା। ପୁଣି ଦେଖିଲା ବିବାହ କରି, ପୁଅଝିଅଙ୍କର ଭରପୂର ସଂସାର ଭିତରେ ଅଜୟ ଅଙ୍କଲଙ୍କ ନିଃସଙ୍ଗତା। ମନେ ପକାଉଥିଲା ଗୌତମ ବୁଦ୍ଧଙ୍କୁ। ଏଇ ମୃତ୍ୟୁ, ରୋଗ, ବାର୍ଦ୍ଧକ୍ୟ, ଦେଖିକି ସେ ଦିନେ ସଂସାର ତ୍ୟାଗୀ ହୋଇଥିଲେ। ସ୍ତ୍ରୀ, ଛୋଟ ପୁଅକୁ ଛାଡ଼ି ନିର୍ବାଣ ପାଇଁ ଘର ଛାଡ଼ିଥିଲେ। କଥା ଯେତେବେଳେ ତାକୁ ବାହା ନ ହେଲେ, ଶେଷ ଜୀବନରେ, ବୁଢ଼ା କାଳେ କେହି ଦେଖିବେ, ଭଲମନ୍ଦ, ନିଃସଙ୍ଗତା ଖାଇଯିବ କଥା ଉଠାଇଲେ, କେବଳ ନୀରବରେ ହସି ଦେଉଥିଲା ମାନସୀ। ନିଃସଙ୍ଗତା ଏକ ଭାବନା। ଏକ ଗଭୀର ଅନୁଭୂତି। ଭିଡ଼ ଭିତରେ ବି ମଣିଷ ନିଃସଙ୍ଗ। ଆଉ ରହିଲା କାଲି କଥା। କାଲିକୁ କିଏ ଦେଖିଛି? ବର୍ତ୍ତମାନ ତ ହେଲା ସବୁଠାରୁ ବଡ଼ ସତ୍ୟ। କାଲି ଆସିବ କି ନାହିଁ କିଏ କହି ପାରିବ? କେତେଦିନ ପାଇଁ ଆମେ ସଂସାରକୁ ଆସିଛୁ? କେବେ ନାଟକ ସରିଯିବ। ବାହୁଡ଼ିବା ବେଳ ଆସିଯିବ ସେ କଥା କିଏ କହିପାରିବ?


ମାନସୀ କିନ୍ତୁ ସେହି ନିଃସଙ୍ଗତାକୁ ସାଥୀ କରି ନେବ। ନିଜର ଚିନ୍ତାଧାରା, ଭାବପ୍ରବଣତାକୁ କାହିଁକି କାହା ଉପରେ ଲଦି ଦେବ? ଏକଥା ବୁଝାଇବା ବି କା'ଣ ଦରକାର? ■

ମୁସକାନ ମେନସନ୍
ଡି-୧, ବମିଖାଲ
କେନାଲ ରୋଡ୍, ରସୁଲଗଡ଼,
ଭୁବନେଶ୍ୱର - ୭୫୧୦୧୦

## ପୁସ୍ତକ ପରିଚୟ

### ରାଜଭୂମି

ସମ୍ପାଦକ
ପବିତ୍ର ବ୍ରହ୍ମପୁତ୍ର ନାୟକ



ସାହିତ୍ୟ ପତ୍ରିକା 'ରାଜଭୂମି'ର ରଥଯାତ୍ରା ବିଶେଷାଙ୍କ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ସମ୍ପାଦନାରେ ପ୍ରକାଶ ପାଇଛି। ଏହି ସଂଖ୍ୟାରେ ପ୍ରକାଶିତ ରାଜଲକ୍ଷ୍ମୀ ତ୍ରିପାଠୀଙ୍କ 'ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀର ପ୍ରାଚୀନତା', ଶରତ ଚନ୍ଦ୍ର ମହାପାତ୍ରଙ୍କ 'କେରଡ଼ାର ନାଗେଶ୍ୱର ଶ୍ରୀଜଗନ୍ନାଥ', ସୁଷମା ପରିଡ଼ାଙ୍କ 'ତାଳଚେରର ମା' ହିଙ୍ଗୁଳା' ଆଦି ଆଲେଖ୍ୟଗୁଡ଼ିକ ମନରେ ଭକ୍ତି ଭାବନା ଜାଗ୍ରତ କରେ। ସେହିପରି ଶିବପ୍ରିୟା ମିଶ୍ରଙ୍କ 'ପଦ୍ମପୁରର ଗୁରୁ ପଦ୍ମ ସମ୍ଭବ ଓ ମହାକାଳି ଉଦ୍‌ଭୂତି' ପ୍ରବନ୍ଧରେ ଗୁରୁ ପଦ୍ମ ସମ୍ଭବଙ୍କ ଜନ୍ମସ୍ଥାନ ସମ୍ପର୍କରେ ଅନେକ ଅଜଣା ତଥ୍ୟ ରହିଛି। ଗଳ୍ପ ବିଭାଗରେ ପାଠାମୃତ ଡଗରାଙ୍କ 'ଗୋଟେ ବଦି', ସୁଚରିତା ବେହେରାଙ୍କ 'ନୀଳ ପ୍ରକ୍', ରାଜେଶ କୁମାର ତ୍ରିପାଠୀଙ୍କ 'ବାହାଘର ଭଜା', ଶୁଭେନ୍ଦୁ କୁମାର ମହାପାତ୍ରଙ୍କ 'ଜନିଆଁ ସ୍ୱନା', ଡ. ହୃଷିକେଶ ମହାରଣାଙ୍କ 'ଅବିଚାର' ଆଦି ଗଳ୍ପଗୁଡ଼ିକରେ ସାମାଜିକ ବାସ୍ତବତା ଓ ମାନବୀୟ ଆବେଗ ଚମତ୍କାର ଭାବେ ଫୁଟି ଉଠିଛି। କବିତା ବିଭାଗରେ ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ଭାବର ଠାକୁର ତୁମେ ଭାବର ସାଗର', ଡକ୍ଟର ମମତାରାଣୀ ନାୟକଙ୍କ 'ସ୍ମୃତି କିଛି ରହିଯାଏ ଅଣଦେଖା', ଙ୍କ ଅଶୋକ କୁମାର ପଟ୍ଟନାୟକଙ୍କ 'ବର୍ଷା', ସର୍ବାଣୀ ଦାସଙ୍କ 'ପ୍ରେମ ଆମ ଅମଳିନ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ସେହିପରି ସ୍ୱାସ୍ଥ୍ୟ, ପିତର, ରିପୋର୍ଟ, ସାକ୍ଷାତକାର, ତେରେଛା ନଜର ଆଦି ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଛି। ■

ରାଜକନଗର, କେନ୍ଦ୍ରାପଡ଼ା-୭୫
ମୂଲ୍ୟ: ୭୦ ଟଙ୍କା

### ଧୃଷଣା

ସମ୍ପାଦିକା
ଡକ୍ଟର ଶର୍ମିଷ୍ଠା ମହାପାତ୍ର



ସମୀକ୍ଷା, ସମାଲୋଚନା ଓ ଗବେଷଣାଧର୍ମୀ ତ୍ରୈମାସିକ ପତ୍ରିକା 'ଧୃଷଣା'ର ଏକାଦଶ ବର୍ଷ ୧ମ ଓ ୨ୟ ୨୦୨୫ ସଂଖ୍ୟା ଆମର ହସ୍ତଗତ ହୋଇଛି। ଡକ୍ଟର ଶର୍ମିଷ୍ଠା ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶିତ 'ଧୃଷଣା' ଏହି ସଂଖ୍ୟାରେ ଡକ୍ଟର ସୁବ୍ରତ କୁମାର ପୃଷ୍ଟିଙ୍କ 'ଭାରତୀୟ ଲିପିର ମୌଳିକ ରୂପ: କଳିଙ୍ଗ ବ୍ରାହ୍ମୀ', ଡକ୍ଟର ଅଶୋକ କୁମାର ପଣ୍ଡାଙ୍କ 'ମାନକ ଓଡ଼ିଆ ଭାଷା', ଡକ୍ଟର ଗୋବିନ୍ଦ ଚନ୍ଦ୍ର ପେଙ୍କୋଲଙ୍କ 'ଓଡ଼ିଶାର ଜନଜାତି ଅଭିଧାନ- ଏକ ଅଧ୍ୟୟନ', ଡକ୍ଟର ବାସନ୍ତୀ ମହାନ୍ତିଙ୍କ 'ଓଡ଼ିଶାର ଜେଲା ସଂପ୍ରଦାୟ: ଏକ ଅନ୍ୱେଷଣ', ଡକ୍ଟର ସଂଜୟ କୁମାର ବାଗଙ୍କ 'ମାଣବସା, ଲକ୍ଷ୍ମୀ ପୁରାଣ ଓ ଶ୍ରୀୟା ପ୍ରସଙ୍ଗ: ଏକ ଆଲୋଚନା', ଡକ୍ଟର ଅରବିନ୍ଦ ଦାସଙ୍କ 'ଉନବିଂଶ ଶତାବ୍ଦୀର ଓଡ଼ିଶାକୁ ମିଶନାରୀମାନଙ୍କ ଅବଦାନ', ଡକ୍ଟର ଶରତ ଚନ୍ଦ୍ର ଜେନାଙ୍କ 'ସାହିତ୍ୟ ଗବେଷଣା' ଆଦି ପ୍ରବନ୍ଧ ଓ ସମାଲୋଚନାଗୁଡ଼ିକ ଉଚ୍ଚମାନ ଓ ଗବେଷଣାଧର୍ମୀ ହୋଇଛି। ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ଓ ନାଟ୍ୟକାର ବିପିନ୍ ମହାପାତ୍ରଙ୍କ ସାରସ୍ୱତ ସାକ୍ଷାତକାରରେ ଉଭୟ ସ୍ରଷ୍ଟାଙ୍କ ଜୀବନ ଓ ସାହିତ୍ୟ ସଂପର୍କରେ ପାଠକମାନେ ଅନେକ କଥା ଜାଣି ପାରିବେ। ପୁସ୍ତକ ସମୀକ୍ଷା, ଜୀବନୀ ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ମନନଧର୍ମୀ ଓ ଉଚ୍ଚକୋଟୀର ହୋଇଛି। ସମାଲୋଚନା ଓ ଗବେଷଣାଧର୍ମୀ ଏହି ପତ୍ରିକାର ଲେଖାଗୁଡ଼ିକ ଉଚ୍ଚତର ଗବେଷଣା ନିମନ୍ତେ ସହାୟକ ହେବ ବୋଲି ଆଶା କରାଯାଏ। ■

୩୦୮, ଲକ୍ଷ୍ମୀ ସାଗର,
ଭୁବନେଶ୍ୱର - ୭୫୧୦୦୬
ମୂଲ୍ୟ: ୭୦ ଟଙ୍କା


## ଛାଇ

ଡକ୍ଟର ଶ୍ରୀହରି ଧଳ



ଛାଇ ବି ତମପରି
ସନ୍ଦେହି।
ପଛେ ପଛେ ଚାଲେ,
ହାଡ଼େ ହାଡ଼େ ଜଗେ।
କାଳେ
ମୁଁ ଛାଇ ହୋଇଯିବି କି-
ଆଉ କା' ଦେହରେ ?
କେମିତି ବୁଝାନ୍ତି-
ତମେ ତ ମୋ-
ଏକାନ୍ତ ଛାଇ।
ଘରେ, ରାସ୍ତାରେ,
ରେସ୍ତୋରାଁରେ।

ତମେ ତ-
ତିଳ ବିଶ୍ୱାସର
ପୋଖରୀଟିଏ।
ସବୁବେଳେ-
ଝଲସୁ ଥାଏ-
ବିଶ୍ୱସ୍ତ ଛାଇଟେ ହୋଇ
ମନ ଦର୍ପଣ-
ଭିତରେ। ■



ତାଉଁତରା, କପାସି
ଚିତାଲୋ, ଯାଜପୁର
ମୋ: ୮୧୧୭୦୮୧୯୦୬

## ଫେରିବାର ବେଳ

ସୂର୍ଯ୍ୟସ୍ନାତ ତ୍ରିପାଠୀ



ଅନେକ କଥା ଅଧା ରହିଗଲା
ଏଯାଏଁ...

ଅଧାଗପ
ଅଧାଗୀତ
ଅଧା ଲେଖା ମୋର ଛୁଟି
ଦରଖାସ୍ତ, ଅଧା ଜହ୍ନ କଅଁଳ କରୁଣ,
ଅଧା ନିଦ, ଅଧା ଅଧା ଆମ ଯାତ୍ରା
ଲକ୍ଷ୍ୟହୀନ; ଅଧା ଖୋଲା ଧୂର ଆକାଶର
ଆଖି, ଅଧା ସୂର୍ଯ୍ୟ ପତ୍ରଗହଳରେ,
ନିଗିଡ଼ି ନ ଆସି ଅଧା ବାଟେ
ଜମାଟ ବାନ୍ଧିଛି ଲୁହ, ମୋ ରକ୍ତ -
କଳାରଙ୍ଗର ବରଫ।

ଅଧା ଅଙ୍କା ପୁଣି
ନିଃସଙ୍ଗ ରାସ୍ତାରେ ଦୁଇହଳ
କ୍ଲାନ୍ତ ପାଦଚିହ୍ନ ଓ ତୁମ ହାତ ଅଙ୍କା
ଗୋଟେ ଝୋଟି- ଅଧା ଗଢ଼ା
ଆମ ଦୁଃଖକଳ୍ପ ସତେ
ସମୟ କାନ୍ଥରେ...

ଏବେ କିନ୍ତୁ ଏସବୁକୁ ପଛ କରି
ଫେରିବାର ବେଳ।

ଏବେ, ଲେଉଟିଯିବାକୁ ହେବ ଆମକୁ
ଧୂଳିଧୂଆଁ ଜର୍ଜରିତ ଗୋଟେ ଛୋଟ ସହରକୁ -
ଯେଉଁଠି ଅଛି ଜୀବନ, ଜଞ୍ଜାଳ ଓ ଜହର।
ଯେଉଁଠି ଅଛି, ଅବା ନାହିଁ
ତୁମ ମନଲାଖି ତୋଫା ଜହ୍ନରାତି,
ଫୁଲ, ଫଗୁଣ, ଛିଟ ପ୍ରଜାପତି,
ସମୁଦ୍ର ଓ ନୀଳ ନିରବତା କିଛି।

ଓ ଯେଉଁଠି,
ଆମ ଅପେକ୍ଷାରେ
ଅଧା ଗଢ଼ା ଅଛି ଏକ ଘର...
ଶୀତଳଜ୍ୟୋତ୍ସ୍ନାରେ ଗଢ଼ା ଚଟାଣ ଯାହାର,
କାନ୍ଥସବୁ ଓଦା ପବନର, ଛାତ ସାରା
ତାରାଫୁଲ ଭର୍ତ୍ତି ଓ ଦରଜାରେ,
ଦରଜାରେ ନିମନ୍ତ୍ରଣ ଆସନ୍ତାକାଲିର...

ଏବେ ଫେରିବାର ବେଳ।

ଯଦିଓ, ଫେରିଯିବା ଏକ ଭ୍ରମ,
ଓ ଅଣଲେଉଟା ଏ ଜୀବନ ବାଟରେ
ସବୁ ଯାତ୍ରା ମୃତ୍ୟୁମୁହାଁଣକୁ

ତଥାପି,
ତଥାପି...

ୱେଟିଂ ଲିଷ୍ଟରେ କାଲିର ଟିକେଟ୍।
ଆଜି, ସମୟର ନାଡ଼ି ପରଖୁଛେ
ଆମେ ଦୁହେଁ, କ୍ଲାନ୍ତ, ଅନିଶ୍ଚିତ...
କାଚକାନ୍ଥ ସାରା ରକ୍ତଛିଟା,
ଘର ସାରା ମୃତଦେହ ପ୍ରଜାପତିଙ୍କର।
ସମୟର ଧୀର ଆଞ୍ଚ, ଆକାଶରେ
ଦରପୋଡ଼ା ଜହ୍ନ।

ଆମ ଅସହାୟତାକୁ ଦେଖି,
ପାହିବ ପାହିବ କହି
ଏ ଆତଙ୍କର ରାତି ପାହୁନାହିଁ...
ବରଫ ହେଇଯା' ବୋଲି
ହୃଦୟକୁ କେହି କହୁନାହିଁ... ■

ସିଦ୍ଧେଶ୍ୱରପୁର, କଟକ

# "ମୁଁ ନଲେଖିଲେ ବି ମୋ ସାହିତ୍ୟର କିଛି କ୍ଷତି ହେବ ନାହିଁ"






ହରପ୍ରସାଦ ଦାସ

ଯାହା ଭାବେ ତାହା ଲେଖେ, କିନ୍ତୁ ଲେଖେ କାହିଁକି? ଭାବକୁ ଭାବନାରେ ଛାଡ଼ିଦେଲେ ହୁଅନ୍ତା ନାହିଁ? ଅସଂଖ୍ୟ ଭାବନା ମନରେ ଆସି ପୁଣି ଆପେ ଲିଭିଯାନ୍ତି। ଗୋଟେ କୋଉ ଭାବ, ଦୃଶ୍ୟ ବା ବୋଧ ରହିଯାଏ, ଲିଭେନି। ମୁଁ ମନେ ମନେ ଲଢ଼େ ତାଙ୍କ ସାଙ୍ଗରେ, ହେଃ ଏଇଟା ଅତି ସାଧାରଣ, ହେଃ ଏଇଟା ଅତି ଭାବପ୍ରବଣ, ଏମିତି କେତେ ଭାବରେ ତାଙ୍କୁ ଛଳାଏ, ଛୋଟ କରେ ଓ ସାଧାରଣ ଜୀବନର ଅଭ୍ୟସ୍ତ ପ୍ରାତ୍ୟହିକତାକୁ ଫେରେ। ଏମିତି ସ୍ତର ବାନ୍ଧି ପଡ଼ିରହନ୍ତି ଅସଂଖ୍ୟ ପରିତ୍ୟକ୍ତ ଭାବନା। ପିଲାଦିନରୁ, ଅତି ଅଳ୍ପ ବୟସରୁ ଏମିତି ହେଇଚାଲେ। ସାହିତ୍ୟ ବହିର ଲେଖକମାନେ ଠିଆ ହୁଅନ୍ତି ପାହାଡ଼ ଭଳି ଅନ୍ଧାରରେ, ଆକାର ଅନୁମାନ କରିହୁଏନି କିନ୍ତୁ ବଡ଼ କ'ଣ ଗୋଟେ ଅଛି ସାହିତ୍ୟରେ, ଏ ପ୍ରତ୍ୟୟ ବୋଧେ ଭିତରେ ଭିତରେ ବଢୁଥାଏ। ବୋଧହୁଏ ପଞ୍ଚମ ଶ୍ରେଣୀରେ ପଢ଼ିଲାବେଳେ ମୋ' ବାପାଙ୍କ ସହକର୍ମୀ ଜଣେ ଶିକ୍ଷକ ଘରୋଇ ଭାବରେ ବି.ଏ. ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥାନ୍ତି। ତାଙ୍କ ଖଟ ଉପରେ ବହିଗଦା ଓ ଅଳ୍ପଟିକିଏ ଜାଗାରେ ସେ ଶୁଅନ୍ତି, କାଳେ ଗୋଡ଼ ବାଜିଯିବ ବୋଲି ପାଦ ଉପରେ ଗାମୁଛା ପକାନ୍ତି। ସେଇଠି ଦେଖିଲି 'ଗଳ୍ପସ୍ୱଳ୍ପ' ବୋଲି ବହି ଖଣ୍ଡିଏ। ମାଗି ଆଣିଲି। ମୁଁ ସେତେବେଳକୁ ବହି ପଢ଼ି ପାରୁଥିଲି। ବାପା ନଥିବାବେଳେ ତାଙ୍କ ଆରାମ ଚଉକିରେ ମୁଁ ଓ ମୋର ପ୍ରିୟ ଗୋଟିଏ କଳା କୁକୁର ଛୁଆ ପଢ଼ିବା ଆରମ୍ଭ କଲୁ। ନଅ-ଦଶ ବର୍ଷ ବୟସରେ ଲୟ ସ୍ଥିର ରଖି ଫକୀରମୋହନଙ୍କ ଗଳ୍ପ ପଢ଼ିବା ସହଜ ନ ଥିଲା। ପୃଷ୍ଠାଏ ପଢ଼ିଲେ ଆଖି ଲାଗିଯାଏ, କାଳୁ ମତେ ଉଠେଇ ଦିଏ ଓ ମୋ ମୁହଁକୁ ଚାହିଁ ରହେ। ମୁଁ ପୃଷ୍ଠା ଲେଉଟାଏ। ହଠାତ୍ ଆସିଗଲା 'ରାଣ୍ଡିପୁଅ ଅନନ୍ତା'। ମୁଁ କୁଜା ହେଇ ପଢ଼ିଥିଲି, ସିଧା ହେଇଗଲି। କାଳୁ ସତର୍କ ହେଇଗଲା ଯେ କ'ଣ ଗୋଟେ ଘଟୁଚି। ହଁ ଘଟୁଥିଲା ମୋ' ଭିତରେ ସେ ଗଳ୍ପର ଶେଷ ଦୃଶ୍ୟ। ଭାଷାରେ ଯେତିକି ବୁଝୁଥିଲି, ତା'ଠାରୁ ଅଧିକ ବୁଝୁଥିଲି ଭିତରେ କୋଉଠି ଗୋଟେ। ସେ ବୋଧେ ସେଇ ଲେଖକୀୟ ଶୂନ୍ୟସ୍ଥାନ ଯେଉଁଠିକି ଅନନ୍ତା ଟାଣି ଆଣିବ ଅଧରାତିର ଅଥୟ ମାଦଳ, ଲଗାଣବର୍ଷାରେ ଧାନବିଲ, ଶୀତର ଜଙ୍ଗଲ, ବଣନିଆଁ, ଜଡ଼ାତେଲର ଜୁଡ଼ା, ସର୍ଦ୍ଦାର ବାଡ଼ିର ବନ୍ଧାହାତୀ, ବାଉଁଶ ବୁଦାର ସାପ, କୁମୁଦର ଭଙ୍ଗାଦାନ୍ତ ଓ ପଙ୍କ ଉଛୁଳା, ସମସ୍ତଙ୍କୁ ଗୋଟିଏ ଲେଖାଏଁ ସମ୍ଭାବ୍ୟ କଥକତାର ଅଂଶ କରି। ଯାହା ଭାବ ତାହା କହିହେବ, ଲେଖି ହେବ। ମୟୂରଭଞ୍ଜରୁ କଳାହାଣ୍ଡି ଥିଲା ସତେ ଯେମିତି ଗୋଟେ ଦେଶାନ୍ତରୀର ଅସ୍ତିତ୍ୱ ସନ୍ଧାନ, ଟିକିଏ କଥକତାର ଅଠାରେ ଛିଣ୍ଡା କାଗଜ ଯୋଡ଼ି ସଂସାରକୁ କିଶୋର ଆଖିର ଗୁଡ଼ି କରି, ଉଡ଼େଇ ଦେବାର ଖୋଲା ଆକାଶ। କଳାହାଣ୍ଡିର ଜୁନାଗଡ଼ ହାଇସ୍କୁଲ ଥିଲା ସେଇ ଖୋଲା ଆକାଶରେ ଗୁଡ଼ି ଉଡ଼େଇବାର ଦିନ। ଫୁଟବଲ ଖେଳରେ ସେଣ୍ଟର ଫରୱାର୍ଡ, ଗୀତ, ବକ୍ତୃତା, ସାଧାରଣ ଜ୍ଞାନ, ଅଙ୍କ ଓ ବିଜ୍ଞାନରେ ବି। କିନ୍ତୁ ସାହିତ୍ୟରେ ସବୁବେଳେ ଅନ୍ୟମନସ୍କ, ସବୁବେଳେ କୁଣ୍ଠିତ, ଅଧାପନ୍ତରିଆ, କୋଉଥିରେ ବି ସନ୍ତୁଷ୍ଟ ନୁହଁ। ଲେଖକୀୟ ଶୂନ୍ୟସ୍ଥାନ ଭରି ଭରି କୁଆଡ଼େ ଧସି ଯାଉଥାଏ, ସତେ ଯେମିତି ସବୁ ପୁରୁଣା ଭାବ ପଚି ଶଢ଼ି ସ୍ଥାନ ଭରୁଥାନ୍ତି ଓ ମାଟିରେ ବଦଳୁଥାନ୍ତି। ଲେଖକର ମାଟି ଯେଉଁଠି ଧାନ କି ବାଲୁଙ୍ଗା କୋଉଟା ଗୋଟେ ଉପୁଜିବ, ସେ ମାଟି ବଞ୍ଜର ହେବ ନାହିଁ। କଳାହାଣ୍ଡିରେ ହିନ୍ଦୀ ସହିତ ସମ୍ପର୍କ ହେଲା। ସ୍କୁଲରେ ହିନ୍ଦୀ ପଢ଼ା ହେଲା। ଆସିଗଲେ ହିନ୍ଦୀର ବହୁ ରଚନା ଆଗକୁ। ଆସିଗଲେ ରବୀନ୍ଦ୍ରନାଥ ଇଂରାଜୀରେ। ପୂରା 'ଗାର୍ଡ଼ନର' ବହି ମୁଖସ୍ଥ ହେଇଗଲା। ହିନ୍ଦୀ ଓ ଇଂରାଜୀ ସହିତ ଓଡ଼ିଆ ଲୟ ମିଶେଇ ଗୋଟେ ବିଚିତ୍ର ଲୟ ମତେ ବ୍ୟତିବ୍ୟସ୍ତ କଲା। ସେତେବେଳକୁ ଦଶମ ଶ୍ରେଣୀ। ସାରାଦିନ ପାଠ ପାଇଁ ସତର୍କ, ସାରାରାତି ସେଇ ଲୟ ପଛରେ ଅନିଦ୍ରା। ବାଟ ମିଳୁନଥାଏ। କ'ଣ ଗୋଟେ କରିବାର ଥାଏ ଯାହା ମୁଁ କରିପାରୁନଥାଏ। ଦିନେ ସଂସ୍କୃତ କ୍ଲାସରେ ପଣ୍ଡିତ ମହାଶୟ ପଢ଼େଇଲେ ମହାଭାରତର ଯକ୍ଷ ପ୍ରଶ୍ନ। ଯକ୍ଷ ପଚାରିଲା ସବୁଠୁ ଗୂଢ଼ ପ୍ରଶ୍ନ : କଃ ବାର୍ତ୍ତାଃ, ଖବର କ'ଣ? ଯୁଧିଷ୍ଠିର ଉତ୍ତର ଦେଲେ : ପୃଥିବୀ ଏକ ହାଣ୍ଡି, ଆକାଶ ତା'ର ଘୋଡ଼ଣି, ସୂର୍ଯ୍ୟ ଅଗ୍ନି, ଦିବା ରାତ୍ରି ଇନ୍ଧନ, ମାସ ଓ ଋତୁ ରୂପକ ଚଟୁ ଚଳେଇ କାଳ ମଣିଷମାନଙ୍କୁ ରାନ୍ଧୁଚି, ଏଇ ଖବର!

ପିଲାଟିଏ ପାଠର ପରାକ୍ରମ ଦେଖି ସ୍ତମ୍ଭୀଭୂତ ହେବା କିଛି ନୂଆ ନୁହେଁ, କିନ୍ତୁ ସ୍ତମ୍ଭୀଭୂତ ହେବାର ଏଇ ମୁହୂର୍ତ୍ତ ନିଷ୍ପତ୍ତି କରେ ତା'ର ପ୍ରାଣ ସ୍ପନ୍ଦନ କେଉଁଠି। ମୋର ପ୍ରାଣସ୍ପନ୍ଦନ ଥିଲା କବିତାରେ ଯେଉଁ କଥକତା, ନାଟକୀୟତା, ସମ୍ବେଦନା ଓ ସ୍ୱର୍ଶ କାତରତା ମୋର ଭୂମି ନିର୍ମାଣ କରିଥିଲେ ସେସବୁ ହଠାତ ଗୋଟିଏ କାବ୍ୟଦୃଷ୍ଟିରେ ପରିଣତ ହୋଇଗଲେ। ମତେ କବିତା ଦିଶିଲା। ସେଥିଲେ ମିଶିଲା ଆସି ସ୍ମୃତିରେ ଉଜାଗର ଦୀପଶିଖା ସହିତ କୁଣ୍ଡଳୀ ମାରି ଉପରକୁ ଉଠୁଥିବା କବିତାର ଛନ୍ଦ ଓ ଧ୍ୱନି। ବୋଉ ଠାକୁରଙ୍କ ସଞ୍ଜ ଆଳତି କଲା ବେଳେ କାନି ଧରି ମୁଁ ଶୁଣେ ସବୁବେଳେ ଦଶାବତାର, ମନେବି ଥିଲା, ବୋଲିବି ପାରେ ଅତି ଅଳ୍ପ ବୟସରୁ। ଯା' ବାଦେ ସବୁ ଉପର ଓଳି ବୋଉ ରାମାୟଣ ପଢ଼େ, ସୀତାଙ୍କ ବନଗମନ, ବଲ୍କଳଧାରଣ, ଅଗ୍ନିପରୀକ୍ଷା ଭଳି ଅଧ୍ୟାୟରେ ସମସ୍ତେ କାନ୍ଦନ୍ତି, ତା' ବି କୋଉଠି ନା କୋଉଠି ରହିଯାଏ। ଘରେ ମନା ଥାଏ ମହାଭାରତ। ଭାଗବତର ଦଶମ ସ୍କନ୍ଦ ପଢ଼ା ହୁଏ ଘରେ, ବାପା ଜନ୍ମାଷ୍ଟମୀ ସକାଳୁ ନନ୍ଦୋତ୍ସବ ଯାଏଁ ନିର୍ଜଳା ଉପାସ କରନ୍ତି। ଯୋଉଠି ଥିଲେବି ନନ୍ଦୋତ୍ସବ ସକାଳେ ଦହିହାଣ୍ଡି ଭାଙ୍ଗିବା ପାଇଁ ପୈତୃକ ଗାଁ ଗଜରାଜପୁର ଯା'ନ୍ତି। ଆମ ବଂଶର ଆରାଧ୍ୟ ଗୋପାଳଜୀ। ମୁଁ ଗୋଟିଏ ବାସ୍ତୁହରା ଜମିଦାର ବଂଶର ଜଣେ ଦାୟାଦ। ମୋଗଲ କାଳରୁ ମକଦ୍ଦମୀ ସହିତ ଆରମ୍ଭ ଜମିଦାରୀ ୧୮୭୮ ବନ୍ଦୋବସ୍ତରେ ସ୍ଥିର ହେଲା ସିନା ଦେବୀ ନଦୀ ବନ୍ଧ ଦେଇ ଧୀରେ ସୁସ୍ଥେ ହସ୍ତୀ ଆରୋହଣ କରି ସୂର୍ଯ୍ୟାସ୍ତ ପୂର୍ବରୁ କଟକ ପହଞ୍ଚିବା ସମ୍ଭବ ହେଲାନାହିଁ। ଜମିଦାରୀ ଗଲା।

ମନ୍ଦିର ଦେବୋତ୍ତର ବିଭାଗକୁ ଗଲା। ଖଞ୍ଜା ଉଜୁଡ଼ି ଗଲା। କେବଳ ତ୍ରୁଷ୍ଟି ହୋଇ ରହିଚି ଆମ ବଂଶ। ମୋ ଜେଜେ ବାଇଶି ପାହାଚରେ ଇହଲୀଳା ସାଙ୍ଗ କରିଥିବାର ସ୍ମୃତିକଥା ଅଛି। ଅଛନ୍ତି ଗୋପାଳଜୀଙ୍କ ନଟଗୋପାଳ ମୂର୍ତ୍ତି ପାଖରେ କିଶୋରୀମୋହନ। ମୋ ଜେଜେଙ୍କ ନାଁ ଆସିଥିଲା ଏଇ ଠାକୁରଙ୍କ ନାଁରୁ। ଏସବୁ ବି ଆସି ମିଶିଗଲେ କେତେବେଳେ ମୋ ଭିତରେ ପ୍ରସ୍ତୁତ ହେଉଥିବା ଲେଖକୀୟ ଭୂମିରେ। ଆଭିଜାତ୍ୟ ସହିତ ଅଭାବ, ଦନ୍ତକଥା ସହିତ ବାସ୍ତବତା, ମକଦ୍ଦମୀ ସହିତ ଜନ୍ମାଷ୍ଟମୀ, ଅଧ୍ୟାତ୍ମ ସହିତ ପୌରାଣିକତା, କଥକତା ସହିତ କବିତା, ସଂସ୍କୃତ ସହିତ ଜନଜାତୀୟ କଳ୍ପନା, ପ୍ରକୃତି ସହିତ ବସ୍ତୁପ୍ରବଣତା, ଏମିତି କେତେକଣ। ରେଭେନ୍ସା କଲେଜରେ ଯୋଗଦେଲା ବେଳକୁ ଆଖି ସାମ୍ନାରେ ଥିଲା ଗୋଟେ ନୂଆ ପୃଥିବୀ। ବିଟଲ୍ସ ଜାଜ, ସ୍ଥିତିବାଦ ଓ ଉପନିବେଶମୁକ୍ତି ଗୋଟେ ନୂଆ ଭାଷା ଆଣି ଠିଆ କରାଇଥିଲେ। ନୂଆ କବିତାର ନୂଆ ବହନକାରୀ ସାମର୍ଥ୍ୟର ପରୀକ୍ଷା ପ୍ରସାରିତ ହୋଇଚାଲିଥିଲା। ଇଲିଅଟ୍ 'ୱେଷ୍ଟଲାଣ୍ଡ' ପାଇଁ ନୋବେଲ ପାଇବା ସହିତ ଆଧୁନିକ କବିତାର ରୋମାଣ୍ଟିକ ଓ ପ୍ରଗତିବାଦୀ ଭାଷ୍ୟ ବଦଳିଯାଇଥିଲା, ଏବେ କାବ୍ୟକଳା ଥିଲା କାବ୍ୟବୋଧର ବିଚ୍ଛୁରଣ ଓ ପୁନରେକୀକରଣ। ଇଏ ଆମ କାବ୍ୟଧାରା ନଥିଲା କିନ୍ତୁ ସଂକ୍ରମିତ ହୋଇ ରହିଥିଲା ବିଶ୍ୱ କବିତା। ଆମର ବଡ଼ କବିମାନେ ସେଇ ମାର୍ଗ ଦେଖେଇଲେ। ନିୟମିତ କବିତା ଲେଖା ଆରମ୍ଭ ହେଲା ସେଇ ରୀତିରେ। କିନ୍ତୁ ଲେଖକ ଭଳି ଲାଗିଲା ନାହିଁ। ମୋର ଜୀବନ ଯେଉଁ ଲେଖକୀୟ ଭୂମି ନିର୍ମାଣ କରିଥିଲା, ତା'ର ବ୍ୟବହାର ହେଲା ନାହିଁ। କେବେ ଦିନେ ଏ ପ୍ରଶ୍ନ ବି ଆସି ଠିଆ ହେଲା ଯେ ମୁଁ ଯଦି ମୋର ଲେଖକୀୟ ଉପାଦାନକୁ ଅଣଦେଖା କରି ବିଦେଶାଗତ ମଡେଲର ଆଧାରରେ କବିତା ଲେଖୁଚି, ସେ ମୋର ନୁହେଁ। ମୁଁ ସୃଜନରେ ବି ସ୍ୱାଧୀନ ନୁହେଁ। ସେତେବେଳକୁ ମୋର ଗଳ୍ପ ଓ କବିତା ସଂକଳନ ବାହାରିଲାଣି, ଯୁବଲେଖକର ସ୍ୱୀକୃତି ବି ମିଳିଲାଣି, କିନ୍ତୁ ମୁଁ ଲେଖୁଚି କାହିଁକି? ଲେଖକୀୟ ଭୂମି ଯଦି ମୋର ନୁହେଁ, ମୁଁ ଯାହା କହିବାକୁ ଚାହୁଁଚି ଯଦି କହିପାରୁନାହିଁ, ତେବେ ମୁଁ ଲେଖିବି କାହିଁକି? ମୁଁ ୧୯୮୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ପ୍ରାୟ ଲେଖିଲି ନାହିଁ। କେବଳ ପଢ଼ିଲି, ଜାଣିବାକୁ ଚାହିଁଲି ମୋ ଭାଷାରେ କ'ଣ ଅଛି ଯାହା ଆଉ କୋଉଠି ନାହିଁ। ପଢ଼ିଲି ସାରଳା ମହାଭାରତ, ଭାଗବତ, ରୀତିକାବ୍ୟ, ଗୀତିକବିତା, କବିସୂର୍ଯ୍ୟ, ଭୀମ ଭୋଇ, ରାଧାନାଥ, ଶାସ୍ତ୍ର, ସଂଗୀତ, ପୁରାଣ, ବେଦ, ବେଦାନ୍ତ ଯାହା ପାଇଲି। ପଢ଼ିଲି ପାଶ୍ଚାତ୍ୟ କବିଗଣଙ୍କୁ, ତାଙ୍କର ଶାସ୍ତ୍ରକୁ, ତାଙ୍କର ଦର୍ଶନ ଓ ବିଚାରକୁ। ଫ୍ରେଞ୍ଚ, ସ୍ପାନିସ, ଜର୍ମାନ ଓ ପର୍ତ୍ତୁଗୀଜ ଭାଷା ଓ ସାହିତ୍ୟ ସହିତ ସାମାନ୍ୟ ପରିଚୟ ହେଲା କିନ୍ତୁ ଇଂରାଜୀ ଅନୁବାଦରେ ସବୁ ଜଣା କବିଙ୍କୁ ପଢ଼ିଗଲି। ଶେଷରେ ଏଇ ନିଷ୍କର୍ଷରେ ପହଞ୍ଚିଲି ଯେ ନୂଆ ଭାରତୀୟ କବିତା ଆମେ ଦୃଢ଼ତାର ସହିତ ଲେଖିପାରିନେ। ଓଡ଼ିଆ କବିତା କଥା କ'ଣ କହିବି, ଓଡ଼ିଆ ମୋ ଦୃଷ୍ଟିରେ ବିଶ୍ୱର ଶ୍ରେଷ୍ଠ ଭାଷା, ଏଭଳି କିଛି ନାହିଁ ଯାହା ଏ ଭାଷାରେ ଉଚ୍ଚାରିତ ହୁଏ ନାହିଁ ବା ଯାହା ପାଇଁ ଶବ୍ଦର ଅଭାବ ପଡ଼େ।

୧୯୯୦ ମସିହାରେ ମୁଁ ପୁଣି କବିତା ଲେଖିବା ଆରମ୍ଭ କଲି, ସେତେବେଳକୁ ମୁଁ ଜାଣିଯାଇଥିଲି ଯେ ପଶ୍ଚିମାଙ୍କ ଆଶାଭଙ୍ଗର କବିତା ମୋର ନୁହେଁ, ମୋର ଲେଖକୀୟ ଭୂମିର ଉପଜ ନୁହେଁ। ମୋ କବିତା ଅପରିଚୟର ନୁହେଁ କି ଆତ୍ମନିର୍ବାସନର ନୁହେଁ। ଯଦି ଇଲିଅଟ୍‌ଙ୍କ ନଷ୍ଟଭୂମିକୁ ଉପନିଷଦର ଶାନ୍ତିପାଠ ଅର୍ଥମୟ କରିପାରେ, ତେବେ ମୁଁ କାହିଁକି ନଷ୍ଟଭୂମିରୁ ପ୍ରେରଣା ନେବି? ମୋ ଉପରେ ମୋର ପିତୃପୁରୁଷଙ୍କର ଅମାପ ଋଣ। ସେଥିରୁ ଟିକିଏ ତ ପରିଶୋଧ କରିପାରିବି ମୋ ରଚନାରେ? ୨୦୦୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ୨୦୧୩ ମସିହାରେ ଭାରତୀୟ ଜ୍ଞାନପୀଠର ମୂର୍ତ୍ତିଦେବୀ ପୁରସ୍କାର ଗ୍ରହଣ କରି ମୁଁ କହିଥିଲି, ଓଡ଼ିଆ ଭାଷାର ମୋ ଭଳି ଜଣେ ନଗଣ୍ୟ କବିଠାରୁ କିଛି ଆଶା ରଖନ୍ତୁ ନାହିଁ, ମୋ ପିତୃପୁରୁଷ ଛାଡ଼ିଯାଇଥିବା ବିପୁଳ ସମ୍ପନ୍ନତାକୁ ମୁଁ ଅଯୋଗ୍ୟ, ଭୋଗ କରିଚି ସାରାଜୀବନ ବଢ଼େଇନି କାଣିଚାଏ, ମୁଁ ନଲେଖିଲେ ବି ଓଡ଼ିଆ ସାହିତ୍ୟର କିଛି କ୍ଷତି ହେବନାହିଁ। ମୁଁ ଲେଖୁଚି, ଲେଖି ଚାଲିବି କେବଳ ସେମାନଙ୍କୁ ଜଣାଇବା ପାଇଁ ଯେ ମୁଁ ତାଙ୍କରି ସଞ୍ଚିତ ବିପୁଳତାକୁ ବ୍ୟୟ କରିଚାଲିଚି, ଶୁଝି ପାରିନି ସେଥିରୁ କାଣିଚାଏ!

ଏବେ ମୁଁ କହିପାରିବି ମୁଁ କାହିଁକି ଲେଖେ। ■

ମୋ: ୯୪୩୭୦୩୯୮୫୮

## ଅବଶିଷ୍ଟାଂଶ

### ଆଖିବୁଜିଲେ ବଳଙ୍ଗା...

ସୁରାକ ପାଉନାହିଁ। ନାବାଳିକାର ପରିବାର ସଦସ୍ୟ, ସାଙ୍ଗସାଥୀ ଏବଂ ଅନ୍ୟ କେତେକ ସନ୍ଦିଗ୍ଧ ଯୁବକଙ୍କୁ ପଚରାଉଚରା କରିଥିଲେ ମଧ୍ୟ ନାବାଳିକାକୁ କିଏ ଓ କାହିଁକି ପୋଡ଼ି ମାରିବାକୁ ଉଦ୍ୟମ କଲା, ସେ ସଂପର୍କରେ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦିଷ୍ଟ ତଥ୍ୟ ମିଳିନାହିଁ। ଆମ ହାତରେ କିଛି ପ୍ରମାଣ ଲାଗିଛି, ଖୁବ୍‌ଶିଘ୍ର ଘଟଣା ଉପରୁ ପରଦା ହଟିବ ବୋଲି ତଦନ୍ତକାରୀ ସଂସ୍ଥା ବାରମ୍ବାର ଗଣମାଧ୍ୟମକୁ କହୁଥିଲେ ହେଁ ଏଯାଏ ତଦନ୍ତ ଅନ୍ଧାର ଭିତରେ ରହିଯାଇଛି। ଦିଗହରା ତଦନ୍ତ ଭିତରେ ଅପରାଧୀମାନେ ଅଦୃଶ୍ୟ ହୋଇଯାଇଥିବାବେଳେ ଆଜି ଡାକ୍ତରଖାନାରେ ପୀଡ଼ିତାଜଣକ ଆଖି ବୁଜିଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଗକୁ ତଦନ୍ତର ଦିଗ କୁଆଡ଼କୁ ଯିବ, ପୀଡ଼ିତା ପରିବାରକୁ ପୁଲିସ ଏବଂ ସରକାର କିଭଳି ଭାବେ ନ୍ୟାୟ ପ୍ରଦାନ କରିବେ, ତାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ଏଯାଏ ଅପରାଧୀଙ୍କୁ ଧରି ନ ପାରିବା, ଏତେଦିନ ପରେ ବି ଘଟଣା ଉପରୁ ପରଦା ନ ଉଠାଇ ପାରିବା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ୭ ଦିନ ଭିତରେ ବଳଙ୍ଗା ପୀଡ଼ିତାର ପରିବାରକୁ ନ୍ୟାୟ ନ ମିଳିଲେ, ପ୍ରକୃତ ଅପରାଧୀ ଧରା ନ ପଡ଼ିଲେ, ପ୍ରଶାସନିକ ବିଫଳତା ପାଇଁ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ କହିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ଭେଟି ବିଜୁ ଜନତା ଦଳର ସଂସଦୀୟ ମଣ୍ଡଳୀ ସମବେଦନା ଜଣାଇଛନ୍ତି।

ଏହି ଦୁଃଖଦ ଘଟଣା ନେଇ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ। ରାଜ୍ୟ ସରକାର ତାଙ୍କ ଚିକିତ୍ସା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଥିଲେ। ଦିଲ୍ଲୀ ଏମ୍ସରେ ବିଶେଷଜ୍ଞ ଡାକ୍ତରମାନେ ଅହୋରାତ୍ର ଚେଷ୍ଟା କରିଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ତାଙ୍କୁ ବଞ୍ଚାଇ ରଖିବା ସମ୍ଭବ ହୋଇପାରିଲା ନାହିଁ। ଏହି ଘଟଣାରେ ଜଡ଼ିତ ଅପରାଧୀମାନଙ୍କୁ ଦୃଢ଼ ଦଣ୍ଡ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ।

### ଅନ୍ଧାରରେ ତଦନ୍ତ...

ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତିଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଅବଗତ ହେବା ସହ ସାହିପଡ଼ିଶା ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ବଳଙ୍ଗା ଥାନାରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବରିଷ୍ଠ ପୁଲିସ ଅଧିକାରୀ ଓ ତଦନ୍ତ ଅଧିକାରୀଙ୍କ ସହ ତଦନ୍ତର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୁଲିସ ନୂତନ ଜ୍ଞାନ କୌଶଳ ବ୍ୟବହାର କରି ରାଜ୍ୟ ସାଇଣ୍ଟିଫିକ୍ ଟିମ୍ ଓ ରାଜ୍ୟ ଫରେନ୍‌ସିକ ଲ୍ୟାବ୍‌ର ୧୦ ଜଣିଆ ଟିମ୍ ମଧ୍ୟ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ୨୧ ତାରିଖରେ ଏହି ଘଟଣାକୁ ନେଇ ଜାତୀୟସ୍ତର ବେଶ୍ ଚର୍ଚ୍ଚା ହୋଇଥିଲା। କଂଗ୍ରେସର ଜାତୀୟ ନେତୃତ୍ୱମାନେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ ସୁପ୍ରିମକୋର୍ଟ। ବଳଙ୍ଗା ଘଟଣାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ 'ଆମେ ଲଜ୍ଜିତ' ବୋଲି କହିଥିଲେ।

୨୪ ତାରିଖରେ ବଳଙ୍ଗା ନାବାଳିକା ପୋଡ଼ି ମାମଲା ନେଇ କ୍ରାଇମବ୍ରାଞ୍ଚର ୪ ଜଣିଆ ଦଳ ଦିଲ୍ଲୀ ଏମ୍ସରେ ପୀଡ଼ିତାର ବୟାନ ରେକର୍ଡ କରିଥିଲେ। ସ୍ୱତନ୍ତ୍ର ଟିମ୍‌ରେ କ୍ରାଇମବ୍ରାଞ୍ଚର ଦୁଇଜଣ ଅଧିକାରୀଙ୍କ ସହ ଜଣେ ମାଜିଷ୍ଟ୍ରେଟ ଏବଂ ଜଣେ ଭିଡିଓଗ୍ରାଫର ରହିଥିଲେ। ୨୫ ତାରିଖରେ ନିମାପଡ଼ା ଜେଏମ୍ଏଫ୍‌ସି କୋର୍ଟରେ ପୀଡ଼ିତାଙ୍କ ସାଙ୍ଗ, ପିଉସୀ, ଦାଦା ଓ ଖୁଡ଼ୀଙ୍କର ବୟାନ ରେକର୍ଡ କାଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ବିଧିବଦ୍ଧ ଭାବେ ଏହି ୪ ଜଣଙ୍କର ନିଜସ୍ୱ ମତକୁ ଲିପିବଦ୍ଧ କରାଯାଇଥିଲା। ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କ ବାପାଙ୍କର ମଧ୍ୟ ବୟାନ ରେକର୍ଡ ହୋଇଥିଲା। ୨୭ ତାରିଖରେ ଏମ୍ସରେ ପୀଡ଼ିତାଙ୍କର ତୃତୀୟଥର ପାଇଁ ଅସ୍ତ୍ରୋପଚାର କରାଯାଇଥିଲା। ପୀଡ଼ିତାଙ୍କ ବାପା ଓ ପିଉସୀଙ୍କୁ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ପଚରାଉଚରା କରିଛି ପୁଲିସ। ୩୦ ତାରିଖରେ ଏମ୍ସରେ ପୀଡ଼ିତାଙ୍କର ତୃତୀୟଥର ବୟାନ ରେକର୍ଡ କରାଯାଇଥିଲା। ଭୁବନେଶ୍ୱର ଏମ୍ସରେ ଥରେ ଏହିପରି ୪ ଥର ବୟାନ ରେକର୍ଡ କରିଥିଲା ପୁଲିସ। ଆଉ ଶେଷରେ ଆଜି ପୀଡ଼ିତା ଆଖି ବୁଜିଦେବା ପରେ ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ନାହିଁ ବୋଲି କହି ସବୁ ଦୋଷ ପୀଡ଼ିତା ମୁଣ୍ଡରେ ଥୋପି ଦେଇଛି ପୁଲିସ। ଆଜି ପୀଡ଼ିତାଙ୍କ ମୃତ୍ୟୁ ଘୋଷଣା ପରେ ଓଡ଼ିଶା ପୁଲିସ ପକ୍ଷରୁ ଏକ୍ସରେ ସୂଚନା ଦିଆଯାଇ କୁହାଯାଇଛି, ଆଜି ପର୍ଯ୍ୟନ୍ତ ହୋଇଥିବା ତଦନ୍ତରେ କାହାରି ସମ୍ପୃକ୍ତି ଥିବା ଜଣାପଡ଼ି ନାହିଁ। ଗତ ୩୦ ତାରିଖରେ ପୁରୀ ଏସ୍‌ପି ପିନାକ ମିଶ୍ର କହିଥିଲେ, ଏହି ମାମଲାରେ ପୁଲିସକୁ ଗୁଡ଼ାଏ ତଥ୍ୟ ହସ୍ତଗତ ହୋଇଛି। ବହୁତ ଲୋକଙ୍କୁ ପଚରାଉଚରା କରାଯାଇଛି। ଯେହେତୁ ଏଥିରେ ପୀଡ଼ିତା ଜଣେ ନାବାଳିକା ତେଣୁ ପୁଲିସ ବେଶ୍ ସନ୍ତର୍ପଣରେ କାମ କରୁଛି। ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। କ'ଣ ପାଇଁ ହେଲା କିଏ ନିଆଁ ଲଗାଇଲା ସେ ସମ୍ପର୍କରେ ଏବେ କହିପାରିବି ନାହିଁ ବୋଲି ସୂଚନା ଦେଇଥିଲେ। ହେଲେ ପ୍ରଶ୍ନଉଠୁଛି ପୁଲିସ କେଉଁସବୁ ତଥ୍ୟ ହାସଲ କରିଥିଲା। ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ସେହି ତଥ୍ୟ କ'ଣ ପର୍ଯ୍ୟାପ୍ତ ନ ଥିଲା?

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ନାବାଳିକା ଦେହରେ ନିଆଁ ଲଗାଯିବା ପରେ ପ୍ରଥମେ ତାକୁ ଠାବ କରିଥିଲେ ଦୁଃଖିଶ୍ୟାମ ସେନାପତି। ନାବାଳିକା ତାଙ୍କୁ କ'ଣ କହିଥିଲେ ଏବଂ ସେ ଓ ତାଙ୍କ ପତ୍ନୀ ପୀଡ଼ିତାଙ୍କୁ କ'ଣ ସାହାଯ୍ୟ କରିଥିଲେ ତାହା ତଦନ୍ତରେ କହିଥିଲେ। କିନ୍ତୁ ତାଙ୍କ ବୟାନକୁ ନେଇ ମଧ୍ୟ ଅନେକ ନାନା ପ୍ରକାର ଚର୍ଚ୍ଚା ହୋଇଥିଲା। ସେହିପରି ଘଟଣାସ୍ଥଳରୁ ପୁଲିସ ଜବତ କରିଥିବା କିଛି ସାମଗ୍ରୀ ଯେପରି କି ଚୁଡ଼ି, ମୁଦି ପୀଡ଼ିତାଙ୍କର ନୁହେଁ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଥିଲା। ପ୍ରଶ୍ନ ଉଠିଥିଲା ଯଦି ପୀଡ଼ିତାଙ୍କର ନୁହେଁ, ତେବେ ସେଠାରୁ ମିଳିଲା କେମିତି? ପୋଡ଼ି ଘଟଣା ଏମିତି ଅନେକ ପ୍ରଶ୍ନବାଚୀ ଭିତରେ ରହିଯାଇଥିବା ବେଳେ ଆଜି ଆଖି ବୁଝିଛନ୍ତି ନାବାଳିକା।

### ସଂଶୟ ବଢ଼ାଇଲା...

ଏହି ବୃହତ୍ତର ସ୍ୱାର୍ଥ ସହ କୌଣସି ପ୍ରକାରରେ ସାଲିସ କରାଯାଇପାରିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ପ୍ରଥମତଃ ବିବାଦର ଆପୋସ ସମାଧାନ ପାଇଁ ଛତିଶଗଡ଼ ସହ ଆମର ଆଲୋଚନା ଜାରି ରହିଛି ବୋଲି ରାଜ୍ୟ ସରକାର କହୁଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଚିଠିର ଉତ୍ତରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଧାଡ଼ିକିଆ ଉତ୍ତର ଆଦୌ ସନ୍ତୋଷ ଜନକ ନୁହେଁ। ଓଡ଼ିଶାର ପ୍ରସ୍ତାବ ବିଚାରାଧୀନ ଅଛି ବୋଲି କହି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଏହି ବିବାଦକୁ ଝୁଲାଇ ରଖିବାକୁ ଚାହୁଁଛନ୍ତି ବୋଲି ବିଶେଷଜ୍ଞ ମହଲ ଆଶଙ୍କା ପ୍ରକାଶ କରୁଛନ୍ତି। ଉତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ କଥାରୁ ସ୍ପଷ୍ଟ ହୋଇଯାଉଛି ଯେ ଦୁଇ ରାଜ୍ୟ ମଧ୍ୟରେ କୌଣସି ଆଲୋଚନା ହୋଇନାହିଁ। କେବଳ ଓଡ଼ିଶା।। ମୁଖ୍ୟମନ୍ତ୍ରୀ ପଠାଇଥିବା ପ୍ରସ୍ତାବ ଉପରେ ଛତିଶଗଡ଼ ସରକାର ବିଚାର କରୁଛନ୍ତି।

ଦ୍ୱିତୀୟତଃ ଛତିଶଗଡ଼କୁ କଣ ପ୍ରସ୍ତାବ ଦିଆଯାଇଛି, ତାହା ରାଜ୍ୟ ସରକାର କାହିଁକି ସାର୍ବଜନୀନ କରୁନାହାନ୍ତି। ଏହାକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ନିକଟରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ସମାନ ପ୍ରଶ୍ନ ଉଠାଇଥିଲେ। ଛତିଶଗଡ଼ ସହ ରାଜ୍ୟ ସରକାର କଣ ଆଲୋଚନା କରୁଛନ୍ତି, ତାହା ସାର୍ବଜନୀନ କରିବାକୁ ନବୀନ ଦାବି କରିବା ସହ ରାଜ୍ୟ ସରକାର ଆଇନଗତ ଲଢ଼େଇରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ଏପରିକି ତୁରନ୍ତ ରାଜ୍ୟ ସରକାର ଏନେଇ ସର୍ବଦଳୀୟ ବୈଠକ ଡକାଇବାକୁ ନବୀନ ଦାବି କରିଥିଲେ। ତେବେ ନବୀନଙ୍କ ଦାବି ଏବଂ ପ୍ରସ୍ତାବକୁ ନେଇ ରାଜ୍ୟ ସରକାର କୌଣସି ଆଗ୍ରହ ଦେଖାଇନଥିବା ବେଳେ ମହାନଦୀକୁ ନେଇ ନିରବତା ଅବଲମ୍ବନ କରୁଛନ୍ତି। ଯାହାକୁ ନେଇ ସାଧାରଣରେ ଅନିଶ୍ଚିତତା ବଢ଼ି ଚାଲିଛି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ କଡ଼ା ସମାଲୋଚନା କରିଛି କଂଗ୍ରେସ। କଂଗ୍ରେସ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଚିଠିରେ କୌଣସି ଆପୋସ ସମାଧାନ ହୁଏନାହିଁ। ବିବାଦରେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କଲେ ଯାଇ ସମାଧାନର ରାସ୍ତା ବାହାରିପାରିବ। ମହାନଦୀ ସମସ୍ୟାର ସମାଧାନ ପାଇଁ ରାଜ୍ୟବାସୀ ବିଜେପି ଉପରେ ଭରସା ରଖି ଭୋଟ ଦେଇଥିଲେ। ମାତ୍ର ସରକାରଙ୍କୁ ବର୍ଷ ପୂରିଥିଲେ ମଧ୍ୟ ମହାନଦୀର ସ୍ଥିତି ପୂର୍ବପରି ସଙ୍କଟାପନ୍ନ ରହିଛି। ଏବେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ତେଣୁ ଚିଠି ଲେଖା ବନ୍ଦ ହେଉ। ପ୍ରଧାନମନ୍ତ୍ରୀ ଇତିମଧ୍ୟରେ ଓଡ଼ିଶାକୁ ୬ ଥର ଆସିଲେଣି। ପ୍ରଧାନମନ୍ତ୍ରୀ ଚାହିଁଥିଲେ ଗୋଟିଏ ଦିନରେ ସମସ୍ୟାର ସମାଧାନ କରିପାରିବେ। ତେଣୁ ପ୍ରଧାନମନ୍ତ୍ରୀ ଏନେଇ ଆଗେଇ ଆସିବାକୁ ଶ୍ରୀ କାଡାମ ଦାବି କରିଛନ୍ତି। ଅପରପକ୍ଷେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ସମସ୍ତ ରାଜନୈତିକ ଦଳ, ନଦୀ ଓ ଜଳ ବିଶେଷଜ୍ଞ, ନଦୀ ଆନ୍ଦୋଳନର ପ୍ରମୁଖ ନେତୃତ୍ୱ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ତୁରନ୍ତ ଡାକିବାକୁ ସଂଗଠନର ଆବାହକ ସୁଦର୍ଶନ ଦାସ ଚିଠିରେ ଉଲ୍ଲେଖ କରିଛନ୍ତି। ଆନ୍ତଃନଦୀ ଜଳ ବିବାଦ ଏକ ଜଟିଳ ସମସ୍ୟା ଏବଂ ସେଥିପାଇଁ ବିଭିନ୍ନ ବର୍ଗଙ୍କ ଭିତରେ ସହମତି ଅତ୍ୟନ୍ତ ଜରୁରି। ମହାନଦୀକୁ ନେଇ ଓଡ଼ିଶାର କଣ ଦାବି ସବୁ ରହିବା ଉଚିତ ସେସବୁ କୁ ସହମତି ଭିତ୍ତିରେ ନିର୍ଦ୍ଧାରଣ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

### ସେପ୍ଟେମ୍ବର ୬କୁ...

ମୋହନ ଚରଣ ମାଝୀଙ୍କ ଦ୍ୱାରା ହୋଇଥିବା ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତି, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟୁତ୍ତର ସମ୍ପର୍କରେ ଆମେ ଟ୍ରିବ୍ୟୁନାଲ ଅଧକ୍ଷଙ୍କୁ ଅବଗତ କରାଇଥିଲୁ। ଏହାକୁ ଅଧକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ ପ୍ରଶଂସା କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଅତୀତରେ କୌଣସି ଜଳବିବାଦ ଟ୍ରିବ୍ୟୁନାଲରେ ସମାଧାନ ହୋଇନାହିଁ। ଗତ ୬ ବର୍ଷ ମଧ୍ୟରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ମଧ୍ୟ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ଏଯାବତ୍ ମାତ୍ର ଜଣ ସାକ୍ଷୀଙ୍କୁ ଜେରା କହିଛନ୍ତି। ଆହୁରି ୧୦ ବର୍ଷ ମାମଲା ଚାଲିଲେ ମଧ୍ୟ ଏହି ମାମଲାର ଅନ୍ତ ଘଟିବ ନାହିଁ। ତେଣୁ ଆପୋସ ଆଲୋଚନା ମାଧ୍ୟମରେ ମାମଲାର ସମାଧାନ ଶ୍ରେୟସ୍କର ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଇତିମଧ୍ୟରେ କେନ୍ଦ୍ର ସରକାର ଏବଂ ଗୃହ ମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଛି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିରୁ ସୁଫଳ ମିଳିବା ସହ ଏକ ସକରାତ୍ମକ ପରିବେଶ ମଧ୍ୟରେ ଏହି ମାମଲାର ଅନ୍ତ ଘଟିବ ବୋଲି ଶ୍ରୀ ଆଚାର୍ଯ୍ୟ ଆଶା ପ୍ରକାଶ କରିଛନ୍ତି।

### ପୁଣି ଝୁଲିଲା ନିଗମ...

ନିର୍ବାଚିତ ହେବା ପରେ ରାଜ୍ୟରେ ଖୁବଶୀଘ୍ର ସାଂଗଠନିକ ପୁନର୍ବିନ୍ୟାସ ଏବଂ ନିଗମ, ବୋର୍ଡ ନିଯୁକ୍ତିକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଥିଲା। ରାଜ୍ୟ ସଭାପତି ଏବଂ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଏନେଇ ଘନ ଘନ ବୈଠକ କରିଥିବା ବେଳେ ଆସନ୍ତା ୯ ତାରିଖ ପୂର୍ବରୁ ସଂଗଠନରେ ନୂଆ ନିଯୁକ୍ତି ସହ ନିଗମ ଓ ବୋର୍ଡ ନିଯୁକ୍ତି ହେବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଥିଲା। ତେବେ ଉଭୟ ପ୍ରକ୍ରିୟାକୁ ନେଇ ମନମୋହନଙ୍କ ଆଜିର ବୟାନ ଆଶାୟୀଙ୍କୁ ପୁଣିଥରେ ନିରାଶ କରିଛି। ସଂଗଠନ ପୁନର୍ବିନ୍ୟାସ ଏବଂ ନିଗମ ଲଡ଼ୁ ବଣ୍ଟାକୁ ଆଉ କିଛିଦିନ ଲାଗିପାରେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି।

### ପୁଣି ୮ କୋଟିର...

୮ କେଜିର ବିଦେଶୀ ନିଶା ମାରିଜୁଆନା ଜବତ କରାଯାଇଥିଲା। ଗିରଫ ଯାତ୍ରୀ ଜଣଙ୍କ କହିଛନ୍ତି ଯେ, ବ୍ୟାଙ୍କକ ଏବଂ ଥାଇଲାଣ୍ଡ ବିମାନ ବନ୍ଦରରେ ଲଗେଜ୍‌କୁ ଏତେଟା ଯାଞ୍ଚ କରାଯାଇ ନାହିଁ। ବିଶେଷ କରି ଲଗେଜ ସ୍କାନର ମାଧ୍ୟମରେ ଯାଞ୍ଚ କରଯାଇଏ ନାହିଁ। ତେଣୁ ନିଶା ମାଫିଆ ଥାଇଲାଣ୍ଡ ଏବଂ ବ୍ୟାଙ୍କ୍‌କରୁ ନିଶା ଦ୍ରବ୍ୟ ସିଧା ଭୁବନେଶ୍ୱର ବିମାନ ବନ୍ଦରକୁ ଆଣିଥାନ୍ତି। ଦୁଇ ଦେଶର ଏୟାରପୋର୍ଟ ଭଳି ଭୁବନେଶ୍ୱର ବିମାନ ବନ୍ଦରରେ ମଧ୍ୟ ଏତେଟା ଲଗେଜ ସ୍କାନ୍ କରାଯାଏ ନାହିଁ। ଯାହାର ଫାଇଦା ନେଉଛନ୍ତି ନିଶା ମାଫିଆ। ସେମାନେ ବିଦେଶରୁ ଭୁବନେଶ୍ୱରକୁ ନିଶା ଚାଲାଣ କରୁଛନ୍ତି। ଏଠାକୁ ଆସିବା ପରେ ବିମାନରେ ଅନ୍ୟ ଦେଶକୁ ସିଧା ଯାଇଥାଏ। କେବଳ କଷ୍ଟମ୍ ବିଭାଗ ନିଜର ଗୁଇନ୍ଦା ଖବର ଆଧାରରେ ଯାହା ସୂଚନା ପାଉଛି ସେହି ଆଧାରରେ ଚଢଉ କରି ଗିରଫ କରୁଛି।

### କମୁଛି ନିଯୁକ୍ତି...

ଶୁକ୍ରବାର ଜାରି ନିଯୁକ୍ତି ରିପୋର୍ଟ ନୈରାଶ୍ୟଜନକ ଥିଲା। ଆମେରିକା ଶ୍ରମ ବିଭାଗ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଅର୍ଥନୀତିକୁ ବଡ଼ ଝଟ୍‌କା ଲାଗିଛି। ଗତ ମାସରେ ଦେଶରେ ମାତ୍ର ୭୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ଲକ୍ଷେ ୧୫ ହଜାର ନିଯୁକ୍ତି ମିଳିବ ବୋଲି ଆକଳନ କରାଯାଇଥିଲା। କେବଳ ସ୍ୱାସ୍ଥ୍ୟକ୍ଷେତ୍ରରେ ୫୫ ହଜାର ଏବଂ ସାମାଜିକ ସେବା କ୍ଷେତ୍ରରେ ୧୮ ହଜାର ଚାକିରି ମିଳିଥିଲା। ଗତ ମାସରେ ନିଯୁକ୍ତି ଦାତା ଜୁଲାଇରେ ୬୨, ୦୭୫ ଜଣଙ୍କୁ ଛଟେଇ ମଧ୍ୟ କରିଥିଲେ। ଏହା ଜୁନ୍ ତୁଳନାରେ ୨୯ ପ୍ରତିଶତ ଅଧିକ ଥିଲା। ଜୁଲାଇରେ ହୋଇଥିବା ଛଟେଇ ଗତ ବର୍ଷର ସମାନ ଅବଧି ତୁଳନାରେ ୧୪୦ ପ୍ରତିଶତ ଅଧିକ। ସରକାରୀ, ଟେକ୍, ଖୁଚୁରା କ୍ଷେତ୍ରରେ ସର୍ବାଧିକ ଛଟେଇ ହୋଇଛି। 'ଜବ୍ସ ଆଣ୍ଡ ଲେବର ରିପୋର୍ଟ'ରେ କୁହାଯାଇଛି ଯେ ଅର୍ଥନୀତି ମନ୍ଥର ହୋଇଯାଇଛି।

### ମୁଣ୍ଡ-ଗଣ୍ଡି ଅଲଗା...

ଦିନ ବୃଦ୍ଧି ପାଉଥିବା ବେଳେ ଗୋଠଛଡ଼ା ଦନ୍ତାର ଉତ୍ପାତ ଯୋଗୁଁ ଅଞ୍ଚଳବାସୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ହାତୀ ଆକ୍ରମଣରେ ମୃତ୍ୟୁସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିଚାଲିଛି। ଗତ ଗୁରୁବାର ହାତୀ ଆକ୍ରମଣରେ ବାଘଧରିଆ ଗ୍ରାମର ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶୁକ୍ରବାର ଆଉ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ମହାଲୁଣ୍ଡା ପଞ୍ଚାୟତ ଟାଙ୍ଗିଶାଳ ଗ୍ରାମର ସୁଧାକର ସାମଲ ଶୁକ୍ରବାର ଚାଷକାମ କରିବାକୁ ବିଲକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରିନଥିଲେ। ଗାଁ ପାଖରେ ହାତୀର ଗର୍ଜନ ଶୁଣି ଭୟରେ କେହି ପଦାକୁ ଯାଇ ନଥିଲେ। ତେବେ ଶନିବାର ସକାଳେ ସୁଧାକରଙ୍କ ଗଣ୍ଡି ଓ ମୁଣ୍ଡ ଅଲଗା ପଡ଼ିଥିବା ଗ୍ରାମବାସୀ ଦେଖିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଖବର ପାଇ ହିନ୍ଦୋଳ ଥାନା ପୁଲିସ, ବନବିଭାଗ କର୍ମଚାରୀ, ହିନ୍ଦୋଳ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ପୁଲିସ ମୃତଦେହ ଜବତ କରିବା ସହ ହିନ୍ଦୋଳ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଗାଁ ଶ୍ମଶାନରେ ସୁଧାକରଙ୍କ ଅନ୍ତିମ ସଂସ୍କାର କରାଯାଇଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୃତକଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ସମସ୍ତ ସରକାରୀ ସହାୟତା କିପରି ଶୀଘ୍ର ପାଇପାରିବେ, ସେନେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସହ ଆଲୋଚନା କରିଥିଲେ। ଏଥିସହ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବିଧାୟିକାଙ୍କ ସହ ହିନ୍ଦୋଳ ବ୍ଲକ ଉପାଧକ୍ଷ ବରୁଣ ସର, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ଜିଲ୍ଲାପରିଷଦ ସଭ୍ୟ ସୁମନ୍ତ ଦେହୁରୀ, ମହାଲୁଣ୍ଡା ସରପଞ୍ଚ ବସନ୍ତ ସାହୁ, ପ୍ରତାପ ପ୍ରଧାନ, ମଣ୍ଡଳ ସଭାପତି ରବିନ ବାରିକ, ପ୍ରବୋଧ ପ୍ରଧାନ, ବିଜେପି ନେତା ଭାସ୍କର ଚନ୍ଦ୍ର ନାୟକ, ପ୍ରେମାନନ୍ଦ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ଆଲୋକ ରଞ୍ଜନ ସାହୁ, କୁଶଳ ପଟ୍ଟନାୟକ, ପ୍ରଫୁଲ୍ଲ ମହାରଣା, ଟୁନା ନାଥ, ରୋହିତ ବେହେରା, ସୁଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


**UTKAL BANANI HIGHER SECONDARY SCHOOL**
CHAKSULIAPADA, MAYURBHANJAT/PO- CHAKSULIAPADA,
PS- SULIAPADA, DIST- MAYURBHANJ, PIN- 757021

**WALK-IN-INTERVIEW**

Interested candidates having 55% marks or more at P.G level are invited to attend the walk-in-interview on dt. 11/08/2025 from 11 AM to 12 PM in the college premises with self-attested copies of academic certificates for appointment of Math (with BED ) & Sanskrit lecturer.

**Principal-Cum-Secretary**
**U.B.H.S.S Chaksuliapada, MBJ**

**ନିୟନ୍ତ୍ରିତ ବଜାର କମିଟି କୋରାପୁଟ**

ଏତଦ ଦ୍ୱାରା କୋରାପୁଟ ଉପଖଣ୍ଡ ଅଞ୍ଚଳ ର ସମସ୍ତ କୃଷକ ଭାଇ ଭଉଣୀ ,ବ୍ୟବସାୟୀ ମାନଙ୍କୁ ୭୮ ତମ ସ୍ୱାଧୀନତା ଦିବସ ୨୦୨୫ ସମ୍ବନ୍ଧରେ ଉପଲକ୍ଷେ ନିୟନ୍ତ୍ରିତ ବଜାର କମିଟି କୋରାପୁଟ ଙ୍କ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

**ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ**

ଧାନ ସଂଗ୍ରହ ବର୍ଷ ୨୦୨୫-୨୬

ଏତଦ ଦ୍ୱାରା କୋରାପୁଟ ଉପଖଣ୍ଡ ଅଞ୍ଚଳ ର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଖରିଫ ଧାନ ସଂଗ୍ରହ ୨୦୨୪-୨୫ ବର୍ଷ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତା ୧୯.୦୭.୨୦୨୫ ରିଖ ଠାରୁ ଆରମ୍ଭ ହୋଇଅଛି । ଆଗ୍ରହୀ ଚାଷୀ ନିକଟସ୍ଥ ଅନୁମୋଦିତ କୃଷି ସମବାୟ ସମିତି PACS/LAMPCS ରୁ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା ୨୦.୦୮.୨୦୨୫ ରିଖ ମଧ୍ୟରେ ସମିତି ରେ ଦାଖଲ କରିବେ । ସବିଶେଷ ବିବରଣୀ ପାଇଁ ବିଭାଗୀୟ ୱେବସାଇଟ www.foododisha.in ରେ ତଥ୍ୟ ଉପଲବ୍ଧ ।

ଆବଶ୍ୟକୀୟ କାଗଜାତ :-
୧- ଆଧାର କାର୍ଡ
୨- ଚାଷଜମି ବାବଦରେ ପ୍ରମାଣ ପତ୍ର ଅର୍ଥାତ ଜମି ପଟ୍ଟା(ROR) ବଳିଇ ଇତ୍ୟାଦି ।
୩- ବ୍ୟାଙ୍କ ପାସ ବୁକ ର ପ୍ରଥମ ପୃଷ୍ଠା
୪- ମୋବାଇଲ ନମ୍ବର , ଯଦି ମୋବାଇଲ ନ ଥାଏ ପରିବାର ସଦସ୍ୟଙ୍କ ମୋବାଇଲ ନମ୍ବର ଦେବା ଆବଶ୍ୟକ
୫- ଭାଗ ଚାଷୀମାନେ ପଞ୍ଜୀକରଣ ପ୍ରକ୍ରିୟା ରେ ଆବଶ୍ୟକିୟ କାଗଜ ପତ୍ର ଦାଖଲ କରି ଅଂଶ ଗ୍ରହଣ କରିପାରିବେ।
୬-ଅଧିକରୁ ଅଧିକ କ୍ଷୁଦ୍ର ଓ ନାମ ମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥା ରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ

ଏଣୁ ସମସ୍ତ ଆଗ୍ରହୀ ଚାଷୀ ମାନଙ୍କୁ ଅନୁରୋଧ,ସେମାନେ ଉପରୋକ୍ତ ଅବଧି ମଧ ରେ ଆଗୁଆ ପଞ୍ଜୀକରଣ କରି ନେବେ।

ସ୍ୱା/- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି କୋରାପୁଟ
ସ୍ୱା/- ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି କୋରାପୁଟ

**OFICE OF THE SUPERINTENDING ENGINEER,**
**KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail: **pwdoff_khd@yahoo.com**

B-356

**Tender Call Notice**
**Bid Identification No. S.E.-KHD-(R&B)- 18/2025-26**
**Letter No. 4657 / dtd. 31.07.2025**

The Superintending Engineer, Khurda (R&B) Division, Khurda on behalf of Governor of Odishainvites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the Composite (Civil + EI + PH) & Roads Works as detailed below:

1. Nature of Work : Building & Road
2. No of Work : 2Nos
3. Tender Cost : Rs.10000.00(Online)
4. Class of Contractor : 'B' class Contractor
5. Available of Bid documents in the web site. : From Dt. 06.08.2025 at 12.00 Noon to Dt. 20.08.2025 at 5.00 PM
6. Date of opening of Bids : Dt. 21.08.2025 at 11.00A.M
7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

**Superintending Engineer**
**Khurda (R&B) Division, Khurda**

OIPR-34095/11/0033/2526

Ph. 06854-241159/232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.**
Head Office: N.K.T. Road, Jeypore-764003, Dist.: Koraput, Odisha
Letter No. 7527/P&S/2025-26 / Date 02.08.2025

**QUOTATION CALL NOTICE**

Sealed quotations are invited from the intending registered firm for procurement of Standard fire, Burglary, Cash and fidelity guarantee master insurance policy for LAMPCS/ MPCS affiliated to Koraput Central Cooperative Bank Ltd., Jeypore for a period of one year i.e., from Dt.11.08.2025 to 10.08.2026 (Mid-night).

The interested vendors /agencies are requested to submit their sealed quotations before the undersigned on or before Dt.07.08.2025 (3.30 P.M) latest as per following table and the same will be opened on the same date at 4.00 P.M in presence of the members or their authorized representatives.

(Rs. In Lakhs)

| Sl. No. | No. of LAMPCS/ MPCS | Content in Premises | Money in Premises | Money in Transit | Dishonesty of Employees of the LAMPCS/ MPCS | Total Coverage (Sum Assured) |
|---|---|---|---|---|---|---|
| 1 | 55 | 136.00 | 925.00 | 1355.00 | 140.00 | 2556.00 |

The quotation received incomplete or after the scheduled date shall be rejected and will not be entertained by the Bank. The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

Contact to Sri Jaya Pradeep Patnaik, P&S,
KCC Bank Ltd. Head Office, Jeypore
Mobile No.: 9777519964

Secretary
KCC Bank Ltd., Jeypore

OFFICE OF THE
**MUNICIPAL COUNCIL, BHADRAK**
BHADRAK, PIN-756100
E-mail: cobdkmunicipality@gmail.com

C-797

Letter No: 4087 Date: 31/07/2025

**NOTICE INVITING REQUEST FOR PROPOSAL (RFP)**
(Through E-Procurement)

Bids in double cover system through e-procurement in conformity with the detailed notice inviting Request For Proposal (RFP) are hereby invited by the Executive Officer, Bhadrak Municipality, on behalf Bhadrak Municipal Council, Bhadrak, Odisha from eligible entities for the below mentioned work:

| Name of Work | Plant Capacity (In TPD) | Bid Security/ EMD | Performance Security | Cost Of Bid Fee |
|---|---|---|---|---|
| 1 | 2 | 3 | 4 | 5 |
| Selection of Agency for Setting up of Wet Waste/ Municipal Solid Waste Processing Facility (Waste to Compost Plant) in Bhadrak Municipality on Public Private Partnership (PPP) | 60 TPD | Rs 3,00,000 /- ( Rupees Three Lakh) Only | Rs.15,00,000/- ( Rupees Fifteen Lakh) Only | Rs. 10000/- |

1. RFP documents consisting of terms, conditions, & other necessary information can be seen on and downloaded from the Govt website www.tendersodisha.gov.in by the eligible entities registered on the portal.
2. The bidder shall transfer online the cost of bid document & EMD for the amount specified for the work in column -5 & 3 respectively of table above as part of its bid processing.
3. The prospective bidder shall be required to submit a Performance Security of Rs. 15,00,000.00 in the form of Bank Guarantee to the Bhadrak Municipality as per terms of the Agreement.
4. The RFP may be postponed, modified or cancelled at any time due to administrative reasons and no claim shall be entertained on this account.
5. For further details and bids schedule, visit website www.tendersodisha.gov.in

Executive Officer
Bhadrak Municipality

OIPR-13152/11/0030/2526

**AFFIDAVIT**

I, Saikh Sunhera, W/O.: Saikh Niyaz Allam, AT: Ajampur, PO/P.S.: Kakatpur, Dist.: Puri, Pin-752108, Declare by this Affidavit No.: 41781, DTD:01/08/2025 that now onwards I shall be known as **Sunhera Khatoon** for all future purposes.

**LOST**

I Mr. Lokanath Nayak declare that I have lost the Original Sale Deed No-1134, date 21/10/2004 of landed property of Mouza-Chappirikoilama, Tahasil - Ranapur, PS-Ranapur, District-Nayagarh, bearing Khata No 31, Plot No-177, Kisam-Sarad Jala-3, A0I.55 Decimal on Dated: 26/07/2025, at about 12.30 PM, somewhere at Lodhachua locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact Mr. Pravakar Pattanayak, Mobile No -9778070590 (Of Advocate) or in this address- Room No-309,3rd Floor, Nirmal Plaza, Near Navin Niwas, Forest Park, Bhubaneswar-751009 (Registered address of advocate) within 15 days of this publication.

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି **ତା.୧୮.୦୮.୨୦୨୫ରିଖ ଅପରାହ୍ନ ୧.୦୦ ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ** ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।
**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୧୫ ଦିନିଆ ଅନ୍ତିମ ସ୍ମରଣ ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା.୦୧.୦୮.୨୦୨୫ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ବାଲେଶ୍ୱର ଶାଖା (୧୯୯୧), ତଳ ମହଲା, ସାହୁ କମ୍ପ୍ଲେକ୍ସ, ଭାସ୍କରଗଞ୍ଜ (ଏଫ୍ ଏମ୍ ଗୋଲାଇ), ଓ.ଟି. ରୋଡ୍, ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୫୧୭୮୪୮୨୦୯ | | | | |
| ୧. | ସତ୍ୟବ୍ରତ ଦାସ, ପିତା: ନିତ୍ୟାନନ୍ଦ ଦାସ, ବାସୁଦେବପୁର, ଭଦ୍ରକ, ପିନ୍- ୭୫୬୧୨୫ / ୬୦୪୫୧୧୭୯୪୮୫ | ଟ.୨,୪୯,୦୦୦.୦୦ | ୬୮.୨୦ | ୮୨.୭୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ ନଂ.-୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | ହିମାଂଶୁ ଶେଖର ସାହୁ, ୱାର୍ଡ ନଂ.-୦୯, ଭୁଲଗଡ଼ିଆ, ପୋ: ବାରିପଦା, ମୟୂରଭଞ୍ଜ, ପିନ୍-୭୫୭୦୦୧ / ୬୦୪୫୦୦୯୮୩୬୮ | ଟ.୬୭,୧୫୬.୦୦ | ୧୮.୬୦ | ୨୨.୮୫ |
| ୨. | ହିମାଂଶୁ ଶେଖର ସାହୁ, ୱାର୍ଡ ନଂ.-୦୯, ଭୁଲଗଡ଼ିଆ, ପୋ: ବାରିପଦା, ମୟୂରଭଞ୍ଜ, ପିନ୍-୭୫୭୦୦୧ / ୬୦୪୪୬୩୨୩୮୪୬ | ଟ.୪୯,୬୧୮.୦୦ | ୧୧.୦୦ | ୧୧.୫୦ |
| ଟିଟିଲାଗଡ଼ ଶାଖା (୨୧୩୮), ରାମରାଜ ପ୍ଲାଜା, ଜୈନ ପଡ଼ା, ଏସ୍.ବି.ଆଇ. ବିପରୀତ ପାର୍ଶ୍ୱ, ଜୈନ ଧର୍ମଶାଳା ରୋଡ୍, ଟିଟିଲାଗଡ଼, ଓଡ଼ିଶା, ପିନ୍-୭୬୭୦୩୩, ମୋ..: ୯୯୩୭୪୮୧୧୨୩ | | | | |
| ୧. | ଲୀଳାମୟ ସାହୁ, ପିତା: କେଶରୀ ସାହୁ, କୁରୁସୁଡ, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ / ୬୦୪୮୫୪୬୬୮୬୭ | ଟ.୩୦,୦୬୯.୦୦ | ୭.୫୦ | ୮.୬୮ |
| ୨. | ଲୀଳାମୟ ସାହୁ, ପିତା: କେଶରୀ ସାହୁ, କୁରୁସୁଡ, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ / ୬୦୫୧୯୧୩୯୪୫୯ | ଟ.୭୦,୦୦୦.୦୦ | ୧୭.୦୦ | ୧୭.୮୬ |

ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।
୧) "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ଼କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବନ୍ଦ ଅଧିକାର ଦାବୀ ରଖିବାକୁ ହକଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତା/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦୁପଲକ୍ଷେ ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୦୮.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**AFFIDAVIT**

I, Saikh Niyaz Alam, S/O: Saikh Soleman, AT: Ajampur, PO/P.S.: Kakatpur, Dist.: Puri, Pin-752108, Declare by this Affidavit No.: 41782, DTD:01/08/2025 that now onwards I shall be known as **SAIKH NIYAZ ALLAM** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated 29.07.2025. I Mr. Anil Nayak, Address- At-/ Omkar Basti, Infront of Kalinga Studio, Ghatikia, Word No -23, Bhubaneswar, Dist-Khordha, Odisha-751003 declare that I have changed my son's name from Anshu Naik to Subham Nayak. Henceforth, he shall be known as **SUBHAM NAYAK** for all purposes.

**CHANGE OF NAME**

By virtue of an affidavit sworn before Executive Magistrate, Nandapur, vide no-60, dated 01/08/2025 I, Bimla Khara, D/o-Samara Khara, W/o-Sitaram Khara resdient of Vill.-Sobhaput, Po.- Panthulunga, Ps.- Padwa, Dist.- Koraput, Pin- 764038, Odisha state that, I have changed my name from **Matam Bimal** to **Bimla Khara**. Henceforth I shall be known as **Bimla Khara** for all purposes.

**NOTICE**

In the partnership firm SAGE HOSPITALITY bearing No-1820202300402 registered on dated 27.03.2023 before office of the Inspector-General of Registration-cum-Registrar of firms, Odisha, Cuttack, in which two new Partners namely Mr. Kumar Arindam and Smt. Sasmita Sahu appointed in the said firm with effect from 01.04.2025.

**CHANGE OF NAME**

I, Sarada Prasonn Rath, S/o- Lingaraj Rath, Resident of At/PO-Truptiapada, PO/PS-Bolagarh, Dist- Khurdha, Pin-752066, Odisha declare by this Affidavit No. 1694, Dated 31.07.2025, that now onwards I shall be known as **SARADA PRASANNA RATH** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-02/08/2025. I, **Gangadhara Kabasi** (new name) formerly called as **Ganga Kabasi** (old name), S/o Rama Kabasi, Permanent resident of At- Siadimala, P.O. Challan Guda, P.S. Malkangiri, Dist-Malkangiri (Odisha), PIN- 764045 now residing at the same place affirm that I have changed my name from **Ganga Kabasi** (old name) to **Gangadhara Kabasi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Gangadhara Kabasi** (new name).

**Gangadhara Kabasi**

**AFFIDAVIT**

I, Hapiz Abdul, aged about 60 years, S/o- Late Shaikh Sayeed, resident of At/Po- Samanga, Ps-Jagatsinghpur Dist-Jagatsinghpur, Odisha, Pin- 754132 declare by this affidavit No. 1532, dtd. 01/08/2025, that now onwards I shall be known as **HAFIZ ABDUL** for all future purposes

**ସୂଚନା**

ମୁଁ, ଶ୍ରୀ ସୟଦ ଅଫଜଲ ରବାନୀ, ସୟଦ ଗୋଲାମ ଦାଉଦଙ୍କ ପୁଅ, ଗ୍ରା/ପୋ/ଥାନା- ଚମ୍ପୁଆ, ଜିଲ୍ଲା- କେନ୍ଦୁଝର, ଓଡ଼ିଶାର ନିବାସୀ, ଘୋଷଣା କରୁଛି ଯେ ମୋର ମୂଳ ବିକ୍ରୟ ଡିଡ୍ ୨୦୦୫ ର **RSD No-** ୩୨୫ ଅନୁଯାୟୀ ପଞ୍ଜିକରଣ ଡକ୍ୟୁମେଣ୍ଟ, କେନ୍ଦୁଝରର ଚମ୍ପୁଆ ମୁଖ୍ୟ ରାସ୍ତାରେ କୌଣସି ସ୍ଥାନରେ ତାରିଖ ୧୯/୦୭/୨୦୨୫ ହଜିଯାଇଛି। ଯଦି କେହି ଏହାକୁ ପାଆନ୍ତି, ଦୟାକରି ମୋତେ ମୋବାଇଲ୍ ନମ୍ବରରେ ଜଣାନ୍ତୁ- ୯୪୩୭୧୦୫୭୧୦।

## ଫେଲ୍ ମାରିଲା ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା

# ପାଣିରେ ପଡ଼ିଲା କୋଟି କୋଟି ଟଙ୍କା

ବାରିକପୁର, ୨।୮ (ସମିସ)




ଗତ ୧୦ବର୍ଷ ମଧ୍ୟରେ ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଛି। କୋଟି କୋଟି ଟଙ୍କାରେ ନିର୍ମାଣାଧୀନ ଉଚ୍ଚ କ୍ଷମତାସମ୍ପନ୍ନ ପାଣି ଟାଙ୍କି ଓ ପାଣି ଟ୍ୟାପ କ୍ରମେ ନଷ୍ଟ ହେବାରେ ଲାଗିଛି। ବିଶେଷ କରି ଆଖୁଆପଦା ବୈତରଣୀ ଆନିକଟଠାରେ ୮ ବର୍ଷ ହେବ ନିର୍ମାଣ ହୋଇଥିବା ଏକ ବୃହତ ମେଗା ପାନୀୟ ଜଳପ୍ରକଳ୍ପ ଏଯାଏଁ ୮ ଜଣଙ୍କ ଶୋଷ ମେଣ୍ଟାଇପାରିନାହିଁ। ଏହି ପ୍ରକଳ୍ପ ଦ୍ୱାରା ବ୍ଲକର ୨୨ଟି ପଞ୍ଚାୟତକୁ ପାଇପ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପୂର୍ବରୁ ସରକାର ଘୋଷଣା କରିଥିଲେ; ହେଲେ ଆଜିଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ଜିଲ୍ଲା ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ ପାଖାପାଖି ୧୦୦କୋଟି ଟଙ୍କାରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି ବୋଲି କାଗଜପତ୍ରରେ ସରକାରଙ୍କୁ ଅନେକ ଦିନ ପୂର୍ବରୁ ଜଣାଇଦେଇ ବାହାବା ନେଇଛନ୍ତି; କିନ୍ତୁ ପ୍ରକୃତ ପକ୍ଷେ ଏଯାଏଁ ଲୋକଙ୍କ ନିକଟରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚିପାରିନାହିଁ। କେବଳ ବିଦ୍ୟୁତ୍ ବିତରଣ କମ୍ପାନୀ ସହିତ ମେଗା ପ୍ରକଳ୍ପର କାର୍ଯ୍ୟ କରୁଥିବା କମ୍ପାନୀ ନିକଟକୁ ଏବେବି ସୁଦ୍ଧା କୋଟି କୋଟି ଟଙ୍କା ରାଜସ୍ୱ ଯାଉଛି। ସୂଚନା ମୁତାବକ, ବୈତରଣୀ ଆନିକଟ ନିକଟରେ ପ୍ରକଳ୍ପର ଜଳ ବିଶୋଧନ କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ପରମାନନ୍ଦପୁର, ଥଇଳା ଓ ବୟାଁବନାପୁର ଠାରେ ୩ଟି ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ ହୋଇଛି। ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଏହାଛଡା ଆଖୁଆପଦାଠାରୁ ମାଳଦା ଓ ମଞ୍ଜୁରୀ ରୋଡଠାରୁ ଭଣ୍ଡାରିପୋଖରୀ ସରସଦା ଅଞ୍ଚଳ ଯାଏଁ ବିଭିନ୍ନ ସ୍ଥାନକୁ ପାଣି ଯୋଗାଇବା ପାଇଁ ମାଟି ତଳେ ପାଇପ ବିଛାରେ ସୀମିତ ରହିଛି ପ୍ରକଳ୍ପ। କମ୍ପାନୀ ବର୍ଷକୁ ବର୍ଷ କାମ ସମ୍ପୂର୍ଣ୍ଣ କରୁନଥିବା କହି ଅଧିକାରୀମାନେ ନିଜ ଦାୟିତ୍ୱରୁ ଓହରି ଯାଉଛନ୍ତି। ବ୍ଲକ ଓ ଜିଲ୍ଲା ସ୍ତରରେ ମଧ୍ୟ ବାରମ୍ବାର ବୈଠକ ହୋଇ ଲୋକଙ୍କୁ ଯଥା ଶୀଘ୍ର ପାଇପ ପାଣି ଯୋଗାଇବା ପାଇଁ ଆଲୋଚନା ହୋଇଥିଲେ ମଧ୍ୟ ଫାଇଲ ଭିତରେ ରହି ଯାଇଛି। ସମ୍ପ୍ରତି ଅସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଓ ଜଳ ଯୋଗାଣ ବ୍ୟବସ୍ଥା ପରିଚାଳନା କମ୍ପାନୀ ହାତରେ ରହିଛି। ତେଣୁ ଦୈନିକ ବୈତରଣୀ ନଦୀରୁ ପାଣି ଆସି ବିଶୋଧନ ହେବା ପରେ କମ୍ପାନୀ ଏହାକୁ ପାଇପ ଯୋଗେ ଛାଡୁଛି। ଅନେକ ସ୍ଥାନରେ ଅସମ୍ପୂର୍ଣ୍ଣ କିମ୍ବା ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ପାଣି ସିଧା ପାଇପରୁ ବାହାରି ମାଟିରେ ମିଶି ଯାଉଛି। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଥିବା ବୃହତ ପାନୀୟ ଜଳ ପ୍ରକଳ୍ପଟି ଏକ ପ୍ରକାର ବିଫଳ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନେକ ବ୍ୟବସ୍ଥାଗତ ତ୍ରୁଟି ଭିତରେ ପ୍ରକଳ୍ପ କାର୍ଯ୍ୟ ସରିବ କି ନାହିଁ ସନ୍ଦେହରେ ରହିଥିବାବେଳେ ଆଉ କେତେ ବର୍ଷ ପରେ ଯେ ବ୍ଲକବାସୀ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ବୁନ୍ଦାଏ ପାଇବେ ତାହାକୁ ଦେଖିବାକୁ ରହିଛି।

## ଓଷ୍ଟା ପକ୍ଷରୁ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**ଧାମନଗର, ୨।୮ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସଦସ୍ୟା ଓ ସଦସ୍ୟମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଆୟୋଜିତ କରିଥିଲେ। ଏହି ଅବସରରେ ବିଭିନ୍ନ ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଓଷ୍ଟାର ଜିଲ୍ଲାଉପସଭାପତି ଶିକ୍ଷକ ପର୍ଶୁରାମ ପାତ୍ର, ବ୍ଲକ ସମ୍ପାଦକ ଓଷ୍ଟା ହେମନ୍ତ କୁମାର ସୂତାର, ଯୁଗ୍ମ ସମ୍ପାଦକ ଗଙ୍ଗାଧର ବେହେରାଙ୍କ ନେତୃତ୍ୱରେ ସଞ୍ଜୟ କୁମାର ସେନାପତି, ସୁବାଷ ଚନ୍ଦ୍ର ପାତ୍ର, ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ସେକ ଫରିଦ, ସେକ ଅଜମତଙ୍କ ସହ ସଂଘର କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଧାରଣା ଦେବା ସହିତ ବିଇଓ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଏକ ସ୍ମାରକ ପତ୍ର ଦେଇଥିଲେ। ଅନୁଦାନ, ଚାକିରି ସର୍ତ୍ତାବଳୀ, ପେନ୍‌ସନ୍ ଓ ଅନ୍ୟାନ୍ୟ କେତେକ ସମସ୍ୟା ନେଇ ଧାରଣା ଦିଆଯାଇଥିଲା। ଦାବି ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କଲେ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରୁ ବିରତ ରହିବେ ଏବଂ ସୁସ୍ଥ ମାନସିକତା ଭିତରେ ଅଧ୍ୟାପନା କାର୍ଯ୍ୟରେ ଲିପ୍ତ ରହି ଉତ୍ତମ ଛାତ୍ର ଗଠନରେ ବ୍ରତୀ ହେବେ ବୋଲି ସଂଘ ପକ୍ଷରୁ ସୂଚନା ଦେଇଛନ୍ତି। ଦାବି ସମୂହ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ ଆଦି ଦାବି କରାଯାଇଛି।

## ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର କୁମାର ନାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା



**ଭଦ୍ରକ, ୨।୮ (ସମିସ):** ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର କୁମାର ନାୟକଙ୍କୁ ନାଗରିକ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂସ୍କୃତି ଭବନରେ ଆୟୋଜନ କରାଯାଇ ବିଭିନ୍ନ ଅଞ୍ଚଳର ଡାକ୍ତର, କର୍ମକର୍ତ୍ତା ଓ ଅନୁଷ୍ଠାନ ତରଫରୁ ଡାକ୍ତର ନାୟକଙ୍କ ନିରବଚ୍ଛିନ୍ନ ସେବା ଓ ତ୍ୟାଗ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ଭଦ୍ରକ ସିଡିଏମଓ ଓ ବରିଷ୍ଠ ଡାକ୍ତର ସୁଧୀରଞ୍ଜନ ନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବରେ ପଣ୍ଡା ହସ୍ପିଟାଲର କର୍କଟ ବିଶେଷଜ୍ଞ ବରିଷ୍ଠ ଡାକ୍ତର ରଣଜିତ କର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ ଯୋଗଦେଇ ଡାକ୍ତର ନାୟକଙ୍କ ଜନ ଆଦୃତ ପାଇଁ ପ୍ରଶଂସା କରିଥିଲେ। ଆଇଏମଏର ଉପଦେଷ୍ଟା ବରିଷ୍ଠ ଡାକ୍ତର ହରେକୃଷ୍ଣ ନାୟକ ଯୋଗଦେଇ ଡାକ୍ତର ନାୟକଙ୍କ ଜୀବନ ବ୍ୟାପୀ ସେବା ଓ ସାଧନା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସଭାରେ ପୂର୍ବତନ ଆଇଏମଏ ସଭାପତି ଡାକ୍ତର ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ଅନୁଗୁଳ ସିଡିଏମଓ ଡାକ୍ତର ଶିବାନନ୍ଦ ଦାଶ, କେଉଁଝରର ସମ୍ପାଦକ ଡାକ୍ତର ମହେଶ ମହାନ୍ତି, ଯାଜପୁର ଆଇଏମଏର ଡାକ୍ତର ପ୍ରସନ୍ନ ସାହୁ ଓ କାର୍ତ୍ତିକ ଚନ୍ଦ୍ରରାଉତ, ଏସସିବି ମେଡିକାଲର ପାର୍ଥସାରଥୀ ମିଶ୍ର, ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଭଦ୍ରକର ଭଦ୍ରକ ଆଇଏମଏ, ରୋଟାରୀ କ୍ଲବ, ରୋଟାରୀ କ୍ଲବ ମିଡଟାଉନ, ରାମ ସେବା ଆଶ୍ରମ, ବରିଷ୍ଠ ନାଗରିକ ମହାସଂଘ, ତ୍ୟାଗ ଭୂମି, ଲାୟନ୍ସ କ୍ଲବ, ଅଶ୍ରୁ, ଓଡ଼ିଶା ତେଜସ୍ୱୀନୀ ମହିଳା ମହାସଂଘ, ଗାନ୍ଧୀ ବିଚାର ମଞ୍ଚ, ଲାୟନ୍ସ କ୍ଲବ ଭଦ୍ରକାଳୀ ଡିଭାଇନ ପ୍ରମୁଖ ସଂଗଠନ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ଆଇଏମଏର ସଭାପତି ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା, ବିଶିଷ୍ଟ ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫେସର ଡାକ୍ତର ରଜତ ରାୟ, ପ୍ରଫେସର ଡାକ୍ତର ଇନ୍ଦ୍ରମଣି ଜେନା, ଡାକ୍ତର ସରୋଜ ସାହୁ, ଡାକ୍ତର କମଳାକାନ୍ତ ପାଣିଗ୍ରାହୀ, ପ୍ରଫେସର ଡାକ୍ତର ଜନ୍ମେଜୟ ମହାପାତ୍ର, ରାଜ୍ୟ ସମ୍ପାଦକ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ରାଜ୍ୟ କୋଷାଧ୍ୟକ୍ଷ ଡାକ୍ତର ସମ୍ରାଟ କର, ବାଲେଶ୍ୱର ଉପସଭାପତି ଡାକ୍ତର ସରୋଜ ରାଜ ପ୍ରମୁଖ ବାର୍ତ୍ତା ମାଧ୍ୟମରେ ଡାକ୍ତର ନାୟକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସଭାକୁ ସ୍ତମ୍ଭକାର ସାହିତ୍ୟିକ ଅଭୟ ଦ୍ୱିବେଦୀ ସଞ୍ଚାଳନ କରିଥିବାବେଳେ ସୁଧାକର ରାଉତ ଓ ଜଗନ୍ନାଥ ରାଉତ ପରିଚାଳନା କରିଥିଲେ। ଆସ୍ତା ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପ୍ରଦୀପ ନାୟକ, ବରିଷ୍ଠ ଡାକ୍ତର ଶତ୍ରୁଘ୍ନ ହାତୀ, ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା, ଡାକ୍ତର ଜେ କେ ମହାନ୍ତି, ଡାକ୍ତର ବି କେ ନନ୍ଦ, ଡାକ୍ତର ଉତ୍ପଳା ନାୟକ, ଡାକ୍ତର ଦେବରାଜ ପାଣିଗ୍ରାହୀ, ଡାକ୍ତର ବିମଳା ମିଶ୍ର, କୈଳାସ ମହାପାତ୍ର, ଶାନ୍ତନୁ ରାଉତ, ଲଲାଟେନ୍ଦୁ ମହାନ୍ତି, ସମାଜସେବୀ ସୀତାକାନ୍ତ ଦାସ, ନାସିର ବକ୍ସ, ଅଜୟ ନାୟକ, ଗଦାଧର ବଳ, ଅଶୋକ ମହାନ୍ତି, ସତ୍ୟେନ୍ଦୁରାୟ ମହାପାତ୍ର, ଅଞ୍ଜନା ମିଶ୍ର, ସୁରଜିତା ନାୟକ, ଜାନକୀ ପାଢ଼ୀ, ଶ୍ରୀହର୍ଷ ସ୍ୱାଇଁ, ଦିବ୍ୟସିଂହ ନାୟକ, ରୋଟାରିଆନ ଶିଶିର ମିଶ୍ର, ରୋଟାରିଆନ ସମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର

# ସହାୟତାର ହାତ ବଢ଼ାଇଲା ସାମାଜିକ ସଂଗଠନ



ସକାଳ ପ୍ରଭାବ

**ଭଦ୍ରକ, ୨।୮ (ସମିସ):** ଜୁଲାଇ ୨୩ ତାରିଖ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଇଟୁଆ ଗାଁର ଭିନ୍ନକ୍ଷମ ଆନନ୍ଦ ଜେନାଙ୍କ ପରିବାର ଦୁର୍ଦ୍ଦଶା ନେଇ 'ଅନ୍ଧାରରେ ଭିନ୍ନକ୍ଷମଙ୍କ ପରିବାର: ବିଜୁ ସ୍ୱାସ୍ଥ୍ୟକାର୍ଡ ଅକାମୀ ହେବା ପରେ ଅଟକିଲା ଚିକିତ୍ସା'... ଶୀର୍ଷକ ଏକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଇଟୁଆ ଗାଁର ଆନନ୍ଦ ଜେନା ଜଣେ ରାଜମିସ୍ତ୍ରୀ ଭାବେ ପରିବାର ପ୍ରତିପୋଷଣ କରନ୍ତି। ପରିବାର କହିଲେ ଆନନ୍ଦଙ୍କ ସହ ତାଙ୍କର ସ୍ତ୍ରୀ ଓ ୩ ଝିଅ; ହେଲେ ଭୁବନେଶ୍ୱରର ଏକ କନଷ୍ଟ୍ରକସନ କମ୍ପାନୀରେ କାମ କରୁଥିବା ବେଳେ ଜାନୁଆରୀ ମାସରେ ଏକ ଦୁଇ ମହଲା କୋଠାରୁ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କର ମେରୁଦଣ୍ଡ ସହ କଟି ହାଡ଼ ଭାଙ୍ଗି ଯାଇଥିଲା। ଡାକ୍ତରଖାନାରେ ପଡ଼ି ରହି ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା ହେଉଥିଲେ; ମାତ୍ର ବିଜୁ ସ୍ୱାସ୍ଥ୍ୟ କାର୍ଡ ଅକାମୀ ହେଲା ପରେ ଆଉ ଚିକିତ୍ସା ହୋଇ ପାରିଲେନି। ଏପଟେ ଇ-କେୱାଇସି କରି ନ ଥିବାରୁ ନିଜ ଭାଇ ପରିବାରର ରାସନ କାର୍ଡ ସହ ସଂଯୋଗ ଥିବା ନାମ ବି କଟିଗଲା। ଫଳରେ ଅଧାରୁ ଅଟକିଥିଲା ଆନନ୍ଦଙ୍କ ଚିକିତ୍ସା। ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ଘରକୁ ଫେରି ଆସିଲେ। ଆଉ ସେହି ଦିନଠାରୁ ବିଛଣାରେ ପଡ଼ି ରହି ଛଟପଟ ହେଉଛନ୍ତି ଆନନ୍ଦ। ତେବେ ଏହି ଦୁର୍ଦ୍ଦଶା ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ଭଦ୍ରକ ଜିଲ୍ଲା ଶ୍ରମ ବିଭାଗର ଅଧିକାରୀ ଆନନ୍ଦଙ୍କ ଘରେ ପହଞ୍ଚି ତାଙ୍କର ଭଲ ମନ୍ଦ ବୁଝିବା ସହ ଶ୍ରମ ବିଭାଗ ତରଫରୁ ଯାହା ସୁବିଧା ଉପଲବ୍ଧ ତାହା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ବ୍ଲକ ପ୍ରଶାସନ ତରଫରୁ ଭିନ୍ନକ୍ଷମ ଭତ୍ତା ଚଳିତ ମାସରୁ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ବାସୁଦେବପୁର ଅଞ୍ଚଳର ସାମାଜିକ ସଂଗଠନ ରମାକାନ୍ତ ସେବା ଫାଉଣ୍ଡେସନର ସଭ୍ୟସଭ୍ୟା ଆନନ୍ଦଙ୍କ ଘରେ ପହଞ୍ଚି କିଛି ଶୁଖିଲା ଖାଦ୍ୟ ସହ ଆର୍ôଥିକ ସହାୟତା କରିଥିଲେ। କେବଳ ଏତିକି ନୁହେଁ ଆନନ୍ଦଙ୍କ ତିନି ଝିଅଙ୍କ ପାଠ ପଢ଼ା ଖର୍ଚ୍ଚ ବାବଦକୁ ୧ ବର୍ଷ ପାଇଁ ମାସିକ ୧ ହଜାର ଟଙ୍କା ପ୍ରଦାନ କରିବାକୁ ଫାଉଣ୍ଡେସନର ପରିଚାଳକ ରତିକାନ୍ତ ପ୍ରଧାନ ଘୋଷଣା କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଦୋଳସାହି, ୨।୮ (ସମିସ):** ତିହିଡି ବ୍ଲକ କୁବେରା ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟପୁର ପରିଚାଳନା କମିଟିର ସଭାପତି ଗୋବର୍ଦ୍ଧନ ସାମଲଙ୍କ ଅଧ୍ୟକ୍ଷତାରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ତଥା ପରିଚାଳନା କମିଟି ସମ୍ପାଦକ ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଉପଦେଷ୍ଟା ତଥା ଅବସରପ୍ରାପ୍ତ ଶିକ୍ଷକ ଭରତଚରଣ ବାରିକ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଜ୍ଞାନ ପ୍ରମୁଖ ରଶ୍ମିତା ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗୁରୁମା ପୂର୍ଣିମା ଖଟୁଆ ପ୍ରତିଭା ରାଣୀ ସାହୁ, ସେବତୀ ତ୍ରିପାଠୀ, ରଶ୍ମିତା ସାହୁ ଓ ଗୁରୁଜୀ ଦୀପ୍ତିକାନ୍ତ ଯେନା ଉପସ୍ଥିତ ଥିଲେ। ଶିଶୁ ଭାଇଭଉଣୀଙ୍କ ମଧ୍ୟରୁ ୩୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

## ଶୈବପୀଠକୁ କାଉଡ଼ିଆଙ୍କ ଯାତ୍ରା



**ବାରିକପୁର, ୨।୮ (ସମିସ):** ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର ପାଇଁ ସବୁଠି ବୋଲ୍‌ବମ୍ ଭକ୍ତଙ୍କ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ବିଶେଷ କରି ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ନଦୀଘାଟରୁ କାଉଡ଼ିଆ ଭାଇ ଭଉଣୀ ମାନେ ପାଣି ଭାର ଧରି ଯାତ୍ରା ଆରମ୍ଭ କରିଛନ୍ତି। ବୈତରଣୀ ନଦୀର ଆଖୁଆପଦା ଆନିକଟ ସମେତ ମଣୀନାଥପୁର, ମୁଢାପଦା, ନେରଡା, ବଳିପୁର, ଝୁଟଣା, ବାଲି ପୋଖରୀ, ଦାଣ୍ଡକୂଳ ଘାଟରେ କାଉଡ଼ିଆ ଭିଡ ଦେଖିବାକୁ ମିଳିଛି। ନଦୀ ଘାଟରୁ ଭକ୍ତମାନେ ଆଖଣ୍ଡଳମଣୀ ପୀଠକୁ ପାଣିଭାର ନେଇ ବାହାରିଛନ୍ତି ତ ପୁଣି କିଏ ପଞ୍ଚ ଲିଙ୍ଗେଶ୍ୱରକୁ ଯାତ୍ରା ଆରମ୍ଭ କରିଛି। ଏହାଛଡା ବିଭିନ୍ନ ଗ୍ରାମାଞ୍ଚଳର ପ୍ରସିଦ୍ଧ ଶୈବ ପୀଠରେ ମଧ୍ୟ ସୋମବାର ଜଳାଭିଷେକ ପାଇଁ ଭକ୍ତମାନେ ପାଣି ଭାର ନେଇ ଯାଉଛନ୍ତି। ସେହିଭଳି ଗେଙ୍ଗୁଟି, ରେବ ଓ କପାଳୀ ନଦୀରୁ ମଧ୍ୟ ଗାଁର ମାନସିକଧାରୀ କାଉଡ଼ିଆମାନେ ପାଣି ଭାର ଧରି ବିଭିନ୍ନ ଶୈବ ପୀଠକୁ ଯାଉଥିବା ଦେଖିବାକୁ ମିଳିଛି। ଦକ୍ଷିଣବାଡ ସ୍ଥିତ ମା' ଥାନପତୀ କାଉଡ଼ିଆ ସଂଘ ପକ୍ଷରୁ ପ୍ରାୟ ୧୦୦ରୁ ଅଧିକ ଭକ୍ତ ଦଶ୍ୱାସନୀ ଘାଟରୁ ପାଣି ନେଇ ଆରଡ଼ିକୁ ଯାତ୍ରା କରିଛନ୍ତି। ସମସ୍ତ କାଉଡ଼ିଆ ୩ ନମ୍ବର୍ କେନାଲ ବନ୍ଧ, ଛତାବର ବଳିଘାଇ ରାସ୍ତା, ମଣିନାଥପୁର ପାଳଦା ରାସ୍ତା, ଦୋବଲ ଧାମନଗର ରାସ୍ତା, ଯାଜପୁର କୟାଗୋଲା ରାସ୍ତା ସହିତ ଅନ୍ୟାନ୍ୟ ଗ୍ରାମାଞ୍ଚଳ ଛୋଟବଡ ରାସ୍ତା ଅତିକ୍ରମ କରି ପ୍ରସିଦ୍ଧ ଆଖଣ୍ଡଳମଣି ଓ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଯାତ୍ରା ଆରମ୍ଭ କରିଛନ୍ତି।

## ରକ୍ତଦାନ ଶିବିର: ୬୪ ୟୁନିଟ୍ ସଂଗ୍ରହ

**ବାସୁଦେବପୁର, ୨।୮ (ସମିସ):** ବାସୁଦେବପୁର ସତ୍ୟସାଇ ମନ୍ଦିର ପରିସରରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୬୪ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଭଦ୍ରକ ରକ୍ତଭଣ୍ଡାର କାଉନସେଲ ଯାଜ୍ଞସେନୀ ସାହୁ, ଏଲଟି ମଙ୍ଗୁଲୁ ପ୍ରଧାନ, ତାରିଣୀ ସେନ, ମଧୁସ୍ମିତା ବେହେରା ରକ୍ତ ସଂଗ୍ରହ କରୁଥିବା ବେଳେ ମାନସ ପଣ୍ଡା ଓ ଅରୁଣ ପରିଡ଼ା ସହଯୋଗ କରିଥିଲେ। ସତ୍ୟସାଇ ସଙ୍ଗଠନର ଜିଲ୍ଲା ସଭାପତି ବୃନ୍ଦାବନ ବେହେରା, ଆବାହକ ପବିତ୍ର ମୋହନ ନାୟକ, ତ୍ରୈଲୋକ୍ୟନାଥ ପଣ୍ଡା, ବିଚିତ୍ର ଭୋଇ, ଡ. ବସନ୍ତ ଦାସ, ସ୍ନିଗ୍ଧା ମହାନ୍ତି, ରମାକାନ୍ତ ଦାସ, ଉଦୟ ନାରାୟଣ ପଣ୍ଡା, ମୁକ୍ତିକାନ୍ତ ରାୟ, ମହେଶଚନ୍ଦ୍ର ଦାସ, ବସନ୍ତ କୁମାର ବଳ, ରାମଚନ୍ଦ୍ର ପାଢ଼ୀ, ଦିବ୍ୟସୁନ୍ଦର ବାରିକ ଓ ଅହଲ୍ୟା ବାରିକ, ସୁଷମା ଭୋଇ ରକ୍ତଦାତାଙ୍କ ପଞ୍ଜୀକରଣ କରିବା ସହ ସହଯୋଗ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।



## କଟାଗଲା ବିପଦସଙ୍କୁଳ ଗଛ



**ଭଦ୍ରକ, ୨।୮ (ସମିସ):** ଦୀର୍ଘଦିନ ଧରି ଭଦ୍ରକ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଥିବା ୨ଟି ଶୁଖିଲା ଦେବଦାରୁ ଗଛ ବିପଦସଙ୍କୁଳ ଅବସ୍ଥାରେ ଥିଲା। ସର୍ବସାଧାରଣଙ୍କ ଜୀବନ ବିପଦ ନିବାରଣ ପାଇଁ ଆଜି ସକାଳେ ଭଦ୍ରକ ତହସିଲ ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗ ଓ ପୌରପାଳିକା କାର୍ଯ୍ୟାଳୟ କର୍ମଚାରୀମାନଙ୍କ ସହଯୋଗରେ ଗଛ ଦୁଇଟିକୁ ସୁରକ୍ଷିତ ଭାବେ ମେସିନ ଜରିଆରେ କାଟିଥିଲେ। ଏହି ପଦକ୍ଷେପ ଦ୍ୱାରା ତହସିଲ କାର୍ଯ୍ୟାଳୟ ଓ ବ୍ଲକ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଫିସକୁ ଆସୁଥିବା ସାଧାରଣ ଲୋକଙ୍କ ଜୀବନ ବିପଦମୁକ୍ତ ହୋଇଛି।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୧୪ତମ ସମ୍ମିଳନୀ

# ଅଧିକାର ପାଇଁ ଐକ୍ୟବଦ୍ଧ ହୋଇ ଲଢିବାକୁ ଆହ୍ୱାନ

ଭଦ୍ରକ, ୨।୮ (ସମିସ)




ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ୧୪ତମ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗଣତନ୍ତ୍ର, ସମାନତା, ନାରୀ ମୁକ୍ତି ସ୍ଲୋଗାନ ସହ ଶତାଧିକ ମହିଳା ଭଦ୍ରକ ବନ୍ତ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଭଦ୍ରକ ସହର ପରିକ୍ରମା କରିଥିଲେ। ଜିଲ୍ଲା ସଭାନେତ୍ରୀ ପ୍ରଭାତୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସଂଗଠନର ସର୍ବଭାରତୀୟ ନେତ୍ରୀ ତାପସୀ ପ୍ରହରାଜ ସମ୍ମିଳନୀକୁ ଉଦଘାଟନ କରି ରାଷ୍ଟ୍ର ପ୍ରୋତ୍ସାହିତ ମହିଳା ହିଂସା ବନ୍ଦ କରିବା, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ। ଭାରତୀୟ ସମ୍ବିଧାନ ବଦଳରେ ମନୁସ୍ମୃତି କାର୍ଯ୍ୟକାରୀ କରିବା ପାଇଁ ମୋଦି ସରକାର ପ୍ରାଥମିକ ପର୍ଯ୍ୟାୟରେ ଶିକ୍ଷାର ଗୈରୀକରଣ କରୁଥିବାରୁ ମୋଦି ସରକାରଙ୍କ ଏହି ଧର୍ମନିରପେକ୍ଷତା ବିରୋଧୀ ପାଠ୍ୟକ୍ରମକୁ ଶ୍ରୀମତୀ ପ୍ରହରାଜ ବିରୋଧ କରିଥିଲେ। ଆମ ଦେଶରେ ବୈଜ୍ଞାନିକ ସମାଜବାଦ ପ୍ରତିଷ୍ଠା ପାଇଁ ମହିଳା ମାନେ ଏକଜୁଟ ହୋଇ ଲଢେଇ କରିବାକୁ ଶ୍ରୀମତୀ ପ୍ରହରାଜ ଆହ୍ୱାନ ଜଣାଇଥିଲେ। ଏହି ସମ୍ମାନିତ ଅତିଥି ଭାବେ ସଂଗଠନର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଆସିଆନାର ନିର୍ଦ୍ଦେଶକ ସେକ୍ ସୋଫିଆ, ଇନରହୁଇଲ ସଭାନେତ୍ରୀ ସ୍ନେହଲତା ବେହେରା, ମହିଳାନେତ୍ରୀ ଝରଣା ପଟ୍ଟନାୟକ, ମହିଳା ନେତ୍ରୀ ଅଞ୍ଜନା ମିଶ୍ର ପ୍ରମୁଖ ଯୋଗଦେଇ ନିଜ ଅଧିକାରର ସୁରକ୍ଷା ପାଇଁ ନାରୀ ମାନେ ଐକ୍ୟବଦ୍ଧ ହୋଇ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମିଳନୀର ସଫଳତା କାମନା କରି ସିଆଇଟିୟୁ ଭଦ୍ରକ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ଯୁବନେତା ବିକାଶ ନାଥ, ଶ୍ରମିକନେତା ମଳୟ ଭୋଇ, ବିଷ୍ଣୁ ଦାଶ, ଉଜ୍ୱଳ ଯେନା, ଶିକ୍ଷକ ନେତା ଚିତ୍ରଭାନୁ ଦାଶ, ଯୁବ ଆଇନଜୀବୀ ଅମୃତ ପ୍ରିତମ ନାୟକ ପ୍ରମୁଖ ଯୋଗଦେଇ ଦେଶର ଏକତା, ଭାଇଚାରା, ଅଖଣ୍ଡତା ଓ ସମ୍ବିଧାନର ସୁରକ୍ଷା ପାଇଁ ମହିଳା ମାନେ ଲଢେଇ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ସଭାନେତ୍ରୀ ପ୍ରଭାତୀ ଜେନା ସଂଗଠନର ପତାକା ଉତ୍ତୋଳନ କରିଥିବା ବେଳେ ୧୭ ଜଣ ପ୍ରତିନିଧି ସମ୍ମିଳନୀର ରିପୋର୍ଟ ଉପରେ ଆଲୋଚନା କରିଥିଲେ। ଶେଷ ପର୍ଯ୍ୟାୟରେ ଏକ ୧୯ ଜଣିଆ ଜିଲ୍ଲା କମିଟି ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ନୂତନ ଜିଲ୍ଲା ସଭାନେତ୍ରୀ ଭାବେ ମମତା ଜେନା ଓ ଜିଲ୍ଲା ସମ୍ପାଦିକା ଭାବେ ପ୍ରଭାତି ଯେନା ନିର୍ବାଚିତ ହୋଇଥିଲେ। ଉପସଭାନେତ୍ରୀ ଭାବେ ସୁମତି ନାୟକ, ପ୍ରଭାତି ଦାଶ, ସଂଯୁକ୍ତା ମାଦକ, ଶାନ୍ତିଲତା ବାରିକ୍, ସହ ସମ୍ପାଦିକା ପାଇଁ ରୋଜାଲିନି ସାମ୍ୟବାଦୀ, ସୀତାରାଣି ଦାସ, କାମିନୀ ଭୋଇ, ଶାନ୍ତିଲତା ନାୟକ ନିର୍ବାଚିତ ହୋଇଥିବା ବେଳେ ଜିଲ୍ଲା କମିଟି ସଭ୍ୟା ଭାବେ ମଧୁସ୍ମିତା ପାକଳ, ସେକ୍ ତସଲିମା, ପାକିନି ମୁଣ୍ଡା, ସବିତା ବିଶ୍ୱାଳ, ପ୍ରତିଭା ରାଉତ, ରିନାରାଣୀ ସାହୁ, ବାସନ୍ତୀ ବେହେରା ନିର୍ବାଚିତ ହୋଇଥିଲେ। ଆସନ୍ତା ସେପ୍ଟେମ୍ବର ୭ ଓ ୮ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ସଂଗଠନର ୧୪ ତମ ରାଜ୍ୟ ସମ୍ମିଳନୀକୁ ଭଦ୍ରକ ଜିଲ୍ଲାରୁ ୧୫ ଜଣ ପ୍ରତିନିଧି ଓ ୨ ଜଣ ଦର୍ଶକଙ୍କ ସହ ୫୦୦ ମହିଳା ରାଜ୍ୟ ସମ୍ମିଳନୀ ପରିପ୍ରେକ୍ଷୀରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ମହିଳା ସମାବେଶରେ ଯୋଗଦେବେ ବୋଲି ସମ୍ମିଳନୀରେ ସ୍ଥିର ହୋଇଥିଲା।

# ୬ ଦଫା ଦାବିନେଇ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଭଦ୍ରକ/ଭଣ୍ଡାରିପୋଖରୀ, ୨।୮ (ସମିସ):



୬ଦଫା ଦାବି ନେଇ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ପ୍ରତିବାଦ କଲେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଘ। ଆଜି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଚାନ୍ଦବାଲି ଶାଖା ତରଫରୁ ଏହି ଧାରଣାରେ ବିଭିନ୍ନ ସ୍କୁଲ ଓ କଲେଜର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଦାବି ପୂରଣ ପାଇଁ ଶିକ୍ଷାଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ବିବେଚିତ ସ୍କୁଲ ଓ କଲେଜଗୁଡିକୁ ଅନୁଦାନ ପ୍ରଦାନ, ଅବସର ବୟସ ୨ବର୍ଷ ବୃଦ୍ଧି, ପୁରାତନ ପେନସନ ସ୍କିମ ଲାଗୁ ଆଦି ୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିବା ସହ ଏହାକୁ ପୂରଣ କରିବା ସହ ଦାବି କରିଛି ଶିକ୍ଷକ ସଂଘ।

ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସ୍ଥାନୀୟ ସଙ୍ଗଠନ ପକ୍ଷରୁ ୬ ଦଫା ଦାବି ପୂରଣ ନିମନ୍ତେ ଶନିବାର ଧାରଣା ଅନୁଷ୍ଠିତ ହୋଇଥିଲା। ଓଷ୍ଟାର ପ୍ରାକ୍ତନ ରାଜ୍ୟ ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାରଣାରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ସମ୍ପାଦକ ମନୋରଞ୍ଜନ ପଣ୍ଡାଙ୍କ ଆବାହକତ୍ୱରେ ଧାରଣା ଅନୁଷ୍ଠିତ ହୋଇଥିଲା।

## ନାଗ ଦଂଶନରେ ସାଇକଲ ମିସ୍ତ୍ରିଙ୍କ ମୃତ୍ୟୁ



ବାରିକପୁର, ୨।୮ (ସମିସ): ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ଲକ୍ଷ୍ମୀବଜାରଠାରେ ସାପ ଦଂଶନ ଯୋଗୁଁ ଜଣେ ସାଇକଲ ମିସ୍ତ୍ରିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲାର ଶାଳଣିଆ ନିକଟ ଚଷାଖଣ୍ଡ ଗ୍ରାମର ସୁନନ୍ଦ ବାରିକ (୪୦) ଲକ୍ଷ୍ମୀବଜାରଠାରେ ଥିବା ଏକ ସାଇକଲ ଦୋକାନରେ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଗତ ଶୁକ୍ରବାର ଅପରାହ୍ନରେ ଖାଇ ସାରିବା ପରେ ଦୋକାନ ପଛପଟ ଏକ ଘେର ବିଶ୍ରାମ ନେଉଥିଲେ। ଏହି ସମୟରେ ହଠାତ ତାଙ୍କୁ ଏକ ନାଗ ସାପ କାମୁଡ଼ି ଦେଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ଅବସ୍ଥା ଗୁରୁତର ଥିବା ଯୋଗୁଁ ତାଙ୍କୁ ସଙ୍ଗେ ସଙ୍ଗେ ଯାଜପୁର ମେଡିକାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସାଇକେଲ ମିସ୍ତ୍ରିଙ୍କ ଅକାଳ ବିୟୋଗରେ ବ୍ୟବସାୟୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକ ଖେଳିଯାଇଛି। ଭଦ୍ରକରୁ ସାପ ଧରାଳି ସେକ ମିର୍ଜା ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଜଣାପଡିଛି।

## କେବେ ମିଳିବ ବାସଗୃହ? ଦୃଷ୍ଟି ଆଢୁଆଳରେ ମନୋରମା

ଅସୁରାଳି, ୨।୮ (ସମିସ): ମନୋରମା ନାଥ। ବୟସ ଆସି ୫୮ ହେଲାଣି। ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମର ବାସିନ୍ଦା। ସ୍ୱାମୀ ଆର ପାରିକୁ ଚାଲି ଗଲେଣି ୫ ବର୍ଷ ହେବ। ପରିବାର କହିଲେ ତାଙ୍କ ଗୋଟିଏ ମାତ୍ର ପୁଅ ଅଜୟ ନାଥ (୩୫)। ପୁଅ, ମା'ର ପେଟରେ ମୁଠେ ଦାନା ଦେବା ପାଇଁ ବହୁତ୍ ଦିନ ହେଲା ଦାଦନ ଖଟୁଛନ୍ତି। ଏଠି ମା' ମନୋରମା ଖଣ୍ଡିଏ ଆବାସ ପାଇଁ ହେଉଛନ୍ତି ହନ୍ତସନ୍ତ। ଆଜିକାଲି ସରକାର ମନ କଥା ଜାଣି ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଏହା ବୋଧେ କେବଳ ପୂଳା ପୁଳା ଟଙ୍କା ଥିବା ବ୍ୟକ୍ତି ବିଶେଷ ନିମନ୍ତେ। ଆଗାମୀ ଦିନରେ ମନୋରମାଙ୍କୁ ସ୍ଥାୟୀ ବାସଗୃହ ଯୋଗାଇ ନ ଦେଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।



## ଠିପିବନ୍ଦ ମଦ ଦୋକାନରୁ ଲକ୍ଷାଧିକ ଟଙ୍କା ଲୁଟ୍



ଅସୁରାଳି, ୨।୮ (ସମିସ): ଧାମନଗର ବ୍ଲକ ଧୂଷୁରୀ ଅଂଚଳରେ ଦିନକୁ ଦିନ ଚୋରୀ ବୃଦ୍ଧି ପାଇବାରେ ଲାଗିଛି। କେତେବେଳେ ସ୍କୁଲରୁ ଚାଉଳ ଚୋରୀ ତ ଆଉ କେତେବେଳେ ଦୋକାନ ଲୁଟ୍, ଅନ୍ୟ କେତେବେଳେ ଘର କବାଟ ଭାଙ୍ଗି ସୁନା ଅଳଙ୍କାର ଚୋରୀ। ଚୋର ଡକାୟତ ମାନଙ୍କର ବିତ୍ପାତ ଦିନ କୁ ଦିନ ବୃଦ୍ଧି ହେବାରେ ଲାଗିଚି। ଶୁକ୍ର ବାର ଧୂଷୁରୀ ନିକଟରେ ଥିବା ଏକ ମଦ ଦୋକାନରୁ ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା, ପ୍ରାୟ ୧୦ ଲକ୍ଷ ଟଙ୍କାର ମଦ ଓ ପାଖାପାଖି ୧ ଲକ୍ଷ ଟଙ୍କା ସିସିଟିଭ ସରଞ୍ଜାମ ରୋରୀ ହୋଇଥିବା ରାଜ କିଶୋର ନାୟକ ଧୂଷୁରୀ ଥାନାରେ ଶନିବାର ପୂର୍ବାହ୍ନରେ ଏତାଲା ଦେଇଛନ୍ତି। ଏତାଲାକୁ ଭିତିକରି ଧୂଷୁରୀ ପୋଲିସ କେସ ନମ୍ବର ୩୬୬/୨୫ ରୁଜୁ କରି ତଦନ୍ତ କରିବା ସହ ସାଇଟିଂଫିକ ଟିମ ମଧ୍ୟ ଅପରାହ୍ନରେ ଆସି ତଦନ୍ତ କରିଛି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନରେ ଏକ ଚୋରୀ ମୋକଦ୍ଦମା ରୁଜୁ ହୋଇଛି। ଧୁଷୁରି ରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋର ଡକାୟତ ଙ୍କ ଦୌରାତ୍ମ୍ୟ କୁ ରୋକିବା ପାଇଁ ଧୁଷୁରୀ ବାସୀ ଦାବି କରିଛନ୍ତି। ଏହା ସହ ପେଟ୍ରୋଲିଂ କୁ କଡ଼ା କଡ଼ି କରିବା ପାଇଁ ଧୁଷୁରି ଥାନା ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

## ● ବେଆଇନ ବିକ୍ରି ଉପରେ ହେଉନି ଚଢ଼ଉ
# ବିନା ଡାକ୍ତରୀ ଚିଠାରେ ମିଳୁଛି ଗର୍ଭପାତ ଔଷଧ

ବନ୍ତ/ଆଗରପଡ଼ା, ୨।୮ (ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ରେ ବିଭାଗର ନଜର ପଡୁନଥିବାରୁ ବନ୍ତ ଓ ଆଖପାଖ ଅଞ୍ଚଳରେ ମାଲମାଲ ଔଷଧ ଦୋକାନୀ ଭୟଶୂନ୍ୟ ହୋଇ ଅଧିକ ଲାଭ ଆଶାରେ ବିନା ପ୍ରେସକ୍ରିପସନ ବା ଡାକ୍ତରୀ ଚିଠାରେ ଅତି ସହଜରେ ଗର୍ଭନଷ୍ଟ ଔଷଧ ବିକୁଥିବା ଜଣାପଡ଼ିଛି। ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହା ଏଭଳି ଘଟଣା ଦିନକୁ ଦିନ ବଢ଼ିଚାଲିଛି। ସୁରକ୍ଷିତ ଗର୍ଭପାତ କରିବା କେବଳ ଡାକ୍ତରଙ୍କ ପରାମର୍ଶରେ ହୋଇପାରିବ ଏଥିପାଇଁ ଭ୍ରୁଣର ବୟସ ପୂର୍ବରୁ ସ୍ଥିର ହୋଇଛି। ତେବେ ଗର୍ଭପାତ କରିବା ପାଇଁ ମେଡ଼ିସିନ (ମାଇଫ୍ ପ୍ରିଷ୍ଟୋନ -ମିସୋପ୍ରୋଷ୍ଟୋଲ) ରହିଛି। ଏହି ମେଡ଼ିସିନ କେବଳ ଡାକ୍ତରୀ ପ୍ରେସକ୍ରିପସନରେ ବିକ୍ରି କରାଯିବ। ଏନେଇ ଡ୍ରଗ୍ସ ଆଣ୍ଡକ ସମେଟିକ୍ସ ଆକ୍ଟରେ ନିୟମ ରହିଛି। ଯେଉଁ ମହିଳାଙ୍କ ପାଇଁ ଏହି ଔଷଧର ଆବଶ୍ୟକତା ରହିଛି ତାଙ୍କର ଡାକ୍ତରୀ



ଚିଠା ଔଷଧ ଦୋକାନୀ ଦେଖିବା ସହ ଉକ୍ତ ଚିଠାର ଏକ କପି ନିଜ ପାଖରେ ରଖିବେ। ମେଡ଼ିସିନ ବିକ୍ରିର ବିଲ ପ୍ରସ୍ତୁତ କରିବା ସହ ଡାକ୍ତରଙ୍କ ପଞ୍ଜିକରଣ ନମ୍ବର ଓ କ୍ରେତାଙ୍କ ନାମ ଓ ଠିକଣା ଦୋକାନ ରେଜିଷ୍ଟରରେ ଲେଖି ରଖିବେ। ଏଭଳି କିଛି ନିୟମ ଭିତରେ ଗର୍ଭପାତ ବା ନଷ୍ଟ କରିବା ଔଷଧ ବିକ୍ରି କରାଯାଇପାରିବାର ସୂଚନା ଥିଲେ ସୁଦ୍ଧା ବନ୍ତ ତଥା ଆଗରପଡ଼ା ଓ ତା ଆଖପାଖ ଅଂଚଳରେ ଅତି ସହଜରେ ଉକ୍ତ ଓ÷ଷଧ ମିଳିଯାଉଥିବା ଜଣାପଡ଼ିଛି। ଦୋକାନୀ ମୁହଁ ଚିହ୍ନା ଗ୍ରାହକଙ୍କୁ ବିନା ଦ୍ୱିଧାରେ ଉକ୍ତ ଔଷଧ ପ୍ରଦାନ କରୁଛନ୍ତି। ଡାକ୍ତରୀ ଚିଠା ନ ଦେଖି ଔଷଧ ବିକ୍ରି ଚାଲିଛି। ଏହି ଏମପିଟି ଔଷଧ ବିକ୍ରିରେ ଏକ ବଡ଼ ଅଂଶ ଲାଭ ରହିଛି। ବହୁ ଛୋଟ ଛୋଟ କମ୍ପାନୀ ଏବେ ବନ୍ତ ଓ ତା ଆଖପାଖ ଅଂଚଳରେ ବଜାରରେ ପ୍ରବେଶ କରି ମୋଟା ଅଙ୍କର ଲାଭାଂଶ ଦୋକାନୀଙ୍କୁ ଦେଉଛନ୍ତି। ତେଣୁ ଲୋଭରେ ପଡ଼ି ଔଷଧ ଦୋକାନୀ ଏହି ଔଷଧ ବିକ୍ରି କରୁଛନ୍ତି। ତେଣୁ ଔଷଧ ନିୟନ୍ତ୍ରକ ବିଭାଗୀୟ ଅଧିକାରୀ ତଥା ପ୍ରଶାସନ ପକ୍ଷରୁ ଉକ୍ତ ଅଂଚଳରେ ଚଢ଼ଉ କାର୍ଯ୍ୟକ୍ରମକୁ ଜୋରଦାର କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଶ୍ରାବଣରେ ଜଳୁଛି ଇଟାଭାଟି



ବାରିକପୁର, ୨।୮ (ସମିସ): ଏବେ ଶ୍ରାବଣରେ ମଧ୍ୟ ଇଟାଭାଟି ପୋଡ଼ି ତାପାମାତ୍ରା ବୃଦ୍ଧିର କାରଣ ପାଲଟିଛି। ବିଶେଷ କରି ଭଣ୍ଡାରିପୋଖରୀ ବ୍ଲକ ଅଂଚଳରେ ଗଢି ଉଠିଥିବା ବେଆଇନ ଇଟାଭାଟିରୁ ନିର୍ଗତ ଧୁଆଁ ଯୋଗୁଁ ଏବେ ଅଦିନିଆ ତାପମାତ୍ରା ଅଧିକ ବୃଦ୍ଧି ପାଉଥିବା କୁହାଯାଉଛି। ସୂଚନା ମୁତାବକ ନଭେମ୍ବର ଡିସେମ୍ବର ମାସଠାରୁ ଜୁନ ରଜ ପର୍ବ ଯାଏଁ ବୈତରଣୀ ନଦୀ କୂଳେ କୂଳେ ଶହଶହ ଇଟାଭାଟି ଦେଖିବାକୁ ମିଳିଥାଏ। ବ୍ଲକର ମଣୀନାଥପୁରଠାରୁ ଆରମ୍ଭ କରି ରଘୁନାଥପୁର, କୁମ୍ଭାରିଆ, ବାଲିପୋଖରୀ, ଜଗନ୍ନାଥ ପ୍ରସାଦ, ଯଶୋଟିକିରି, ନେରଡା, ବନସ୍ତା, ଝୁଟଣା, ବଳୀପୁର, ଦାଦେଶ୍ୱର, ବନ୍ଧାଳମଡିଆଳୀ, ଖପୁରିଆପଦା ପ୍ରମୁଖ ସ୍ଥାନରେ ଶହ ଶହ ଇଟାଭାଟିରେ ସଦାସର୍ବଦା ନିଆଁ ଜଳୁଥାଏ। ଚତୁରତାର ସହିତ କିଛି ବେପାରୀ ଏବେ ଶ୍ରାବଣ ମାସରେ ମଧ୍ୟ କେତେକ ସ୍ଥାନରେ ବେଆଇନ ଭାବେ ଇଟା ପୋଡୁଛନ୍ତି। ଇଟା ଗଢିବା ପାଇଁ ବୈତରଣୀ ପଠାରୁ ଅନବରତ ମାଟି ଓ ବାଲି ଖନନ ହେଉଛି। ଯେଉଁଥିପାଇଁ ନଦୀରେ ବନ୍ୟା ଆସିଲେ ଅନେକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଅନବରତ ମାଟି ଉତୋଳନ ଯୋଗୁଁ ନଦୀ ମଧ୍ୟ ଧିରେ ଗତିପଥ ପରିବର୍ତ୍ତନ କରିବ ବୋଲି ଅଞ୍ଚଳର କିଛି ବୃଦ୍ଧିଜୀବୀ ମତ ଦେଇଛନ୍ତି। ବ୍ୟବସାୟ ବହୁଳ ସ୍ଥାନରେ ବର୍ଷା ଦିନିଆ ଇଟାଭାଟି ସୃଷ୍ଟି ହେଉଥିବା ଜଣାପଡ଼ିଛି। ଆଖୁଆପଦାଠାରୁ ବଳୀପୁର ଯାଏଁ ନଦୀ ପଠାରେ କେତେକ ଲାଭଖୋର ବ୍ୟକ୍ତି ବର୍ଷା ଦିନେ ମଧ୍ୟ ଏଭଳି ବେଆଇନ ଇଟାଭାଟି ସୃଷ୍ଟି କରୁଥିବା କୁହାଯାଉଛି।

## ଶହୀଦ ସ୍ମୃତି ଉଚ୍ଚ ମାଧ୍ୟମିକ ସ୍କୁଲରେ ଏନ୍ଏସ୍ଏସ୍ କର୍ମଶାଳା

ବାସୁଦେବପୁର, ୨।୮ (ସମିସ): ବାସୁଦେବପୁର ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତର ଶହୀଦ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଭୋଳାନାଥ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ରମେଶଚନ୍ଦ୍ର ବେହେରା, ହୃଷୀକେଶ ଅଗସ୍ତି, ଯଶୋବନ୍ତ ନାରାୟଣ ଦାସ, ପୁଷ୍ପଲତା ପତି, ପ୍ରଭାସିନୀ ରାଉଳ, ଶଙ୍କର ମାଝୀ ଓ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରାଜକିଶୋର ବାରିକ ଯୋଗ ଦେଇଥିଲେ। ମୋବାଇଲ ଅପବ୍ୟବହାର କରି ବିପଥଗାମୀ ଯୁବ ଗୋଷ୍ଠୀ ନିଜର ମୂଲ୍ୟବାନ ସମୟ ଓ ଶକ୍ତି ଅପଚୟ କରି ବସୁଛି। ଭଲ ମଣିଷଟିଏ ହେବା ଓ ଉତମ ଚରିତ୍ର ଗଠନ କରିବା ପାଇଁ ଜାତୀୟ ସେବା ଯୋଜନା ଏକ ମାଧ୍ୟମ ବୋଲି ପ୍ରୋଗ୍ରାମ ଅଫିସର ଶ୍ରୀ ବାରିକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ।

## ସାତଭଉରୀରେ 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ

ଭଦ୍ରକ, ୨।୮ (ସମିସ): ପୂର୍ବାହ୍ନ ୧୦ଟାରେ ଭଦ୍ରକ ତହସିଲ ଅଧିନ ସାତଭଉଣୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ତହସିଲଦାର ସୁକାନ୍ତ କୁମାର ଦାଶ ପ୍ରଶିକ୍ଷଣ ରିଜର୍ଭ ଅଫିସର ମିତାରାଣୀ ବାରିକ, ରାଜସ୍ୱ ପରିଦର୍ଶକ ଜ୍ୟୋତିରଂଜନ ପଣ୍ଡା ଓ ବିକାଶ ଦାସ, ହରିପୁର ସରପଞ୍ଚ ପ୍ରଶାନ୍ତ ବିଶ୍ୱାଳ ଓ ସାତଭଉଣୀ ରାଜସ୍ୱ ନିରୀକ୍ଷକ ସୁଦର୍ଶନ ପତିଙ୍କ ସମେତ ହରିପୁର, କୋରକୋରା ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ସାଧାରଣ ଗ୍ରାମବାସୀ, କୃଷକ ସାଥୀ ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ। ସଂଶୋଧିତ ନୂତନ ପଟ୍ଟା ଉତ୍ତରାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ମୃତ୍ୟୁ ପଟ୍ଟା ଆସାମୀଙ୍କ ନାମରେ ଥିବା ପଟ୍ଟା ସଂଶୋଧନ କରିବା ନିମନ୍ତେ ମଧ୍ୟ ନୂତନ ଦରଖାସ୍ତ ଗ୍ରାମବାସୀଙ୍କ ନିକଟରୁ ଗ୍ରହଣ କରାଯାଇଥିଲା। ତତ୍ ସଙ୍ଗେସଙ୍ଗେ ଶ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କ ବିଭିନ୍ନ ପ୍ରକାରର ରାଜସ୍ୱ ସମସ୍ୟାର ଅଭିଯୋଗଗୁଡିକର ତ୍ୱରିତ ସମାଧାନ କରାଯାଇଥିଲା ଏବଂ କିଛି ସମସ୍ୟାର ଯଥାଶୀଘ୍ର ଆଶୁ ସମାଧାନ କରାଯିବା ନିମନ୍ତେ ଆଶ୍ୱାସନା ଦିଆଯାଇଥିଲା। ଭଦ୍ରକ ତହସିଲ ଅଧୀନସ୍ଥ ସମସ୍ତ ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ "ମୋ ପଞ୍ଚାୟତରେ ମୋ ତହସିଲ" କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ରେ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ, ଅତିରିକ୍ତ ତହସିଲଦାର ଓ ତହସିଲଦାରମାନେ ରହିବେ ବୋଲି ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଓଲଙ୍ଗ, କୋଡବରୁଆଁ, ହରିପୁର, କୋର୍କୋରା, ଗେଲପୁର ଓ ଆମ୍ବରୋଳି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇଗଲାଣି। ଅନୁରୂପ କାର୍ଯ୍ୟକ୍ରମ ଆମ୍ବରୋଳି ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଆଜି ଅନୁଷ୍ଠିତ ହୋଇଯାଇଛି।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, ୨।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ନରେନ୍ଦ୍ର କୁମାର ପରିଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଦର୍ଶ ଶିକ୍ଷୟିତ୍ରୀ ପ୍ରଭାତ ମଞ୍ଜରୀ ଜେନାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସର କାଳୀନ ବିଦାୟ ଦିଆଯାଇଛି। ପ୍ରଧାନଶିକ୍ଷକ ସମୀର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ମୀନକେତନ ବେଉରିଆ, ପୂର୍ବତନ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ପଣ୍ଡା, ଚିନ୍ତାମଣି ନାୟକ, ରାମଚନ୍ଦ୍ର ମହାନ୍ତି, ଦୁଃଖିଶ୍ୟାମ ଦାଶ, ସମାଜସେବୀ ବିଶ୍ୱମ୍ଭର ରାଉତ, ଅଧ୍ୟାପକ ଅନାଦି ଚରଣ ସାହୁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟ, ବିଦ୍ୟାଳୟର ଛାତ୍ରଛାତ୍ରୀ, ପାଚିକା ଗୋଷ୍ଠୀ, ପରିଚାଳନା ପରିଷଦ, ଷୋଳମପୁର ଶିଶୁମନ୍ଦିର, ସ୍ୱୟଂ ସହାୟିକା ଗୋଷ୍ଠୀ, ଗ୍ରାମବାସୀମାନଙ୍କ ପକ୍ଷରୁ ବିଦାୟୀ ଶିକ୍ଷୟତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଅତିଥି ପରିଚୟ ଓ ଶରତ ଆଟୋଇ ଧନ୍ୟବାଦ ଦେଇଥିଲେ।



## ନିଖୋଜ ନାବାଳିକାର ପତ୍ତା ପାଉନି ପୁଲିସ



ଭଦ୍ରକ, ୨।୮ (ସମିସ): ବଜାରକୁ ଚପଲ କିଣିବାକୁ ଯାଇ ନାବାଳିକା ନିଖୋଜ ହେବା ଘଟଣାକୁ ୧ମାସରୁ ଅଧିକ ଦିନ ବିତିଗଲାଣି; ତେବେ ନିଖୋଜ ନାବାଳିକାର ପତ୍ତା ପାଉନି ପୁଲିସ। ପୀରହାଟ ଥାନା ଖଡିଜାଣ ଗାଁର ବିଦ୍ୟାଧର ଦାସଙ୍କ ନାବାଳିକା (କନ୍ୟା) ନିକଟସ୍ଥ ଗଦି ବଜାରକୁ ଗତ ଜୁନ ୨୫ ତାରିଖ ଚପଲ କିଣିବାକୁ ଯାଇ କେଉଁଆଡେ ନିଖୋଜ ହୋଇ ଯାଇଥିଲା। ଘର ଲୋକେ ବହୁ ଖୋଜାଖୋଜି ପରେ ଜାଣିବାକୁ ପାଇଥିଲେ ଯେ ତିହିଡି ଥାନା କାଁପଡା ଗାଁର ବାଦଲ ମଲିକ ଓ ମଳୟ ମଲିକ ତାଙ୍କ ଝିଅକୁ ଅପହରଣ କରି ନେଇଛନ୍ତି। ଏଥିନେଇ ବିଦ୍ୟାଧର ପୀରହାଟ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ୧ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ପୁଲିସର ହାତ ଶୂନ୍ୟ। ନିଜ ଝିଅକୁ ଫେରି ପାଇବା ପାଇଁ ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଭଦ୍ରକ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନଥିବା ପ୍ରକାଶ କରିଛନ୍ତି ପରିବାର ଲୋକେ। ଅପହରଣକାରୀ ଖୁଲମଖୋଲା ବୁଲୁଥିବା ମଧ୍ୟ ତାଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ପରିବାର ଲୋକେ। ଅନ୍ୟପଟେ ପୀରହାଟ ଥାନାଧିକାରିଣୀ କହିଛନ୍ତି, ତଦନ୍ତ ଚାଲିଛି, ଆମେ ନାବାଳିକାକୁ ଉଦ୍ଧାର କରିବାକୁ ଚେଷ୍ଟା ଜାରି ରଖିଛୁ।

## ଉପସ୍ଥାନ ରିପୋର୍ଟରେ ହେରାଫେରି
# ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

ବନ୍ତ/ଆଗରପଡ଼ା, ୨।୮ (ସମିସ):



ଫାଇଲ ଫଟୋ

ବନ୍ତ ବ୍ଲକରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ଚାଲିଛି ବଡ ଅନିୟମିତତା। ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ କାର୍ଯ୍ୟକ୍ରମରେ ସ୍କୁଲରେ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବେଳେ ପ୍ରତିଦିନ ଏହି ବ୍ୟବସ୍ଥାରେ ଅନିୟମିତତା କରାଯାଉଥିବା ଅଭିଯୋଗ ହେଉଛି। ଉପସ୍ଥାନରେ ତାଳମେଳ ନରଖି, ଚାଉଳ, ଡାଲି ଓ ଅନ୍ୟ ସାମଗ୍ରୀରେ ହେରାଫେରୀ କରି କେତେକ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଟଙ୍କା ହଡପ ହେଉଥିବା ବେଳେ ଆଉ କିଛି ସ୍କୁଲରେ ଭଲ ଖାଦ୍ୟ ପ୍ରଦାନ ଓ ଏହି ବ୍ୟବସ୍ଥାର ସୁପରିଚାଳନା ପାଇଁ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ଜାଲିଆତି କରାଯାଉଥିବା ଅଭିଯୋଗ ହେଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥାଏ। ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନାରେ ଏହା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ପ୍ରତିଦିନ ହେରାଫେରୀ ହେଉଥିବା ଅଭିଯୋଗ ହେଉଛି। ନିୟମାନୁସାରେ ପ୍ରତିଦିନ ସ୍କୁଲ ଉପସ୍ଥାନକୁ ନେଇ ପ୍ରଧାନଶିକ୍ଷକ ରିପୋର୍ଟ ପ୍ରସ୍ତୁତ କରିଥାନ୍ତି ଓ ଏହି ରିପୋର୍ଟ ଅନୁସାରେ ସେହି ଦିନ ସେତିକି ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଇଥାଏ।

ଅଭିଯୋଗ ଅନୁସାରେ ବ୍ଲକର ବିଭିନ୍ନ ସ୍କୁଲ ପ୍ରଧାନଶିକ୍ଷକ ଚଞ୍ଚକତା ମନୋବୃତ୍ତି ନେଇ ଅଧିକ ସଂଖ୍ୟାରେ ଉପସ୍ଥାନ ରିପୋର୍ଟ ପ୍ରଦାନ କରୁଥିବା ଅଭିଯୋଗ ହେଉଛି। ଫଳରେ ଉପସ୍ଥାନ ଅଧିକ ଦେଖାଇ ସେହି ଅନୁପାତରେ ଖର୍ଚ୍ଚ ଦେଖାଇ ବାକିତକ ଟଙ୍କା ବାଟମାରଣା କରୁଥିବା ଅଭିଯୋଗ ହେଉଛି। କିଛି ସ୍କୁଲରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବାରୁ ଅନେକ ଛାତ୍ରଛାତ୍ରୀ ସ୍କୁଲରେ ନଖାଇ ଘରେ ଖାଉଥିବା ଅଭିଯୋଗ ହେଉଛି। ତଥାପି ସେମାନଙ୍କ ନାମରେ ଖାଇବା ଦିଆଯାଇଥିବା ଦର୍ଶାଇ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି। ସେହିପରି ଆଉ କେତେକ ସ୍କୁଲରେ ମଧ୍ୟାହ୍ନ ଭୋଜନ ମାନରେ ଉନ୍ନତି ଆଣିବାକୁ ଉଦ୍ୟମ କରାଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ସେହିସବୁ ସ୍କୁଲରେ ଉପସ୍ଥାନ ରିପୋର୍ଟରେ ଅଧିକ ଉପସ୍ଥାନ ଦେଖାଯାଉଛି ସତ କିନ୍ତୁ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ଭୋଜନକୁ ହଡପ ନକରି ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ଭଲ ଖାଇବା ଦିଆଯାଉଥିବା ଦେଖିବାକୁ ମିଳୁଛି। ସରକାରୀ ଖାଦ୍ୟ ସାରଣୀ ଅନୁସାରେ ଭାତ ସହ ଗୋଟିଏ ଦିନ ଡାଲମା, ଦୁଇ ଦିନ ସୋୟାବିନ ଓ ଅନ୍ୟ ତିନି ଦିନ ଅଣ୍ଡା ଦିଆଯାଇଥାଏ। ଏହା ସହିତ ତିନି ଦିନ ପୋଷଣଯୁକ୍ତ ଲଡୁ ପରସା ଯାଇଥାଏ। ଚଳିତ ବର୍ଷରୁ ଏଥିପାଇଁ ପ୍ରାଇମେରୀ ଛାତ୍ରଛାତ୍ରୀଙ୍କ ପାଇଁ ଉପସ୍ଥାନ ପ୍ରତି ୧୧.୧୫ ଟଙ୍କା ଓ ଅପରପ୍ରାଇମେରୀ ଛାତ୍ରଛାତ୍ରୀଙ୍କ ପାଇଁ ଉପସ୍ଥାନ ପ୍ରତି ୧୪.୭୪ ଟଙ୍କା ବିଭାଗ ପକ୍ଷରୁ ଚଳିତ ବର୍ଷରୁ ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ଏଥିରେ ବି କିଛି ଶିକ୍ଷକ ଲାଭ ଚିନ୍ତା କରି ହେରାଫେରି କରୁଥିବା ବେଳେ ଆଉ କିଛି ଶିକ୍ଷକ ମହତ ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରିଛନ୍ତି। ସେହିପରି ଆଉ କିଛି ଶିକ୍ଷକଙ୍କ କହିବା ଅନୁସାରେ ଚାଉଳ ଯୋଗାଣ ହେବା ସମୟରେ ଧାର୍ଯ୍ୟ ଓଜନ ବଦଳରେ କମ ପରିମାଣର ଚାଉଳ ଠିକାଦାର ଦେଇଥାନ୍ତି। ଏହା ସହିତ ଆଜିର ମହଙ୍ଗା ଯୁଗରେ କମ ସରକାରୀ ଟଙ୍କାରେ ଛାତ୍ରଛାତ୍ରୀଙ୍କୁ ଭଲ ଖାଇବା ଦେବା ପାଇଁ ବାଧ ହୋଇ ଉପସ୍ଥାନ ଅଧିକ ଦେଖାଇବାକୁ ପଡୁଥିବା କିଛି ଶିକ୍ଷକ ସ୍ୱୀକାର କରିଛନ୍ତି। ଏହିଭଳି ସ୍ଥିତିରେ ବ୍ଲକରେ କିଭଳି ଭାବେ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ତାହା ସହଜରେ ଅନୁମାନ କରାଯାଇପାରେ।

## ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଆଭସୀ ବୈଠକ

ଭଦ୍ରକ, ୨।୮ (ସମିସ): ସହିଦ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ପିଏମ୍ କିଶାନ ଆଭସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷତା କରିଥିଲେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ। ଜିଲ୍ଲାପାଳ ଦିଲୀପ ରାଉତରାଏ ଉପସ୍ଥିତ ଥିଲେ। ସଭାଟିକୁ ଆୟୋଜନ କରିଥିଲେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦ୍ୱିଜବର ସେଠୀ। ଜିଲ୍ଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର, କୃଷି ବୈଜ୍ଞାନିକ ସଞ୍ଜୟ କୁମାର ମହାନ୍ତି ଅଂଶଗ୍ରହଣ କରିଥିଲେ। ଆଭାସି ମାଧ୍ୟମରେ କାଶୀ, ବନାରସଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବାହ୍ନ ୧୧ଟାରେ ଶୁଭ ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ଦେଶ ସାରା ସମସ୍ତ କୃଷକଙ୍କ ଆକାଉଣ୍ଟକୁ ୨ହଜାର ଟଙ୍କା ଲେଖାଏଁ ପଠାଇଥିଲେ। ବର୍ଷକୁ ଏହିପରି ପିଏମ୍ କିଶାନ୍ ମାଧ୍ୟମରେ ୩ ଥର ଓ ସିଏମ୍ କିଶାନ୍ ମାଧ୍ୟମରେ ଦୁଇ ଥର ଟଙ୍କା କୃଷକଙ୍କ ଆକାଉଣ୍ଟକୁ ଆସିବ। କାର୍ଯ୍ୟକ୍ରମରେ କୃଷି ବିଭାଗର ସମସ୍ତ କର୍ମଚାରୀ ଓ ଜିଲ୍ଲାର ଶତାଧିକ କୃଷକ ଯୋଗ ଦେଇଥିଲେ।

## ମାଲିରେ ହିଞ୍ଜିଳି ଯୁବକଙ୍କୁ ଅପହରଣ ଘଟଣା

# ଅପହୃତ ଭେଙ୍କଟରମଣ ନିରାପଦ; ଶୀଘ୍ର ମୁକ୍ତି ପାଇଁ ପ୍ରୟାସ



ବ୍ରହ୍ମପୁର, ୨।୮(ସମିସ): ଜୁନ୍ ୩୦ ତାରିଖରେ ପଶ୍ଚିମ-ଆଫ୍ରିକା ମହାଦେଶର ମାଲି’ରେ ଆତଙ୍କବାଦୀ ୩ ଭାରତୀୟଙ୍କୁ ଅପହରଣ କରିଥିଲେ। ଏଥିରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପି. ନାର୍ସାମାଙ୍କ ପୁଅ ପି. ଭେଙ୍କଟରମଣ (୨୮) ରହିଥିଲେ। ୧ ତାରିଖରେ ଏମାନେ ଅପହରଣ ହୋଇଥିବା ବେଳେ ପରିବାରବର୍ଗ ୩ ତାରିଖରେ ଜାଣିଥିଲେ। ପରେ ଘଟଣା ନେଇ ଅପହୃତଙ୍କ ମା’ ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଏବେ ମାଲି ସରକାରଙ୍କ ପକ୍ଷରୁ ଏକ ଆଶ୍ୱସ୍ତିକର ଖବର ଆସିଛି। ଭେଙ୍କଟରମଣ ନିରାପଦ ଅଛନ୍ତି ଏବଂ ତାଙ୍କୁ ଉଦ୍ଧାର ପାଇଁ ପ୍ରୟାସ କରାଯାଉଛି ବୋଲି ମାଲି ସରକାରଙ୍କ ବୈଦେଶିକ ବିଭାଗ ପକ୍ଷରୁ ଭାରତ ସରକାରଙ୍କୁ ଏକ ମେଲ୍ ଯୋଗେ ଜଣାଇ ଦିଆଯାଇଛି। ଏ ସଂପର୍କରେ ଭେଙ୍କେଟରମଣଙ୍କ ଭାଇଁ ବବୁଲୁ ସୂଚନା ଦେଇଛନ୍ତି। ମେଲରେ କୁହାଯାଇଛି ଯେ, ଭାରତୀୟ ନାଗରିକଙ୍କୁ ଖୋଜିବା ଏବଂ ସେମାନଙ୍କୁ ମୁକ୍ତ କରିବା ପାଇଁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଜାରି କରାଯାଇଛି। ସମସ୍ତ ୩ଜଣ ଭାରତୀୟ ନାଗରିକ ଜୀବିତ ଅଛନ୍ତି। ସେମାନଙ୍କର ନିରାପଦ ଏବଂ ଶୀଘ୍ର ମୁକ୍ତି ପାଇଁ ପ୍ରୟାସ ଜାରି ରହିଛି। ଅପହୃତ ଭେଙ୍କଟରମଣ ଗତ ନଭେମ୍ବରରେ ଏକ ଘରୋଇ କମ୍ପାନୀ ପକ୍ଷରୁ ପଶ୍ଚିମ-ଆଫ୍ରିକା ମହାଦେଶର ମାଲି ଦେଶର ଏକ ଘରୋଇ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩୦ରେ ଭେଙ୍କଟରମଣଙ୍କୁ ସେଠାକାର ପୁଲିସ ଗିରଫ କରିଥିବା ନେଇ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଜଣାଯାଇଥିଲା। ପରିବାର ସଦସ୍ୟ ସଂପୃକ୍ତ ଫୋନ୍ କଲ୍ ପାଇବା ପରେ ଘଟଣାକୁ ସହଜରେ ଗ୍ରହଣ କରିପାରିନଥିଲେ। ପରବର୍ତ୍ତୀ ସମୟରେ ଆତଙ୍କବାଦୀମାନେ ସଂପୃକ୍ତ ସିମେଣ୍ଟ କାରଖାନାରେ ଆକ୍ରମଣ କରି ୩ ଭାରତୀୟଙ୍କୁ ଅପହରଣ କରି ନେଇଥିବା ନେଇ ସାମାଜିକ ଗଣମାଧ୍ୟମରୁ ଦେଖିବାକୁ ପାଇଥିଲେ ପରିବାର।

**ଇ-ମେଲ୍‌ରେ ସୂଚନା ଦେଲେ ମାଲି ସରକାର**

## ଅଣ୍ଡା ଖାଉ ନଥିବା ଛାତ୍ରଛାତ୍ରୀଙ୍କୁ ମିଳିବ ଫଳ

ଭୁବନେଶ୍ୱର, ୨।୮ (ସମିସ): ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନଥିବା ପିଲାଙ୍କୁ ମିଳିବ ଫଳ। ଯେଉଁଦିନ ଅଣ୍ଡା ଦିଆଯାଉଛି, ସେଦିନ ସେମାନଙ୍କୁ ଭଳିକି ଭଳି ଫଳ ଯୋଗାଇ ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଫଳ ପ୍ରଦାନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ପିଏମ୍ ପୋଷଣ ରାଜ୍ୟ ନୋଡାଲ୍ ଅଫିସର୍। କୁ-ପୋଷଣରୁ ଛାତ୍ରଛାତ୍ରୀଙ୍କୁ ଦୂରେଇବା ସହ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ପରିକଳ୍ପନା କରାଯାଇଛି। ସମସ୍ତ ଦିନ ପାଇଁ ଭିନ୍ନଭିନ୍ନ ଖାଦ୍ୟ ସାରଣୀ ରହିଛି। ତନ୍ମଧ୍ୟରେ ସପ୍ତାହକୁ ୩ଦିନ ଅର୍ଥାତ୍ ସୋମବାର, ବୁଧବାର ଓ ଶୁକ୍ରବାର ଅଣ୍ଡା ଦେବାର ପ୍ରାବଧାନ ରହିଛି। ଆମିଷ ଖାଉନଥିବା ପିଲାଙ୍କୁ କଦଳୀ, ଆମ୍ବ, ସେଓ ଏବଂ ଉପଲବ୍ଧ ହେଉଥିବା ଅନ୍ୟାନ୍ୟ ଫଳ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ପିଟିପିଟି ହତ୍ୟା!



ବ୍ୟାସନଗର,୨।୮ (ସମିସ): ବ୍ୟାସନଗର ସହରର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ନିକଟସ୍ଥ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଅଞ୍ଚଳର ସୁଦାମ ମଳିକଙ୍କ ପୁଅ ଜୀବନ କୁମାର ମଳିକ (୨୫)। ତେବେ ଏନେଇ ଉକ୍ତ ନିଶା ନିବାରଣ କେନ୍ଦ୍ର ନାମରେ ମୃତ ଜୀବନଙ୍କ ବାପା ତାଙ୍କ ପୁଅକୁ ହତ୍ୟା କରିଥିବା ନେଇ ଯାଜପୁର ରୋଡ୍ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ସାଙ୍ଗମାନଙ୍କ କଥାରେ ପଡ଼ି ନିଶାଗ୍ରସ୍ତ ରହୁଥିବା ପୁଅକୁ ଭଲବାଟକୁ ଆଣିବାକୁ ପରିବାରଲୋକେ ଗତ ସପ୍ତାହରେ ଯାଜପୁର ରୋଡ୍‌ଠାରେ ରହିଥିବା ଏହି ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ପୁଅ ଖୁବ୍‌ଶୀଘ୍ର ଭଲ ହୋଇଯିବ ବୋଲି ନିଶା ନିବାରଣ କେନ୍ଦ୍ରର ମାଲିକ କୋରେଇ ବ୍ଲକ ଶଙ୍ଖଚିଲା ଅଞ୍ଚଳର ମୂଳ ବାସିନ୍ଦା ତଥା ସ୍ଥାନୀୟ ସାହୁ ମାର୍କେଟ ଉପେନ୍ଦ୍ର ସାହୁଙ୍କ ପୁତ୍ର ବିକାଶ ସାହୁ ତାଙ୍କୁ ପ୍ରତିଶ୍ରୁତି ଦେବା ସହିତ ଏନେଇ ମାସକୁ ୯ ହଜାର ଟଙ୍କା ହିସାବରେ ୪ ମାସ ନିମନ୍ତେ ୩୬ ହଜାର ଟଙ୍କା ଅଗ୍ରୀମ ନେଇଥିଲେ। ତେବେ ଶୁକ୍ରବାର ରାତିରେ ଜୀବନ ଖାଇ ପିଇ ଶୋଇଥିବା ବେଳେ ଶନିବାର ସକାଳୁ ଆଉ ଉଠିନଥିଲେ। ତେବେ ତୁରନ୍ତ ମାଲିକ ବିକାଶ ଜୀବନକୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସକାଳ ୧୦ଟାରେ ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର ତାଙ୍କୁ ଗ୍ରହଣ କରିବା ସମୟରେ ମୃତ ବୋଲି ଘୋଷଣା କରିବା ସହ ଏନେଇ ଯାଜପୁର ରୋଡ ଥାନାକୁ ସୂଚନା ଦେଇଥିଲେ। ତେବେ ସେଠାରେ ମୃତ ଜୀବନଙ୍କ ଦେହରେ କ୍ଷତ ଚିହ୍ନଥିବା ଦେଖିବାକୁ ମିଳିଥିଲା। ପରେ ପୁଲିସ ଯାଜପୁର ରୋଡ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରଲୋକଙ୍କୁ ଘଟଣା ସମ୍ପର୍କରେ ଖବର ଦେଇଥିଲା।

ପୁଅର ଏଭଳି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନଥିବା ବେଳେ ମୃତ ଜୀବନଙ୍କ ଦେହରେ କ୍ଷତ ଚିହ୍ନ ଦେଖି ନିଶା ନିବାରଣ କେନ୍ଦ୍ର ମାଲିକଙ୍କ ନାମରେ ଯାଜପୁର ରୋଡ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଯାଜପୁର ରୋଡ ଆଦର୍ଶ ଥାନା ପୁଲିସ ଅଭିଯୋଗ ଆଧାରରେ ୪୫୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ସାଇଣ୍ଟିଫିକ ଟିମର ସହାୟତା ଲୋଡ଼ିଛନ୍ତି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ନିଶା ନିବାରଣ କେନ୍ଦ୍ର ଭଳି ଆଉ ୪ ଗୋଟି ନିଶା ନିବାରଣ କେନ୍ଦ୍ର ଯାଜପୁରରୋଡ୍‌ରେ ଚାଲୁଛି। ତେବେ ଏହି କେନ୍ଦ୍ର ଚଳାଇବା ପାଇଁ କିଏ ଅନୁମତି ଦେଉଛି ଏବଂ ଏନେଇ ସରକାରୀ ଭାବେ କିଛି ତଦନ୍ତ ହେଉଛି କି ନାହିଁ ତାକୁ ନେଇ ଏବେ ବଡ ପ୍ରଶ୍ନ ଛିଡା ହୋଇଛି। ସେହିପରି ସୂଚନା ଅନୁସାରେ ଏହି ନିଶା ନିବାରଣ କେନ୍ଦ୍ର ଚଳାଇବା ପାଇଁ କେନ୍ଦ୍ର ଗୁଡିକ ସରକାରୀ ଭାବେ ସହାୟତା ରାଶି ପ୍ରଦାନ କରାଯାଉଛି। ତେବେ କେଉଁ ଆଧାରରେ ଏହି କେନ୍ଦ୍ର ୩୬ ହଜାର ଟଙ୍କା ଗ୍ରହଣ କରିଛନ୍ତି ତାହା ତଦନ୍ତସାପେକ୍ଷ। ଅନ୍ୟପକ୍ଷରେ ଏହି ନିଶା ନିବାରଣ କେନ୍ଦ୍ରଗୁଡିକ ଜିଲ୍ଲା ପ୍ରଶାସନ ଅନୁମତି ଦେଇଥାନ୍ତି। ତେବେ

ମୃତ ଜୀବନ ରହୁଥିବା ନିଶା ନିବାରଣ କେନ୍ଦ୍ର ନାମରେ ପୂର୍ବରୁ ଅନ୍ତେବାସୀଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦିଆଯାଉଥିବା ନେଇ ଅନେକବାର ଅଭିଯୋଗ ହୋଇଛି। କିନ୍ତୁ ଏନେଇ ଯାଜପୁର ଜିଲ୍ଲା ପ୍ରଶାସନ କାହିଁକି ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ତାକୁ ନେଇ ବଡ ପ୍ରଶ୍ନ ଛିଡ଼ା ହୋଇଛି। ତେବେ ଏନେଇ ଅଧିକ ପ୍ରତିକ୍ରିୟା ନିମନ୍ତେ ସମ୍ପୃକ୍ତ ନିଶା ନିବାରର କେନ୍ଦ୍ର ମାଲିକଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା | ଆସନ୍ତା ଓଟିଇଟି ପରୀକ୍ଷା ସୁପରିଚାଳନାକୁ ନେଇ ପ୍ରଶ୍ନବାଚୀ

କଟକ,୨।୮ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ଆଜି କ୍ରାଇମବ୍ରାଞ୍ଚ ଟିମ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ଜେରା କରିଛି। ନୋଟିସ ପରେ ଶ୍ରୀ ମହାନ୍ତି କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଶ୍ରୀ ମହାନ୍ତିଙ୍କୁ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ୩ଘଣ୍ଟା ଧରି ମାରାଥନ ଜେରା କରିଛନ୍ତି। କିଭଳି ଓ କେଉଁ ସ୍ଥିତିରେ ଓଟିଇଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ ଉପ-ସଭାପତିଙ୍କ ଲାପଟପକୁ ଆସିଲା ଓ ଡାଟା ଏଣ୍ଟ୍ରି ଅପରେଟର୍‌ଜଣଙ୍କ କାହିଁକି ଏହି ଲାପଟପ ବ୍ୟବହାର କରି ପେନଡ୍ରାଇଭ ଜରିଆରେ ପ୍ରଶ୍ନପତ୍ର ନେଇଗଲେ, ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ତୁହାକୁ ତୁହା ଜେରା କରାଯାଇଥିଲା। ସେହିଭଳି ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଛାପା ସଂସ୍ଥା ଠାରୁ ହ୍ୱାଟସଆପ୍ କି ଇ-ମେଲରେ ପ୍ରଶ୍ନପତ୍ର କପି ଆସିଥିଲା, ତାହାକୁ ନେଇ କ୍ରାଇମବ୍ରାଞ୍ଚ ତନାଘନା କରିଛି। ଏପରିକି ପ୍ରଶ୍ନପତ୍ର ଛାପା ସଂସ୍ଥା ସହ ବୋର୍ଡର କେଉଁ କର୍ମକର୍ତ୍ତାଙ୍କ କି ସମ୍ପର୍କ ରହିଛି, ତାହା ମଧ୍ୟ ତଦନ୍ତ ପରିସରକୁ ଆସିଥିବା କହିଛନ୍ତି କ୍ରାଇମବ୍ରାଞ୍ଚର ଜନୈକ ଅଧିକାରୀ। ବୋର୍ଡ ଉପ ସଭାପତିଙ୍କ ସମେତ ଉତ୍ତରଦାୟୀ ଅନ୍ୟ କର୍ମକର୍ତ୍ତାମାନେ ସେମାନଙ୍କ ପଦ ନ ଛାଡିଲେ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ଶିକ୍ଷାବିତ ମହଲରେ ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଆସନ୍ତା ଅଗଷ୍ଟ ୩୧ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ସୁପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ବୋର୍ଡ ଉପ ସଭାପତିଙ୍କୁ କ୍ରାଇମବ୍ରାଞ୍ଚର ଜେରା, ଜେରକ୍ସ ଦୋକାନୀଙ୍କ ବୟାନ ରେକର୍ଡ**

ପ୍ରଶ୍ନପତ୍ର ଲିକ ଘଟଣାରେ ସନ୍ଦେହ ଘେରକୁ ଆସିଥିବା ବୋର୍ଡ କର୍ମକର୍ତ୍ତା, ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କର ଅଗଷ୍ଟ ୩୧ରେ ହେବାକୁ ଥିବା ଏହି ପରୀକ୍ଷା ପରିଚାଳନାରେ ଭୂମିକା ରହିବ ନା ସେମାନଙ୍କୁ ଏହି ଦାୟିତ୍ୱରୁ ଅପସାରଣ କରାଯିବ, ତାହା ବର୍ତ୍ତମାନ ସୁଦ୍ଧା ବୋର୍ଡ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅନ୍ୟପଟରେ ବୋର୍ଡ ଉପସଭାପତିଙ୍କ ଆଉ ଜଣେ ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବି ଆଜି ଜେରା କରାଯିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ କ୍ରାଇମବ୍ରାଞ୍ଚ ସଂଗ୍ରହ କରିଛି। ବୋର୍ଡ ଉପସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ କ୍ରାଇମବ୍ରାଞ୍ଚକୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଛି। ଯେହେତୁ ତଦନ୍ତ ଜାରି ରହିଛି, ଏ ସମ୍ପର୍କରେ ଅଧିକ କିଛି କହିବାକୁ ସେ ମନା କରିଛନ୍ତି। କୋରାପୁଟ ଜୟପୁରର ଶିବା ନାମକ ଜେରକ୍ସ ଦୋକାନରେ ପ୍ରଶ୍ନପତ୍ରର ଫଟୋକପି ବାହାର କରାଯାଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ଆଜି ଉକ୍ତ ଦୋକାନ ମାଲିକଙ୍କ ବୟାନକୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ରେକର୍ଡ କରାଯାଇଛି। କୋରାପୁଟ ସମେତ କେତେକ ଜିଲ୍ଲାରେ ଓଟିଇଟି ଆଶାୟୀ ପରୀକ୍ଷାର୍ଥୀ ମାନେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପାଇବା ପାଇଁ ୫ରୁ ୧୦ହଜାର ଟଙ୍କା ଯାଏଁ ଦେଇଥିବା ଅଭିଯୋଗ ଉଠିଲାଣି।

## ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରସଙ୍ଗରେ ଛାତ୍ର ଓ ଯୁବ ବିଜେଡିର ହାଲ୍ଲାବୋଲ

ଭୁବନେଶ୍ୱର, ୨।୮(ସମିସ): ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଦ୍ୱିତୀୟ ଦିନରେ ପହଞ୍ଚିଛି ଆନ୍ଦୋଳନ। ଅଗଷ୍ଟ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ଦ୍ୱିତୀୟ ଦିନରେ ଆଜି ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ଭୁବନେଶ୍ୱର ଡିସିପି ଅଫିସ୍ ପର୍ଯ୍ୟନ୍ତ ଯାଇଥିଲେ। ପରେ ସେଠାରେ ପ୍ରତିବାଦ କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି କଟକ ଶୈଳବାଳା ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଲାଲବାଗ ଥାନାରେ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ବିଡ଼ାନାସୀ ଥାନାରେ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

## ବିଶ୍ୱ ବାଣିଜ୍ୟ

# ଟ୍ରମ୍ପଙ୍କ ଟିପ୍ପଣୀ | ରୁଷଠୁ ତେଲ କିଣିବା ବନ୍ଦ କରିଛି ଭାରତ

ୱାଶିଂଟନ, ୨।୮ (ଏଜେନ୍ସି): ଭାରତ ଅଧିକ ଦିନ ପର୍ଯ୍ୟନ୍ତ ରୁଷ୍ଠାରୁ ତୈଳ କିଣିବ ନାହିଁ। ଏ ନେଇ ଖବର ପ୍ରକାଶ ପାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ତେବେ ଏହା କେତେ ସତ ତାହାର ସୂଚନା ନାହିଁ। ଯଦି ଏହା ସତ ହୋଇଥାଏ ତେବେ ଭଲ କଥା। ଆଗକୁ କ’ଣ ହେବ ଦେଖାଯିବ ବୋଲି ଟ୍ରମ୍ପ କହିଛନ୍ତି। ତେବେ ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏଭଳି ରିପୋର୍ଟକୁ ଖଣ୍ଡନ କରି ଦିଆଯାଇଛି। ଭାରତ ଜାତୀୟ ସ୍ୱାର୍ଥ ଏବଂ ବଜାର କ୍ଷମତାକୁ ଦେଖି ଶକ୍ତି ତୈଳ କିଣା ଯାଉଛି ବୋଲି କୁହାଯାଇଛି। ଏହା ପୂର୍ବରୁ ରଏଟର୍ସରେ ଏକ ରିପୋର୍ଟ ପ୍ରକାଶ ପାଇଥିଲେ। ଏଥିରେ ଆମେରିକା ଚାପ ଏବଂ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତ ରୁଷ୍ଠାରୁ ତୈଳ କିଣିବା ପ୍ରାୟ ବନ୍ଦ କରିଦେଇଛି ବୋଲି କୁହାଯାଇଥିଲା। ପରେ ଶୁକ୍ରବାର ସନ୍ଧ୍ୟାରେ ଭାରତର ବିଦେଶ ମନ୍ତ୍ରାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ତେବେ ଏହି ଦାବି କେତେ ସତ ତାହା ସ୍ପଷ୍ଟ କରାଯାଇ ନ ଥିଲା। ଅନ୍ୟପଟେ ରଏଟର୍ସର ଦାବିକୁ ଏଏନଆଇ ପକ୍ଷରୁ ଖଣ୍ଡନ କରାଯାଇଛି। ଭାରତୀୟ କମ୍ପାନୀ ଏବେ ବି ରୁଷ୍ଠାରୁ ତୈଳ କିଣିବା ଜାରି ରଖିଛନ୍ତି ବୋଲି କୁହାଯାଇଛି।



ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଥିଲେ ଯେ ତୈଳ ଏବଂ ଗ୍ୟାସ ଭଳି ଶକ୍ତି ଆବଶ୍ୟକତାକୁ ନେଇ ଭାରତର ସ୍ପଷ୍ଟ ଆଭିମୁଖ୍ୟ ରଖିଛି। ବିଶ୍ୱର ସ୍ଥିତି, ତୈଳ ମୂଲ୍ୟ, ତୈଳ ଭଣ୍ଡାର କ୍ଷମତା ଏବଂ ବଜାରକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ ନିଷ୍ପତ୍ତି ନିଆଯାଉଛି। ଗତ ୩୦ ତାରିଖରେ ରଏଟର୍ସ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଥିଲା ଯେ ଇଣ୍ଡିଆନ ଅଏଲ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଏବଂ ଭାରତ ପେଟ୍ରୋଲିୟମ ଭଳି ସରକାରୀ କମ୍ପାନୀ ରୁଷ୍ଠାରୁ ତୈଳ କିଣିବା ବନ୍ଦ କରିଦେଇଛନ୍ତି। କାରଣ ରିଆତି କମ୍ ହେଉଛି ଏବଂ ତୈଳ ଆଣିବାରେ ସମସ୍ୟା ସୃଷ୍ଟି ହେଉଛି। ଗତ ସପ୍ତାହେ ହେଲା ରୁଷ୍ରୁ ଅଶୋଧିତ ତୈଳ ମଗା ଯାଇନାହିଁ। ଭାରତୀୟ ରିଫାଇନାରୀ ଗୁଡିକ ବହୁତ କମ୍ ତୈଳ କିଣୁଛନ୍ତି। କାରଣ ରୁଷ୍ ଦେଉଥିବା ରିଆତି ୨୦୨୨ ପରଠାରୁ ସବୁଠୁ କମ୍ ହୋଇଯାଇଛି।

**ରିପୋର୍ଟକୁ ଖଣ୍ଡନ କଲା ଭାରତ**

ଏବେ ରିଫାଇନାରୀଗୁଡିକ ଭୟ କରୁଛନ୍ତି। ରୁଷ୍ ଉପରେ ଲାଗିଥିବା କଟକଣା ଦ୍ୱାରା ବ୍ୟବସାୟ କରିବା କଠିନ ହେବ ଆଶା କରୁଛନ୍ତି। ୟୁରୋପୀୟ ସଂଘ ଗତ ୧୮ ତାରିଖରେ ରୁଷ୍ ଉପରେ ନୂଆ କଟକଣା ଲଗାଇ ଥିଲା। ଏଥିରେ ରୁଷ୍ର ତୈଳ, ଶକ୍ତି ଉଦ୍ୟୋଗକୁ ଅଧିକ କ୍ଷତି କରିବାକୁ ପଦକ୍ଷେପ ନିଆଯାଇଛି। ରୁଷ୍ ତୈଳ ମୂଲ୍ୟକୁ ବଜାର ଦରଠାରୁ ୧୫ ପ୍ରତିଶତ କମ୍ ରଖିବାକୁ ୟୁରୋପୀୟ ସଂଘ ପ୍ରୟାସ କରୁଛି।


ରିପୋର୍ଟ ଅନୁଯାୟୀ ଏବେ ବି ଅନେକ ରୁଷ୍ ତୈଳ ଟ୍ୟାଙ୍କର ଅଶୋଧିତ ତୈଳ ଧରି ଭାରତର ପଶ୍ଚିମ ଉପକୂଳରେ ରହିଛି। ଗୁଜରାଟର ସିକା ବନ୍ଦରରେ କିଛି ଟ୍ୟାଙ୍କର ରହିଛି। ରୁଷୀୟ ତୈଳର ଭାରତୀୟ କ୍ରୟ ବୃଦ୍ଧି, ସମ୍ଭାବ୍ୟ କଟକଣା ଏବଂ କାଗଜପତ୍ର ଜନିତ ସମସ୍ୟା ଲାଗି ଏଗୁଡିକ ଅଟକି ରହିଛନ୍ତି। ଆଚିଲେସ୍ ଏବଂ ଡେଷ୍ଟାନ ଭଳି କିଛି ଟ୍ୟାଙ୍କର କଟକଣା ଅଧିନରେ ରହିଛନ୍ତି। ଭାରତୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ ରୁଷ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅଶୋଧିତ ତୈଳ ଉତ୍ପାଦକ ଏବଂ ରପ୍ତାନୀକାରୀ ରାଷ୍ଟ୍ର। ଏହି ଦେଶ ଦିନକୁ ୯.୫ ନିୟୁତ ବ୍ୟାରେଲ ତୈଳ ବାହାର କରୁଛି। ଏହା ବିଶ୍ୱର ଚାହିଦାର ପ୍ରାୟ ୧୦ ପ୍ରତିଶତ। ଭାରତ ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଉପଭୋକ୍ତା। ଦେଶ ନିଜ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ତୈଳ ଆମଦାନୀ କରୁଛି। ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ନିୟମ ପାଳନ କରି ରଣନୈତିକ ଭାବରେ ଶକ୍ତିର ଉତ୍ସ ଧାର୍ଯ୍ୟ କରିଥାଏ। ଶସ୍ତା ଏବଂ ଭରସାଯୋଗ୍ୟ ଯୋଗାଣ ପାଇଁ ଏହି ପଦକ୍ଷେପ ନିଆ ଯାଇଥାଏ। ରୁଷ୍ ତେଲ କିଣିବା ଉପରେ କୌଣସି କଟକଣା ନାହିଁ। ତେବେ ଜି-୭ ଦେଶ ଏବଂ ୟୁରୋପୀୟ ସଂଘ ଏଥିପାଇଁ କିଛଇ ସୀମା ଧାର୍ଯ୍ୟ କରିଛି। ଭାରତ ସବୁବେଳେ ଏହି ନିୟମକୁ ପାଳନ କରୁଛି।

### କଟାକ୍ଷ କଲେ ବାଂଲାଦେଶ ପ୍ରଧାନମନ୍ତ୍ରୀ

## ଟ୍ରମ୍ପଙ୍କ ସହ ବାଣିଜ୍ୟ ଚୁକ୍ତି କରିବାରେ ଭାରତ ବିଫଳ

ଢାକା, ୨।୮ (ଏଜେନ୍ସି): ଏ ପର୍ଯ୍ୟନ୍ତ ଆମେରିକା ସହ ଭାରତ ବାଣିଜ୍ୟ ଚୁକ୍ତି କରିପାରି ନାହିଁ। ଏହାକୁ ନେଇ ବାଂଲାଦେଶର କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଭାରତକୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ବାଣିଜ୍ୟ ଚୁକ୍ତି କରିବାରେ ଭାରତ ବିଫଳ ହୋଇଥିବାବେଳେ ବାଂଲାଦେଶ କରି ଦେଖାଇଛି। ଚୁକ୍ତି ନ ହେବା ଯୋଗୁଁ ଭାରତକୁ ଏବେ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ। ଏହା ବାଂଲାଦେଶ ତୁଳନାରେ ଅଧିକ। ଢାକା ଉପରେ ଆମେରିକା ୨୦ ପ୍ରତିଶତ ଶୁଳ୍କ ଲଗାଇଛି। ଏହା ପୂର୍ବରୁ ଏପ୍ରିଲରେ ବାଂଲାଦେଶ ଉପରେ ଟ୍ରମ୍ପ ୩୭ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଅର୍ଥାତ୍ ୪ ମାସରେ ବାଂଲାଦେଶ ଶୁଳ୍କକୁ ୧୭ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛି। ୟୁନୁସ ଏହାର ଶ୍ରେୟ ଶୁଳ୍କକୁ ନେଇ ଆମେରିକା ସହ ଆଲୋଚନା କରିଥିବା ଅଧିକାରୀଙ୍କୁ ଦେଇଛନ୍ତି। ସେ ଏହାକୁ କୂଟନୈତିକ ବିଜୟ କହିଛନ୍ତି।

**ଆମେ ଶୁଳ୍କ ୧୭%କୁ ହ୍ରାସ କରିଦେଲୁ**



ଏହା ଦ୍ୱାରା ବାଂଲାଦେଶର ପୋଷାକ ଉଦ୍ୟୋଗ ମଜବୁତ ହେବ ବୋଲି ଉଲ୍ଲେଖ କରିଛନ୍ତି।

ୟୁନୁସ କହିଛନ୍ତି ଯେ ବାଂଲାଦେଶ ଉପରେ ଲଗା ଯାଇଥିବା ଶୁଳ୍କ ହାର ଶ୍ରୀଲଙ୍କା, ଭିଏତନାମ, ପାକିସ୍ତାନ ଏବଂ ଇଣ୍ଡୋନେସିଆ ଭଳି ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରଙ୍କ ସହ ସମାନ। ଏହି ଦେଶଗୁଡିକ ଉପରେ ୧୯ରୁ ୨୦ ପ୍ରତିଶତ ଶୁଳ୍କ ଲାଗିଛି। ସମାନ ଶୁଳ୍କ ଲଗା ଯାଇଥିବାରୁ ବାଂଲାଦେଶ ପୋଷାକ ଉଦ୍ୟୋଗ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।

## ଆସନ୍ତା ବର୍ଷଠୁ କାର୍ଯ୍ୟକାରୀ ହୋଇପାରେ ଅଷ୍ଟମ ବେତନ କମିଶନ ସୁପାରିସ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): କେନ୍ଦ୍ରକର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ଖୁସି ଖବର ଆସିଛି। କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ ସୁପାରିସ କାର୍ଯ୍ୟକାରୀ କରିବା ବିଷୟରେ ସଙ୍କେତ ଦେଇଛନ୍ତି। ଏ ଦିଗରେ ଦୃଢ଼ ପଦକ୍ଷେପ ନିଆଯାଉଛି। ନୂଆ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନିଯୁକ୍ତି ବିଷୟରେ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି। ଗତ ଜାନୁଆରୀରେ କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ କାର୍ଯ୍ୟକାରୀ କରିବା ନେଇ ଘୋଷଣା କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର, ପ୍ରତିରକ୍ଷା ମନ୍ତ୍ରାଳୟ ଓ ଗୃହ ମନ୍ତ୍ରାଳୟ ସହିତ ଆଲୋଚନା ଆରମ୍ଭ ହୋଇଛି। ଦେଶରେ କମିଶନଙ୍କ ସୁପାରିସ ଅନୁସାରେ ଅଷ୍ଟମ ବେତନ ହାର ଆସନ୍ତା ବର୍ଷ ଜାନୁଆରୀରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ସଂସଦରେ ସୂଚନା ଦିଆଯାଇଛି। ଲୋକସଭାରେ କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି



ଯେ ଅଷ୍ଟମ ବେତନ କମିଶନ ଗଠନ ପାଇଁ ସରକାର ପୂର୍ବରୁ ମଞ୍ଜୁରୀ ଦେଇସାରିଛନ୍ତି। ଏହା ଲାଗୁ ହେଲେ ପ୍ରାୟ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଓ ୬୫ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଆବଶ୍ୟକୀୟ ତଥ୍ୟ ପାଇଁ ଅନୁରୋଧ କରାଯାଇଛି।


## ଅଟୋ-ପାଇଲଟ କାର୍ ଦୁର୍ଘଟଣା ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶ

# ପୀଡ଼ିତଙ୍କୁ ୨୧୦୦ କୋଟି ଦେବ ଟେସ୍‌ଲା

ଫ୍ଲୋରିଡ଼ା, ୨।୮ (ଏଜେନ୍ସି):

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ ତଥା ଉଦ୍ୟୋଗପତି ଏଲନ ମସ୍କଙ୍କୁ ବଡ଼ ଝଟ୍‌କା ଲାଗିଛି। ଅଟୋ-ଡ୍ରାଇଭ କାର୍ ଦୁର୍ଘଟଣା ମାମଲାରେ ମସ୍କଙ୍କ କମ୍ପାନୀ ଟେସ୍‌ଲାକୁ ଫ୍ଲୋରିଡ଼ାର ମିଆମୀ କୋର୍ଟ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ପୀଡ଼ିତଙ୍କ ପରିବାରକୁ ୨୪୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୨୧୦୦ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରେ ଏହି ମାମଲା ଚାରି ବର୍ଷ ହେଲା ଚାଲୁଥିଲା।

ଏହି ମାମଲା ୨୦୧୯ର। ସେ ସମୟରେ ଫ୍ଲୋରିଡ଼ାର ଲାର୍ଗୋ ଅଞ୍ଚଳରେ ଟେସ୍‌ଲାର ଏକ ଅଟୋ-ପାଇଲଟ୍ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟେସ୍‌ଲା



ମଡେଲ ‘ଏସ୍ ସେଡାନ’ ଏକ ଏସ୍‌ୟୁଭିକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨୨ ବର୍ଷୀୟ ନାଇବେସ ବେନାଭାଇଡସଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପୁରୁଷ ବନ୍ଧୁ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କମ୍ପାନୀ ନିଜ ସପକ୍ଷରେ କୋର୍ଟରେ ଯୁକ୍ତି ବାଢ଼ିଥିଲା। ଡ୍ରାଇଭର ଫୋନ୍ ଚଳାଇବାରେ ବ୍ୟସ୍ତ ଥିଲେ ବୋଲି କୁହାଯାଇଥିଲା। କିନ୍ତୁ କୋର୍ଟ ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। କୋର୍ଟ କହିଥିଲେ ଯେ ଟେସ୍‌ଲାର ସିଷ୍ଟମରେ ତ୍ରୁଟି ଥିଲା। ଏହି ଦୁର୍ଘଟଣା ପାଇଁ କେବଳ ଡ୍ରାଇଭର ଦାୟୀ ନୁହେଁ।

୨୦୨୧ରେ ପୀଡ଼ିତଙ୍କ ପରିବାର ଟେସ୍‌ଲା ବିରୋଧରେ ମାମଲା ରୁଜୁ କରିଥିଲେ। ଅଟୋ-ପାଇଲଟ ବ୍ୟବସ୍ଥାରେ ତ୍ରୁଟି ଥିବା ନେଇ କମ୍ପାନୀ କହି ନ ଥିଲା। ଏହାକୁ ଲୁଚାଇ ରଖିଥିଲା। ଦୁର୍ଘଟଣା ପରର ଏବଂ ପୂର୍ବର ଭିଡିଓ ଫୁଟେଜକୁ ମଧ୍ୟ ହଟାଇ ଦେଇଥିଲା। ଏହି ମାମଲା ୨୦୨୧ ରୁ ୨୦୨୫ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ଟେସଲା ଏପରି ଦୁର୍ଘଟଣାର ଅଧିକାଂଶ ମାମଲା ସମାଧାନ କରି ଚାଲିଥିଲା କିମ୍ବା କୋର୍ଟରେ ସେଗୁଡ଼ିକୁ ଖାରଜ କରିଦେଇଥିଲା। ଏହି ମାମଲାରେ ଟେସଲା ମିଆମିର ଫେଡେରାଲ୍ କୋର୍ଟର ଜୁରିଙ୍କ ସମ୍ମୁଖରେ ଡ୍ରାଇଭରଙ୍କୁ ଦାୟୀ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ପୀଡିତଙ୍କ ଓକିଲମାନେ ଅଟୋ-ପାଇଲଟ୍ ସିଷ୍ଟମର ତ୍ରୁଟି ଥିବା ଦର୍ଶାଇ ଥିଲେ। ଶେଷରେ ଟେସଲା ଗାଡ଼ିରେ ଥିବା ତ୍ରୁଟି ସ୍ୱୀକାର କରିଥିଲା, କିନ୍ତୁ ପ୍ରମାଣ ଲୁଚାଇବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ମାମଲାରେ କୋର୍ଟ ଯେଉଁ କ୍ଷତିପୂରଣ ଲଗାଇଛନ୍ତି ତାହାକୁ ଟେସ୍‌ଲା ଭୁଲ୍ କହିଛି। ଏହା ଦ୍ୱାରା ମୋଟରଯାନ ସୁରକ୍ଷାକୁ ପଛକୁ ନେଇଯିବା, ଟେସ୍‌ଲା ଏବଂ ସମ୍ପୂର୍ଣ୍ଣ ଉଦ୍ୟୋଗର ଜୀବନ ରକ୍ଷାକାରୀ ଜ୍ଞାନକୌଶଳ ବିକଶିତ, କାର୍ଯ୍ୟକାରୀ କରିବା ପ୍ରୟାସ ବିପଦରେ ପଡ଼ିପାରେ। ମାମଲା ଦାଏର କରିଥିବା ଲୋକ ଏକ କାହାଣୀ ଗଢ଼ିଛନ୍ତି। ଏହି ଆଧାରରେ କୋର୍ଟ କମ୍ପାନୀକୁ ଦୋଷୀ ସାବ୍ୟସ୍ତ କରିଦେଇଛନ୍ତି। ତେବେ ଡ୍ରାଇଭର ପ୍ରଥମ ଦିନ ହିଁ ଏହି ଦୁର୍ଘଟଣା ପାଇଁ ନିଜକୁ ଦାୟୀ କରିଥିଲେ।



# ରାକ୍ଷୀରେ ପିନ୍ଧନ୍ତୁ ଚନ୍ଦେରୀ ସୁଟ୍

ରାକ୍ଷୀ ପୂର୍ଣ୍ଣିମାକୁ ସ୍ନେହ, ପ୍ରେମ ଓ ପରମ୍ପରାର ପ୍ରତୀକ ଭାବେ ଜଣାଯାଏ । ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ସୁରକ୍ଷାର ପ୍ରତିଶ୍ରୁତି ଲୋଡ଼ିଥାଏ । ଏଦିଦିନ ଅଧିକାଂଶ ଯୁବତୀ ପାରମ୍ପରିକ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ତେବେ, ନିଜକୁ ଏକ ରାଜକୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଚନ୍ଦେରୀ ସୁଟ୍ ପିନ୍ଧିପାରିବେ ।

### ଚନ୍ଦେରୀ ଏମ୍ବ୍ରୋଡୋରୀ କୁର୍ତ୍ତା

ଏମ୍ବ୍ରୋଡୋରୀ କାମ ଥିବା ଏହି ସୁଟ୍ ଦେଖିବାକୁ ଖୁବ୍ ସୁନ୍ଦର । ଏଥିରେ ପ୍ୟାଣ୍ଟ, ଓଢ଼ଣୀ ଓ କୁର୍ତ୍ତା ସେଟ୍ ରହିଥାଏ । ଏହା ହାଲୁକା ହୋଇଥିବାରୁ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ । ତେଣୁ ଏହାକୁ ରାକ୍ଷୀପୂର୍ଣ୍ଣିମା ଦିନ ମଧ୍ୟ ପିନ୍ଧିପାରିବେ । କ୍ରିମ୍ ଏବଂ ହାଲୁକା ଗୋଲାପି ରଙ୍ଗର ଏହି ସୁଟ୍ ସହ ପେଣ୍ଡି କାନଫୁଲ ପିନ୍ଧିପାରିବେ ।

### ହ୍ୟାଣ୍ଡବ୍ଲକ୍ ପ୍ରିଣ୍ଟ

କିଛି ଭିନ୍ନ ତଥା ନୂଆ ପିନ୍ଧିବାକୁ ଚାହୁଁଥିଲେ, ହ୍ୟାଣ୍ଡବ୍ଲକ୍ ପ୍ରିଣ୍ଟଯୁକ୍ତ ଚନ୍ଦେରୀ ସୁଟ୍ ପିନ୍ଧିପାରିବେ । ଏ – ଲାଇନ୍ ଷ୍ଟାଇଲ୍, ଭି-ସ୍ଲିଟ୍ ବେକ, ଏବଂ ଗୋଟା ସିଲ୍ ଡିଟେଲ୍ ଏହାକୁ ଷ୍ଟାଇଲିଶ୍ କରିଥାଏ । ଏହା ପ୍ଲାଜୋ ସହିତ ଖୁବ୍ ସୁନ୍ଦର ଦେଖାଯାଏ ।

### ଫ୍ଲୋରାଲ ଏମ୍ବ୍ରୋଡୋରୀ

କମଳା ରଙ୍ଗର ଏହି ଚନ୍ଦେରୀ ସୁଟ୍ ସିମ୍ପଲ୍ ଓ ରାଜକୀୟ ଲୁକ୍‌କୁ ମିଶ୍ରଣ କରି ତିଆରି କରାଯାଇଛି । ଏହାର ଗୋଲାକାର ବେକ ଏବଂ ଫ୍ଲୋରାଲ୍ ଏମ୍ବ୍ରୋଡୋରୀ କାମ ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ଏହା ବିଭିନ୍ନ ସାଇଜର୍ ରହିଛି ।

# କାଗଜ କଣ୍ଢେଇର କଳାକାର



ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଥିଲେ, ସବୁକିଛି ସମ୍ଭବ, ଏହାକୁ ପ୍ରମାଣ କରି ଦେଖାଇଛନ୍ତି, ତାମିଲନାଡୁ କୋଏମ୍ବାଟୁରର ରାଧିକା ଜେ.ଏ । ପାଞ୍ଚ ବର୍ଷ ବୟସରେ ସେ ଅସ୍ଥିରୋଗରେ ପୀଡ଼ିତ ହୋଇ ଚାଲିବା ଶକ୍ତି ହରାଇଥିଲେ । ଏଥିପାଇଁ ତାଙ୍କୁ ପାଠପଢ଼ା ଅଧାରେ ଛାଡ଼ିବାକୁ ପଡ଼ିଥିଲା । କିନ୍ତୁ ଏତିକିରେ ସେ ଅଟକି ନଥିଲେ, ନିଜର ରୁଚି, କଳା ଓ ସୃଜନଶୀଳତାକୁ ଉପଯୋଗ କରି ସେ କିଛି ନୂଆ କରିବାକୁ ଭାବିଥିଲେ । ଫଳରେ ଘରେ ଥିବା ପୁରୁଣା ଖବରକାଗଜକୁ ଉପଯୋଗ କରି ସେଥିରୁ ଭଳିକି ଭଳି କାଗଜ କଣ୍ଢେଇମାନ ପ୍ରସ୍ତୁତ କରିଥିଲେ । ଏହାକୁ ଅନ୍‌ଲାଇନ୍‌ରେ ବିକ୍ରି କରି ସେ ଆତ୍ମନିର୍ଭର ହୋଇଛନ୍ତି । ଏଥିସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରୁଛନ୍ତି ।



### ରୁଚିରୁ ରୋଜଗାର

୨୬ ବର୍ଷିୟ ରାଧିକା କଣ୍ଢେଇ ବ୍ୟବସାୟ କରି ରୋଜଗାରକ୍ଷମ ହୋଇଛନ୍ତି । ପିଲାବେଳୁ ତାଙ୍କର କଳାକୃତି ପ୍ରତି ରୁଚି ରହିଥିଲା । ଫଳରେ ୨୦୧୬ ମସିହାରେ ସେ ସ୍ୱଳ୍ପ ଅର୍ଥ ବିନିଯୋଗ କରି ବ୍ୟବସାୟ ଆରମ୍ଭ କରିବାକୁ ଭାବିଥିଲେ । ପ୍ରଥମେ ସେ ଟିଭିରୁ ଏକ ଭିଡିଓ ଦେଖି ଖବରକାଗଜକୁ ଭାଙ୍ଗି ସେଥିରୁ ଭଳିକି ଭଳି, ଘରସଜା ଉପକରଣ ପ୍ରସ୍ତୁତ କରିଥିଲେ । ଏହାକୁ ଦେଖି ପଡ଼ୋଶୀ ଓ ସାଙ୍ଗସାଥୀମାନେ ତାଙ୍କୁ ବରାଦ ଦେଇଥିଲେ । ପରବର୍ତ୍ତୀ ସମୟରେ ରାଧିକା ଏକ ଆଫ୍ରିକାନ୍ କଣ୍ଢେଇ ଦେଖିଥିଲେ । ନିଜର ସୃଜନଶୀଳତାକୁ ଉପଯୋଗ କରିବା ପାଇଁ ଏହା ଏକ ଭଲ ମାଧ୍ୟମ ବୋଲି ସେ କଳ୍ପନା କରିଥିଲେ । ଏହାପରେ ସେ ପୁରୁଣା ଖବରକାଗଜରୁ କଣ୍ଢେଇ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ ।

### ଖବରକାଗଜରେ ତିଆରି ଆଫ୍ରିକାନ୍ କଣ୍ଢେଇ

ଘରେ ଥିବା ପୁରୁଣା ଖବରକାଗଜକୁ ଉପଯୋଗ କରି ସେ ପାରମ୍ପରିକ ଆଫ୍ରିକାନ୍ କଣ୍ଢେଇ ପ୍ରସ୍ତୁତ କରିଥାନ୍ତି । ଏଥିରେ ଅନ୍ୟ କଣ୍ଢେଇ ଭଳି ଆଖି, ନାକ, କାନ ନ ଥାଏ । ଏଥିସହ କୌଣସି ନିର୍ଦ୍ଦିଷ୍ଟ ମୁଦ୍ରା କିମ୍ବା ଭାବନାକୁ ନେଇ ଏହା ତିଆରି କରାଯାଏ ନାହିଁ । ଖୁବ୍ କମ୍ ସାଧନରେ ସେ ଏହି କଣ୍ଢେଇ ପ୍ରସ୍ତୁତ କରିଥିଲେ । ଏହି କଣ୍ଢେଇକୁ ଲୋକମାନେ ଖୁବ୍ ପସନ୍ଦ କରିଥିଲେ । ଦେଖୁ ଦେଖୁ ତାଙ୍କର ଅନ୍‌ଲାଇନ୍ ବ୍ୟବସାୟ ବଢ଼ିଲା । ଏହା ତାଙ୍କୁ ଏକ ନୂଆ ପରିଚୟ ଦେବାରେ ସହାୟକ ହୋଇଥିଲା ।

### ଶାରୀରିକ ଅକ୍ଷମତା ସାଜିନି ବାଧକ

ପାଞ୍ଚବର୍ଷ ବୟସରେ ତାଙ୍କର ଶାରୀରିକ ସମସ୍ୟା ଯୋଗୁ, ସ୍କୁଲ ଯିବା ବନ୍ଦ ହୋଇଯାଇଥିଲା । ଫଳରେ ସେ ଘରେ ରହିଥିଲେ । ତାଙ୍କ ଗୋଡ଼ରେ ଅନେକ ଅସ୍ତ୍ରୋପଚାର ହୋଇଥିଲେ ମଧ୍ୟ, କୌଣସି ସୁଫଳ ମିଳି ନଥିଲା । ଏଥିପାଇଁ ସେ ମାନସିକ ଚାପରେ ଥିଲେ । ପରବର୍ତ୍ତୀ ସମୟରେ ୨୦୧୬ ମସିହାରେ ହୋମ୍ ସ୍କୁଲିଂ ମାଧ୍ୟମରେ ସେ ପାଠ ପଢ଼ିଥିଲେ । ଏହା ତାଙ୍କ ପାଇଁ ସମସ୍ୟାଜନକ ହେଲେ ମଧ୍ୟ ସେ ପାଠ ପଢ଼ି ପାସ୍ ହୋଇଥିଲେ ।

### ବ୍ୟବସାୟରୁ ପରିଚୟ

ତାଙ୍କ ନିର୍ମିତ କଣ୍ଢେଇ ଦେଖିବାକୁ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଦେଶ, ବିଦେଶରୁ ଲୋକମାନେ ଏହି କଣ୍ଢେଇ ବରାଦ କରିଥାନ୍ତି । ସେ ୨୦୫୦ ରୁ ଅଧିକ କଣ୍ଢେଇ ବିକ୍ରି କରିଛନ୍ତି । ଏସବୁ କାର୍ଯ୍ୟ ସେ ଏକାକୀ କରନ୍ତିନି । ଏଥିପାଇଁ ତାଙ୍କ ପିତା, ମାତା ଭାଇ ଆଦି ସାହାଯ୍ୟ କରିଥାନ୍ତି । ତାଙ୍କୁ ଗୋଟିଏ କଣ୍ଢେଇ ପ୍ରସ୍ତୁତ କରିବା ପାଇଁ ତିନିରୁ ଚାରିଘଣ୍ଟା ସମୟ ଲାଗିଥାଏ ।

# କହୁଣୀର କଳାଦାଗ ହେବ ଦୂର

ସୁନ୍ଦର, କୋମଳ ତ୍ୱଚା ସମସ୍ତେ ଚାହାନ୍ତି । ଏଥିପାଇଁ ଯୁବତୀମାନେ ବିଭିନ୍ନ ପ୍ରସାଧନ ସାମଗ୍ରୀ ଲଗାଇଥାନ୍ତି । ହେଲେ, ମୁହଁ ଭଳି ହାତର ଯତ୍ନ ନେବା ଜରୁରୀ । ଅନେକ ସମୟରେ ମୃତକୋଷ ଜମି କହୁଣୀ କଳା ପଡ଼ିଯାଏ । ଯାହା ଆଖିକୁ ଅସୁନ୍ଦର ଦେଖାଯାଏ । ତେଣୁ ଘରେ ପ୍ରାକୃତିକ ଉପାୟରେ ମାସ୍କ ପ୍ରସ୍ତୁତ କରି ଏହାକୁ ଲଗାଇ କହୁଣୀ ଦାଗ ଦୂର କରିପାରିବେ...



### ପ୍ରସ୍ତୁତି

ଗ୍ୟାସ୍‌ରେ ତାୱା ବସାଇ ହଳଦି ଦେଇ ଏହାକୁ ବାଦାମୀ ରଙ୍ଗ ହେବା ଯାଏ ଭାଜନ୍ତୁ । ହଳଦୀକୁ ଗୋଟିଏ ପାତ୍ରରେ କାଢ଼ି ସେଥିରେ ଏକ ଚାମଚ ବେସନ, ଏକ ଚାମଚ ମହୁ ଦିଅନ୍ତୁ । ଏଥିରେ ଅଧା ଲେମ୍ବୁ ଚିପୁଡ଼ି ଦିଅନ୍ତୁ । ଶେଷରେ ଏଥିରେ ଏକ ଦୁଇ ଚାମଚ କ୍ଷୀର ଦେଇ ଭଲରେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ।

### ବ୍ୟବହାର

ଏହି ପେଷ୍ଟ ଶରୀରର କଳା ଅଂଶ ଅର୍ଥାତ୍ କହୁଣୀ, ଆଣ୍ଠୁ ପାଦ ଅଙ୍ଗୁଳିରେ ଲଗାଇ ୧୦ ରୁ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହାପରେ ଏକ ମଏଶ୍ଚରାଇଜର୍ ଲଗାନ୍ତୁ । ସପ୍ତାହକୁ ଏପରି ଦୁଇଥର କରିପାରିବେ । ଏହଦ୍ୱାରା ଧୀରେ ଧୀରେ କଳାଦାଗ ଦୂର ହୋଇଥାଏ ।

### ଧ୍ୟାନ ଦିଅନ୍ତୁ

ଆବଶ୍ୟକତାଠୁ ଅଧିକ ପତଳା ତ୍ୱଚା ଥିଲେ, ଏହାକୁ ସ୍କ୍ରବ୍ ଭଳି ଘଷନ୍ତୁ ନାହିଁ । କାରଣ ଏହାଦ୍ୱାରା କହୁଣୀ ଅଧିକ କଳା ପଡ଼ିଯାଏ । ତ୍ୱଚା ମୃତକୋଷ ସଂସ୍ପର୍ଶରେ ଆସି ଅଧିକ କଳା ଦେଖାଯାଏ । ତେଣୁ ଏହାକୁ ମାସ୍କ ଭଳି ବ୍ୟବହାର କରିପାରିବେ ।

# ବର୍ଷାରେ ଏମିତି ଲଗାନ୍ତୁ ଲିପଷ୍ଟିକ୍

ବର୍ଷାଦିନେ ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ସମସ୍ୟାଜନକ ହୋଇଥାଏ । ବିଶେଷ କରି ଲିପଷ୍ଟିକ୍ । ଏ ଦିନେ ସାମାନ୍ୟ ବର୍ଷା ହେଲେ, ମଧ୍ୟ ଲିପଷ୍ଟିକ୍ ଧୋଇ ହୋଇଯାଏ । ତେଣୁ ଲିପଷ୍ଟିକ୍‌କୁ ଓଠରେ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଏହି ସହଜ ଉପାୟ ଆପଣାନ୍ତୁ ।

### ଲିପ୍ ସ୍କ୍ରବ୍

ବର୍ଷାଦିନେ ଓଠ ରୁକ୍ଷ ଓ ଶୁଷ୍କ ହୋଇଯାଏ । ତେଣୁ ଲିପଷ୍ଟିକ୍ ଲଗାଇବା ପୂର୍ବରୁ ଓଠକୁ ହାଲୁକା ସ୍କ୍ରବ୍ କରନ୍ତୁ । ଏହାପରେ ଲିପବାମ୍ ଲଗାଇ ଓଠକୁ ପାଞ୍ଚମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ । ଏହାଦ୍ୱାରା ଓଠ କୋମଳ ହୋଇଥାଏ । ଲିପଷ୍ଟିକ୍ ଭଲରେ ସେଟ୍ ହୋଇଥାଏ ।

### ପ୍ରାଇମର୍

ଲିପଷ୍ଟିକ୍‌କୁ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ହାଲୁକା ପ୍ରାଇମର୍ କିମ୍ବା କନ୍‌ସିଲର୍ ଲଗାଇପାରିବେ । ଏହା ଲିପଷ୍ଟିକ୍‌କୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ । ଏଥିସହ ଲଗାଇଥିବା ସେଡ୍‌ଟି ଖୁବ୍ ଉଜ୍ଜ୍ୱଳ ଦିଶିଥାଏ ।

### ମ୍ୟାଟ୍ ଲିପଷ୍ଟିକ୍‌କୁ ପ୍ରାଥମିକତା

ବର୍ଷାଦିନେ କ୍ରିମ୍ କିମ୍ବା ଗ୍ଲସି ଲିପଷ୍ଟିକ୍ ଶୀଘ୍ର ଛାଡ଼ିଯାଏ । କିନ୍ତୁ ମ୍ୟାଟ୍ ଲିପଷ୍ଟିକ୍ ଦୀର୍ଘ ସମୟ ରହିଥାଏ । ୱାଟର୍‌ପ୍ରୁଫ୍ ମ୍ୟାଟ୍ ଲିପଷ୍ଟିକ୍ ବର୍ଷାଦିନ ପାଇଁ ଖୁବ୍ ଭଲ ହୋଇଥାଏ ।

### ଲିପ୍‌ଲାଇନ୍‌ରେ ଆଉଟ୍‌ଲାଇନ୍


ଏହା କେବଳ ଓଠକୁ ଏକ ଆକାର ଦିଏନି ଏହା ଲିପଷ୍ଟିକ୍‌କୁ ଧରି ରଖିବାରେ ମଧ୍ୟ ସହାୟକ ହୋଇଥାଏ । ତେଣୁ ପ୍ରଥମେ ଆଉଟ୍‌ଲାଇନ୍ କରି ଲିପଷ୍ଟିକ୍ ଲଗାନ୍ତୁ ।

### ଟିସ୍ୟୁ ପେପର୍

ଲିପଷ୍ଟିକ ଲଗାଇବା ପରେ ଓଠରେ ଏକ ଟିସ୍ୟୁ ପେପର ଓଠରେ ରଖନ୍ତୁ । ଏହା ଉପରେ ଅଳ୍ପ ପାଉଡର ଲଗାନ୍ତୁ । ଏହା ଲିପଷ୍ଟିକକୁ ସେଟ୍ କରି ସ୍ମଜ୍ ପ୍ରୁପ୍ କରିଥାଏ ।

### ଡ଼ବଲ୍ କୋଟ୍

ଗୋଟେ କୋଟ୍ ଲଗାଇବା ପରେ ଏହା ଉପରେ ହାଲୁକା କରି ଟିସ୍ୟୁ ଦବାଇ ଦିଅନ୍ତୁ । ଏହାପରେ ଆଉ ଏକ କୋଟ୍ ଲିପଷ୍ଟିକ୍ ଲଗାନ୍ତୁ । ବର୍ଷାଦିନେ ଡବଲ ଲେୟାରିଙ୍ଗ୍ ଲିପଷ୍ଟିକ୍ ଖୁବ୍ ଭଲ ହୋଇଥାଏ ।



# ହୁପ୍ ଇୟରିଂ

ସମୟ ଅନୁସାରେ ବିଭିନ୍ନ କାନଫୁଲ ଡିଜାଇନ୍ ଦେଖିବାକୁ ମିଳିଥାଏ । ଯାହା ଷ୍ଟାଇଲିଶ୍ ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ବର୍ତ୍ତମାନ କେତେକ ହୁପ୍ ଇଅରିଂ ଟ୍ରେଣ୍ଡରେ ରହିଛି । ଜାଣିବା ସେ ବିଷୟରେ...



### ଗୋଲ୍‌ଡେନ୍ ଚଙ୍କି

ଚଙ୍କି ପାଟର୍ଣ୍ଣର ଏହି ଗୋଲଡେନ୍ ହୁପ୍ ଇୟରିଂ ଧଳା ପୋଷାକ କିମ୍ବା ଧଳା ଟପ୍ସକୁ ଖୁବ୍ ସୁନ୍ଦର ମାନିଥାଏ । ଏହାକୁ ବିଭିନ୍ନ ପୋଷାକ ସହ ମଧ୍ୟ ପିନ୍ଧିପାରିବେ ।

### ହାର୍ଟ

ହାର୍ଟସେପ୍‌ର ଏହି ହୁପ୍, ଦେଖିବାକୁ ସୁନ୍ଦର ଓ ଛୋଟ ହୋଇଥାଏ । ଏହାକୁ ଚାହିଁଲେ ମହିଳାମାନେ ନିୟମିତ ବ୍ୟବହାର କରିପାରିବେ । ଏହାକୁ ସାର୍ଟ, ଟପ୍‌ସ ବିଭିନ୍ନ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ ।

### ଡାଇମଣ୍ଡ ସ୍କୋୟାର୍

ଧଳା ଷ୍ଟୋନ୍ ଲାଗିଥିବା ଏହି ହୁପ୍ କାନଫୁଲ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏହା ଦେଖିବାକୁ ଏଲିଗାଣ୍ଟ ଲାଗିଥାଏ । ଏହାକୁ ଉଭୟ କାଜୁଆଲ୍ ଓ ଫର୍ମାଲ୍ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବ ।

### ଡୁଆଲ୍ ଷ୍ଟୋନ୍ ସିଲ୍‌ଭର୍

ଦୁଇଟି ରଙ୍ଗର ଷ୍ଟୋନ୍ ଲାଗିଥିବା ଏହି କାନଫୁଲ ଦେଖିବାକୁ ସୁନ୍ଦର ଓ ଷ୍ଟାଇଲିଶ୍ ହୋଇଥାଏ । ଏହାକୁ ଶାଢ଼ି ସୁଟ୍ ବିଭିନ୍ନ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ ।

### ମୋ ହାଣ୍ଡିଶାଳରୁ...

# ସିଜୁଆନ୍ ଫ୍ରାଏଡ୍ ରାଇସ୍

### ଆବଶ୍ୟକ ସାମଗ୍ରୀ

ରନ୍ଧାଭାତ - ଦୁଇ କପ୍, ସିଜୁଆନ୍ ସସ୍ – ଦୁଇ ଚାମଚ, କଟା ରସୁଣ – ଏକ ଚାମଚ, କଟା ଅଦା – ଏକ ଚାମଚ, କଟା କଞ୍ଚାଲଙ୍କ- ଦୁଇ ଗୋଟି, କଟା ପିଆଜ – ଏକ କପ୍, ଗାଜର୍– ଅଧା କପ୍, କ୍ୟାପ୍‌ସିକମ୍ – ଅଧା କପ୍, ବନ୍ଧାକୋବି – ଅଧା କପ୍, ପିଆଜ ଶଣ୍ଢା- ଦୁଇ ଚାମଚ, ସୋୟା ସସ୍- ଏକ ଚାମଚ, ଭିନେଗାର୍ – ଏକ ଚାମଚ, କଳା ଗୋଲମରିଚ – ଏକ ଚାମଚ, ଲୁଣ – ସ୍ୱାଦାନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗେଇ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ କଟା ଅଦା, ରସୁଣ ଦେଇ ଧିମା ଆଞ୍ଚରେ ୩୦ ସେକେଣ୍ଡ ଭାଜନ୍ତୁ । ଏହାପରେ କଞ୍ଚାଲଙ୍କା ଦେଇ ପିଠାଖଡ଼ିକାରେ ଏପାଖସେପାଖ କରନ୍ତୁ । ପରେ କଟା ପିଆଜ, ଗାଜର, କ୍ୟାପସିକମ୍, ବନ୍ଧାକୋବି ଦେଇ ହାଲୁକା ଭାଜନ୍ତୁ । ଏଥିରେ ଦୁଇଚାମଚ ସିଜୁଆନ୍ ଚଟଣୀ ଦିଅନ୍ତୁ । ଏହାକୁ ପରିବାରେ ମିଶାଇ ଭଲ କି ଭାଜି ଦିଅନ୍ତୁ । ଏହାପରେ ଏକ ଚାମଚ ସୋୟା ସସ୍, ଏକ ଚାମଚ ଭିନେଗାର୍ ଦିଅନ୍ତୁ । ଏହାପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ରନ୍ଧାଭାତକୁ ଦିଅନ୍ତୁ । ଏହାକୁ ଭଲଭାବେ ପରିବା ଓ ମସଲା ସହ ମିଶାଇ ଦିଅନ୍ତୁ । ଏହାପରେ ସ୍ୱାଦ ଅନୁସାରେ ଲୁଣ, ଗୋଲମରିଚ ଗୁଣ୍ଡ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଧୀମା ଆଞ୍ଚରେ ଦୁଇ ତିନି ମିନିଟ୍ ବସାଇ ଏପାଖସେପାଖ କରନ୍ତୁ । ଏହାପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ସିଜୁଆନ୍ ଫ୍ରାଏଡ୍ ରାଇସ୍' ।



## ଓଭାଲ ଟେଷ୍ଟ: ଜୟସ୍ୱାଲ୍‌ଙ୍କ ଶତକ

# ବଡ଼ ସ୍କୋର ଲକ୍ଷ୍ୟରେ ଭାରତ

ମାଞ୍ଚେଷ୍ଟର, ୨।୮ (ଏଜେନ୍ସି):



ଓପନର୍ ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ଲଢୁଆ ଶତକ ଓ ନାଇଟ୍ ୱାଚ୍‌ମ୍ୟାନ ଭାବେ ଆସିଥିବା ଆକାଶ ଦୀପ୍‌ଙ୍କ ସାହସିକଭରା ଅର୍ଦ୍ଧଶତକ ବଳରେ ଏଠାରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୫ମ ଟେଷ୍ଟରେ ଭାରତ ୨ୟ ପାଳିରେ ବଡ଼ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ଶନିବାର ତୃତୀୟ ଦିବସ ଚା'ପାନ ବିରତି ସୁଦ୍ଧା ଭାରତ ଦ୍ୱିତୀୟ ପାଳିରେ ୭୧ ଓଭର ଖେଳି ୬ ୱିକେଟ୍ ହରାଇ ୩୦୪ ରନ ସଂଗ୍ରହ କରିଛି। ଫଳରେ ପ୍ରଥମ ପାଳିରେ ୨୩ ରନ ପଛୁଆ ରହିଥିବା ଭାରତ ୨୮୧ ରନର ଅଗ୍ରଣୀ ହାସଲ କରିଛି। ରିପୋର୍ଟ ଲେଖା ହେଲାବେଳକୁ ରବୀନ୍ଦ୍ର ଜାଡେଜା ୨୬ ଓ ୱିକେଟ୍‌ରକ୍ଷକ ଧ୍ରୁବ ଜୁରେଲ ୨୫ ରନ କରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ପାଳିର ବଳକା ୪ ୱିକେଟ୍‌ରେ ଭାରତ ଅଧିକରୁ ଅଧିକ ରନ ସଂଗ୍ରହ କରି ଏକ ବଡ଼ ଟାର୍ଗେଟ୍ ଘରୋଇ ଇଂଲଣ୍ଡ ସାମ୍ନାରେ ରଖିବାକୁ ଲକ୍ଷ୍ୟ ରଖିଛି। ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଥିବାରୁ ଭାରତୀୟ ଦଳ ୫ମ ଟେଷ୍ଟକୁ ଜିତିପାରିଲେ ସିରିଜକୁ ୨-୨ରେ ସମ୍ମାନର ସହ ଡ୍ର ରଖିପାରିବ।

୨୩ ରନରେ ପଛୁଆ ରହିଥିବା ଭାରତୀୟ ଦଳ ୨ୟ ପାଳି ଆରମ୍ଭ କରି ଶୁକ୍ରବାର ଷ୍ଟମ୍ପ ସୁଦ୍ଧା ୧୮ ଓଭର ଖେଳି ୨ ୱିକେଟ୍‌ରେ ୭୫ ରନ କରିଥିଲା। ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ଶନିବାର ୩ୟ ଦିବସ ସକାଳେ ବେଶ୍ ସତର୍କତାର ସହ ଖେଳିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର୍ ଜୟସ୍ୱାଲ ଓ ନାଇଟ୍ ୱାଚ୍‌ମ୍ୟାନ ଭାବେ ଆସିଥିବା ଆକାଶ ଦୀପ୍ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ତେବେ ଆକାଶ ଦୀପ୍ ଏଠାରେ ଖେଳିଥିଲେ ଏକ ସ୍ମରଣୀୟ ଅର୍ଦ୍ଧଶତକ ପାଳି। ସେ ୯୪ ବଲ୍ ସାମ୍ନା କରି ୧୨ ଚୌକା ସହାୟତାରେ ୬୬ ରନ କରି ଆଉଟ୍ ହୋଇଥିଲେ। ଆକାଶଦୀପ୍‌ଙ୍କୁ ଆଉଟ୍ କରି ଜେମି ଓଭରଟନ୍ ଘରୋଇ ଦଳକୁ ପ୍ରତୀକ୍ଷିତ ବ୍ରେକ ଥ୍ରୁ ଦେଇଥିଲେ। ଆଉଟ୍ ହେବା ପୂର୍ବରୁ ଜୟସ୍ୱାଲଙ୍କ ସହ ମିଶି ଆକାଶଦୀପ ୩ୟ ୱିକେଟ୍‌ରେ ୧୦୭ ରନର ଗୁରୁତ୍ୱପୂର୍ଣ୍ଣ ଶତକୀୟ ଭାଗୀଦାରି ଗଢ଼ିଥିଲେ। ଏହାପରେ ବ୍ୟାଟିଂକ୍ରମର ୪ର୍ଥ ସ୍ଥାନରେ ଆସିଥିବା ଅଧିନାୟକ ଶୁବମନ ଗିଲ୍ କିନ୍ତୁ ବେଶୀ ସମୟ ତିଷ୍ଠି ପାରି ନ ଥିଲେ। ସେ ୯ ବଲ୍ ଖେଳି ମାତ୍ର ୧୧ ରନ କରି ଗସ୍ ଆଟକିନସନଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିଭଳି ପରବର୍ତ୍ତୀ ବ୍ୟାଟର୍ କରୁନ ନାୟାର ମଧ୍ୟ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ଗୋଟିଏ ଜୀବନଦାନ ପାଇଥିବା କରୁନ ଏହାର ଫାଇଦା ଉଠାଇ ନ ପାରି ମାତ୍ର ୧୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଓପନିଂରୁ ଆସି ଧୈର୍ଯ୍ୟର ସହ ଖେଳୁଥିବା ଜୟସ୍ୱାଲ୍ ସିରିଜରେ ୨ୟ ଓ ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ ପୂରଣ କରିଥିଲେ। ତେବେ ଶତକ ହାସଲ ପରେ ସେ ମଧ୍ୟ ବେଶୀ ସମୟ ତିଷ୍ଠି ପାରି ନ ଥିଲେ। ୧୧୮ ରନ କରିଥିବାବେଳେ ଜୋଶ୍ ଟଙ୍ଗ୍‌'ଙ୍କ ବଲ୍‌କୁ ମାରିବାକୁ ଯାଇ ଓଭରଟନଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ୧୬୪ ବଲ୍‌ର ଏହି ପାଳିରେ ଜୟସ୍ୱାଲ ୧୪ଟି ଚୌକା ଓ ୨ଟି ଛକା ମାରିଥିଲେ। ରିପୋର୍ଟ ଲେଖା ହେଲାବେଳକୁ ଜାଡେଜା ୨୬ ଓ ଜୁରେଲ ୧୬ ରନ କରି ଅପରାଜିତ ରହିଛନ୍ତି। ଇଂଲଣ୍ଡ ପାଇଁ ସଫଳ ବୋଲର ଭାବେ ଆଟକିସନସନ ୩, ଜୋଶ୍ ଟଙ୍ଗ୍ ୨ ଓ ଓଭରଟନ୍ ଗୋଟିଏ ୱିକେଟ୍ ନେଇଥିଲେ।

### ସିରିଜ୍‌ରେ ୧୯ ଶତକ

ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପାଞ୍ଚ ଟିକିଆ ଟେଷ୍ଟ ସିରିଜରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୯ଟି ଶତକୀୟ ପାଳି ଦେଖିବାକୁ ମିଳିଛି। ଶନିବାର ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ଏହି ଟେଷ୍ଟ ସିରିଜର ୧୯ତମ ଶତକ ଥିଲା। ମୋଟ୍ ୧୯ଟି ଶତକ ମଧ୍ୟରୁ ଭାରତୀୟ ଖେଳାଳିମାନେ ୧୨ଟି ଓ ଘରୋଇ ଇଂଲଣ୍ଡ ବ୍ୟାଟର୍ ୭ଟି ଶତକ ମାରିଛନ୍ତି। ଟେଷ୍ଟ କ୍ରିକେଟ୍ ଇତିହାସରେ ଗୋଟିଏ ସିରିଜରେ ହୋଇଥିବା ମୋଟ୍ ଶତକ ତାଲିକାରେ ଏହା ୩ୟ ସ୍ଥାନରେ ରହିଛି। ୧୯୯୫ରେ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ସିରିଜରେ ରେକର୍ଡ ୨୧ଟି ଶତକ ହୋଇଥିଲା। ସେହିଭଳି ୨୦୦୩-୦୪ରେ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ସିରିଜରେ ୨୦ଟି ଶତକୀୟ ପାଳି ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଚଳିତ ଭାରତ ଓ ଇଂଲଣ୍ଡ ଟେଷ୍ଟ ସିରିଜରେ ବର୍ତ୍ତମାନ ସୁଦ୍ଧା ୧୮ଟି ଶତକୀୟ ପାର୍ଟନରସିପ୍ ମଧ୍ୟ ହୋଇସାରିଛି। ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ୮ ଥର ଲାଗି ଏହି ସଫଳତା ପାଇଛି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ପାଳି : ୨୨୪/୧୦, ୬୯.୪ ଓଭର** (କରୁନ-୫୭, ସୁନ୍ଦର- ୨୬, ଜୁରେଲ-୧୯, ଗିଲ୍- ୨୧, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭)।

ଇଂଲଣ୍ଡ ପ୍ରଥମ ପାଳି: ୨୪୭ରେ ଅଲ୍‌ଆଉଟ୍ (କ୍ରାଲୀ- ୬୪, ଡକେଟ୍- ୪୩, ପୋପ୍- ୨୨, ରୁଟ୍- ୨୯, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।

**ଭାରତ ୨ୟ ପାଳି : ୩୦୪/୬, ୭୧ ଓଭର ସୁଦ୍ଧା** (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଗିଲ୍-୧୧, କରୁନ-୧୭, ଜାଡେଜା- ବ୍ୟାଟିଂ-୨୬, ଜୁରେଲ- ବ୍ୟାଟିଂ- ୨୫, ଆଟକିନସନ- ୩/୯୯, ଟଙ୍ଗ୍- ୨/୧୦୦)।

## ଟେଷ୍ଟ କ୍ରିକେଟରେ ପ୍ରଥମ, କ୍ୟାରିୟରରେ ଦ୍ୱିତୀୟ ଅର୍ଦ୍ଧଶତକ




ଓଭାଲ : ଭାରତୀୟ ଯୁବ ଫାଷ୍ଟ ବୋଲର ଆକାଶ ଦୀପ ଏଠାରେ ଜବରଦସ୍ତ ବ୍ୟାଟିଂ ପ୍ରଦର୍ଶନ କରି ଇଂଲଣ୍ଡ ବିପକ୍ଷ ୫ମ ତଥା ଶେଷ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଭାରତର ଦ୍ୱିତୀୟ ଇନିଂସରେ ନଂ-୪ରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ବ୍ୟାଟିଂ କରିବାକୁ ଆସି ତୃତୀୟ ଦିନ ଲଞ୍ଚ ପୂର୍ବରୁ ୬୬ ରନ୍ କରି ଆଉଟ ହୋଇଛନ୍ତି। ଏହା ଫଳରେ ଟେଷ୍ଟ କ୍ରିକେଟରେ ସେ ପ୍ରଥମଥର ଲାଗି ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ଏହା ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ। ପୂର୍ବରୁ ୨୦୨୧-୨୨ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ବେଙ୍ଗଲ ପକ୍ଷରୁ ଖେଳି ସେ ଝାଡଖଣ୍ଡ ବିପକ୍ଷରେ ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏଠାରେ ସେ ୭୦ତମ ବଲ୍‌ରେ ପ୍ରତିପକ୍ଷ ବୋଲର ଗସ ଆଟକିନସନଙ୍କୁ ଚୌକା ମାରି ତାଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ଏପରିକି ଅର୍ଦ୍ଧଶତକରେ ପ୍ରବେଶ କରିବା ପୂର୍ବରୁ ସେ କ୍ରମାଗତ ୩ଟି ଚୌକା ମାରି ଏହି ମାଇଲଷ୍ଟୋନ୍‌ରେ ପହଞ୍ଚିଥିଲେ। ଜେମି ଓଭରଟନଙ୍କ ବୋଲିଂରେ ଆଟକିସନଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ସେ ମୋଟ ୯୪ବଲ୍‌ର ସାମ୍ନା କରି ୧୨ଟି ଚୌକା ମାରିଥିଲେ। ଆଉଟ ହେବା ପୂର୍ବରୁ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ୧୫୦ ବଲ୍‌ରୁ ୧୦୭ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ଆକାଶଦୀପ୍‌ଙ୍କର ୬୬ ଓ ତାଙ୍କଠାରୁ ଅଧା ୩୩ ରନ୍ ଜୟସ୍ୱାଲ ଯୋଡିଥିଲେ। ୧୮ତମ ଓଭରରେ ୭୦ ରନ୍‌ରେ ଭାରତ ଦ୍ୱିତୀୟ ୱିକେଟ ହରାଇବା ପରେ ଆକାଶଦୀପ ବ୍ୟାଟିଂ କରିବାକୁ ଆସି ୪୩ତମ ଓଭରରେ ୧୭୭ ରନ୍ ସ୍କୋରରେ ଆଉଟ ହୋଇଥିଲେ।

### ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍

ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ଅନେକ ରେକର୍ଡ ପ୍ରତିଷ୍ଠା କରିଛି। ଏହା ମଧ୍ୟରୁ ୫ମ ଟେଷ୍ଟର ପ୍ରଥମ ଇନିଂସ ପରେ ଭାରତ ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ୍ କରିବାର ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ରେକର୍ଡ ୧୯୭୮-୭୯ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୬ ମ୍ୟାଚ୍ ବିଶିଷ୍ଟ ଘରୋଇ ସିରିଜ୍‌ରେ ୩,୨୭୦ ରନ୍ ସଂଗୃହୀତ ହୋଇଥିଲା। ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତ ୪୭ ରନ୍ କରିବା ପରେ ଏହି ରେକର୍ଡ ଅତିକ୍ରମ କରିଥିଲା। ଏବେ ଦଳ ୩୪୬୮ ରନ୍ କରିଛି।

## ପୁରୁଷ ବନ୍ଧୁଙ୍କୁ ଧକ୍କା ମାରି ରିଚାର୍ଡସନ ଗିରଫ

ୱାଶିଂଟନ, ୨।୮ (ଏଜେନ୍ସି): ଆମେରିକାର ମହାନ ଧାବିକା ଶା'କାରୀ ରିଚାର୍ଡସନ ଏକ ଘରୋଇ ହିଂସା ମାମଲାରେ ଗିରଫ ହୋଇଛନ୍ତି। ତେବେ ଗିରଫ କରିବାର ଗୋଟିଏ ଦିନ ପରେ ପୁଲିସ ତାଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି। ୨୫ ବର୍ଷୀୟା ଶା'କାରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ମଧ୍ୟରେ ନିକଟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶା'କାରୀ ପୁରୁଷ ବନ୍ଧୁଙ୍କୁ ଧକ୍କା କରିଥିଲେ। ଫଳରେ ସେ ଏକ ଖୁଣ୍ଟରେ ମାଡ଼ ହୋଇ ପଡ଼ିଯାଇଥିଲେ। ଏହି ମାମଲାରେ ପୁଲିସ ତାଙ୍କୁ ଗିରଫ କରି ପରେ ଛାଡ଼ିଦେଇଥିବା ଆମେରିକୀୟ ଗଣମାଧ୍ୟମରୁ ଜଣାପଡ଼ିଛି। ବିଶ୍ୱ ସ୍ପ୍ରିଣ୍ଟରେ ଶା'କାରୀ ଜଣେ ତାରକା ଧାବିକା। ସେ ଗତ ପ୍ୟାରିସ ଅଲିମ୍ପିକ୍ସରେ ୧୦୦ ମିଟର ରେସରେ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ୨୦୨୩ ବିଶ୍ୱ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲେ।



## ଫ୍ରିଷ୍ଟାଇଲ ମିକ୍ସଡ ରିଲେରେ ଆମେରିକାର ବିଶ୍ୱ ରେକର୍ଡ

ସିଙ୍ଗାପୁର ସିଟି, ୨।୮ (ଏଜେନ୍ସି): ସନ୍ତରଣର ମିକ୍ସଡ ୪ ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ଆମେରିକା ନୂଆ ବିଶ୍ୱରେକର୍ଡ କରିଛି। ସିଙ୍ଗାପୁରରେ ଅନୁଷ୍ଠିତ ବିଶ୍ୱ ସୁଇମିଂ ଚାମ୍ପିଅନସିପ୍‌ର ଏହି ଇଭେଣ୍ଟକୁ ଆମେରିକା ଦଳ ୩ ମିନିଟ୍ ୧୮.୪୮ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲା। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆ ନାମରେ ରହିଥିଲା। ଅଷ୍ଟ୍ରେଲିଆ ଦଳ ୨୦୨୩ରେ ମିକ୍ସଡ ୪ ଗୁଣା ୧୦୦ ମିଟର ରିଲେକୁ ୩ ମିନିଟ୍ ୧୮.୮୩ ସେକେଣ୍ଡରେ ଫିନିଶ କରି ୨ ବର୍ଷ ହେବ ବିଶ୍ୱରେକର୍ଡର ଅଧିକାରୀ ରହିଥିଲା। ସିଙ୍ଗାପୁରରେ ଅନୁଷ୍ଠିତ ଚାମ୍ପିଅନସିପ୍‌ରେ ଆମେରିକା ପଛକୁ 'ନିରପେକ୍ଷ ଆଥ୍ଲେଟ୍' ଭାବେ ପ୍ରତିନିଧିତ୍ୱ କରୁଥିବା ରୁଷୀୟ ସନ୍ତରଣକାରୀ ଦଳ ୨ୟ ସ୍ଥାନରେ ରହିଥିଲା। ଏହି ଟିମ୍ ୩ ମିନିଟ୍ ୧୯.୬୮ ସେକେଣ୍ଡରେ ଫିନିଶ ଲାଇନ ଛୁଇଁଥିଲା। ଆମେରିକା ସନ୍ତରଣକାରୀ ଦଳରେ ଜାକ୍ ଆଲେକ୍ସି, ପାଟ୍ରିକ ସାମନ୍, କେଟି ଡଗଲସ୍ ଓ ଟୋରି ହସ୍କେ ରହିଥିଲେ।



**ମାକାଉ ଓପନ୍‌ରେ ଡବଲ୍ ଝଟ୍‌କା**

## ଲକ୍ଷ୍ୟ, ତରୁଣ ସେମିରେ ଅଟକିଲେ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଚଳିତ ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତକୁ ଡବଲ୍ ଝଟ୍‌କା ଲାଗିଛି। ଦୁଇ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ଓ ତରୁଣ ମାନ୍ନେପାଲ୍ଲି ସେମିଫାଇନାଲରେ ପରାସ୍ତ ହୋଇ ନିରାଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଲକ୍ଷ୍ୟ ସେନ୍ ୧୬-୨୧, ୯-୨୧ ଗେମ୍‌ରେ ଇଣ୍ଡୋନେସିଆର ଆଲୱି ଫରହାନ୍‌ଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଅନ୍ୟ ଏକ ତରୁଣ ୨୧-୧୯, ୧୬-୨୧, ୧୬-୨୧ ଗେମ୍‌ରେ ମାଲେସିଆର ଜଷ୍ଟିନ ହୋ'ଙ୍କ ଠାରୁ ହାରି ଫାଇନାଲକୁ ଉଠିବାରେ ବିଫଳ ହୋଇଥିଲେ।

## ଭାରତୀୟ ବକ୍ସିଂ ସଂଘ ନିର୍ବାଚନ ୨୧ରେ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ବିବାଦ ମଧ୍ୟରେ ଛନ୍ଦି ହୋଇପଡ଼ିଥିବା ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ)ର ନିର୍ବାଚନ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଭାରତର ଦୈନନ୍ଦିନ ବକ୍ସିଂ କାର୍ଯ୍ୟକ୍ରମ ପରିଚାଳନା କରିବା ପୂର୍ବତନ ସଭାପତି ଅଜୟ ସିଂଙ୍କ ଅଧ୍ୟକ୍ଷତାରେ ଏକ ମଧ୍ୟବର୍ତ୍ତୀକାଳୀନ ପରିଚାଳନା କମିଟି ଗଠିତ ହୋଇଥିଲା। ନିର୍ବାଚନ ସମ୍ପର୍କରେ ଏହି କମିଟି ଘୋଷଣା କରିବା ପରେ ଅଜୟ ସିଂ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଦୁଇ ଥର ସଭାପତି ରହିଆସିଥିବା ସ୍ପାଇସ୍‌ଜେଟ୍ ଏୟାର ଲାଇନ୍ସର ମାଲିକ ଅଜୟ ସିଂ ତୃତୀୟଥର ନିର୍ବାଚନ ଲଢ଼ିବାକୁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି। ତାଙ୍କ ଇସ୍ତଫାପତ୍ର ୱାର୍ଲ୍ଡ ବକ୍ସିଂ ଦ୍ୱାରା ଗୃହୀତ ହୋଇଛି ଓ ସିଙ୍ଗାପୁରର ବକ୍ସିଂ ସଂଘ ସଭାପତି ଫଇରୁଜ୍ ଅହମ୍ମଦ୍‌ଙ୍କୁ ନୂଆ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେହିପରି ଅଗଷ୍ଟ ୨୧ ତାରିଖ ଦିନ ହେବାକୁ ଥିବା ନିର୍ବାଚନରେ ୱାର୍ଲ୍ଡ ବକ୍ସିଂ ସଭାପତି ବୋରିସ ଭାନ ଡର ୱର୍ଷ୍ଟ ଓ ଆକ୍ସିଂ ସେକ୍ରେଟାରୀ ଜେନେରାଲ ମାଇକ୍ ମ୍ୟାକଅଟି ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ ସମୟରେ ଉପସ୍ଥିତ ରହିବେ। ଅଜୟ ସିଂଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ପୁଣିଥରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହୋଇଛନ୍ତି। ଗତ ନିର୍ବାଚନରେ ଅନୁରାଗ ଜଣେ ନିର୍ବାଚିତ ପ୍ରତିନିଧି ହୋଇ ନ ଥିବାରୁ ତାଙ୍କ ଭୋଟର ତାଲିକାରୁ ବାଦ୍ ଦେବା ସହ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରିଥିଲେ। ଏହାକୁ ନେଇ ଏବେ ମଧ୍ୟ ମକଦ୍ଦମା ଚାଲିଛି। କିନ୍ତୁ ଏହି ଘଟଣା ପରେ ବିଏଫ୍‌ଆଇରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏଥିରେ ୱାର୍ଲ୍ଡ ବକ୍ସିଂ ହସ୍ତକ୍ଷେପ କରି ଅଗଷ୍ଟ ୩୧ ତାରିଖ ସୁଦ୍ଧା ନିର୍ବାଚନ ଶେଷ କରିବା ସହ ନୂଆ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚୂଡାନ୍ତ ସମୟ ଧାର୍ଯ୍ୟ କରିଥିଲା।

**ଗ୍ରୀନ୍ ବେଜ୍ କ୍ଲାସିକ ସ୍ନୁକର**

## ରାକେଶ ଚାମ୍ପିଅନ, ଆଶୁତୋଷ ରନର୍ସ

ଭୁବନେଶ୍ୱର, ୨।୮ (ସମିସ): ଡାକ୍ତର ରାକେଶ ରୋଶନ ପ୍ରଧାନ ଗ୍ରୀନ୍‌ବେଜ୍ କ୍ଲାସିକ୍ ଅଲ ଓଡ଼ିଶା ଓପନ ଟେନ୍ ରେଡ୍ ସ୍ନୁକର ଚାମ୍ପିଅନସିପ୍। ସାଲିଆସାହିସ୍ଥିତ ଭିଣ୍ଟେଜ୍ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲ ଖେଳରେ ଡାକ୍ତର ରାକେଶ ୫-୩ ଫ୍ରେମ୍‌ରେ ରାଜ୍ୟର ନମ୍ବର-୧ ଖେଳାଳି ଆଶୁତୋଷ ପାଢ଼ୀଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ଏହା ଫଳରେ ଚାମ୍ପିଅନ ରାକେଶଙ୍କୁ ଟ୍ରଫି ସହ ୨୫,୦୦୦ ଟଙ୍କା ଓ ରନର୍ସଅପ୍ ଆଶୁତୋଷଙ୍କୁ ଟ୍ରଫି ସହ ୧୨,୫୦୦ ଟଙ୍କା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ସେମିଫାଇନାଲରେ ପରାଜିତ ହୋଇଥିବା ତାରକା ଖେଳାଳି ସୁବ୍ରତ ଦାସ ଓ ଉଦୀୟମାନ ଖେଳାଳି ଅବିନାଶ ମହାପାତ୍ରଙ୍କୁ ୬,୦୦୦ ଲେଖାଏଁ ଟଙ୍କା ମିଳିଛି। କ୍ୱାର୍ଟର ଫାଇନାଲରେ ପରାଜିତ ଖେଳାଳିଙ୍କୁ ୩,୦୦୦ ଲେଖାଏଁ, ସର୍ବାଧିକ ବ୍ରେକ୍ ମାରିଥିବା ଆଶୁତୋଷଙ୍କୁ ୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଖେଳ ଶେଷରେ ବିଶିଷ୍ଟ ବ୍ୟକ୍ତିବିଶେଷ ମିଶାଲ ସ୍ୱାଇଁ, ନିଶାଙ୍କ ଅଗରୱାଲ, ଦେବାଞ୍ଜନ ରାୟ, ଦିବ୍ୟଜ୍ୟୋତି ମିଶ୍ର, ଡଃ ଅତନୁ ରଞ୍ଜନ ନାୟକ, ପି. ଗୋବିନ୍ଦ ରାଓ, ସୁଦୀପ୍ତ ଦାଶ, ଅଲତାଫ ଅଲି ଓ ଶ୍ୟାମ ଅଗରୱାଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।




**ଜାତୀୟ ସବ୍‌ଜୁନିଅର ବାଳକ ହକି**

## ଦ୍ୱିତୀୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା


ଭୁବନେଶ୍ୱର, ୨।୮ (ସମିସ): ଚେନ୍ନାଇରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଓଡ଼ିଶା ଏହାର ଦ୍ୱିତୀୟ ପୁଲ୍ ମ୍ୟାଚରେ ୫-୧ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ମନଦୀପ୍ କେରକେଟ୍ଟା ହ୍ୟାଟ୍ରିକ ଏବଂ ଦୀପକ ଟପ୍ପୋ ଓ ସଞ୍ଜିତ ରାଜ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମୁକାବିଲାରେ ୩-୧ ଗୋଲ୍‌ରେ ଚଣ୍ଡିଗଡ଼କୁ ହରାଇଥିଲା। କ୍ରମାଗତ ୨ଟି ବିଜୟ ହାସଲ କରିଥିବା ଓଡ଼ିଶା ବାଳକ ଦଳ ଏଥିସହ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ସୋମବାର ଝାଡ଼ଖଣ୍ଡ କିମ୍ବା ପଞ୍ଜାବ ସହ ଓଡ଼ିଶା କ୍ୱାର୍ଟର ଫାଇନାଲ ଖେଳିପାରେ।



**ଆଇଏସ୍‌ଏଲ ଆୟୋଜନ ନେଇ ଅନିଶ୍ଚିତତା**

# ଖେଳାଳି, କର୍ମକର୍ତ୍ତାଙ୍କ ଚୁକ୍ତି ବାତିଲ କଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨।୮ (ସମିସ)




ଏକ ଅଭାବନୀୟ ଘଟଣାକ୍ରମରେ ଓଡ଼ିଶା ଏଫ୍‌ସି ତାହାର ସମସ୍ତ ଖେଳାଳି ଓ କର୍ମକର୍ତ୍ତା (ସପୋର୍ଟ ଷ୍ଟାଫ୍)ଙ୍କ ଚୁକ୍ତି ବାତିଲ କରିଛି। ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ (ଆଇଏସ୍‌ଏଲ୍) ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବା ନେଇ ଅନିଶ୍ଚିତତା ସୃଷ୍ଟି ହେବାରୁ ଭୁବନେଶ୍ୱର ଭିତ୍ତିକ କ୍ଲବ୍ ଓଡ଼ିଶା ଏଫ୍‌ସି ଏହି ନିଷ୍ପତ୍ତି ନେଇଛି। ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ସହ ସାକ୍ଷାତ ଆଲୋଚନା କରିବାକୁ ନିଷ୍ପତ୍ତି ନେବାର ଗୋଟିଏ ଦିନ ପରେ ଓଡ଼ିଶା ଏଫ୍‌ସି ଏଭଳି ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ମଙ୍ଗଳବାରଠାରୁ ବା ଅଗଷ୍ଟ ୫ରୁ କାର୍ଯ୍ୟକ୍ଷମ ହେବ। ୨୦୨୩-୨୪ରେ ସୁପର କପ୍ ରନର୍ସ ଅପ୍ ହୋଇଥିବା ଓଡ଼ିଶା ଏଫ୍‌ସି ଚଳିତବର୍ଷ ଡୁରାଣ୍ଡ କପ୍ ଖେଳି ନ ଥିଲା। କମ୍ପାନୀ ନିୟମର ଫୋର୍ସ ମାଜେୟୁର ଅନୁଯାୟୀ ପ୍ରଥମ କ୍ଲବ୍ ଭାବେ ଓଡ଼ିଶା ଏଫ୍‌ସି ଏହି ନିଷ୍ପତ୍ତି ଗ୍ରହଣ କରିଛି।

ନିଜର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଓଡ଼ିଶା ଏଫ୍‌ସି ଦେଇଥିବା ଚିଠିରେ ଉଲ୍ଲେଖ କରିଛି ଯେ, ଏଆଇଏଫ୍‌ଏଫ୍‌ର ବ୍ୟବସାୟିକ ସହଯୋଗୀମାନେ ଆଇଏସ୍‌ଏଲ୍ ଆୟୋଜନ ନେଇ ନୂଆ ରାଜିନାମାରେ ସ୍ୱାକ୍ଷର କରିବାକୁ ମନା କରିବା ଫଳରେ ୨୦୨୫-୨୬ ସିଜନରେ ଆଇଏସ୍‌ଏଲ୍ ଅନିର୍ଦ୍ଦିଷ୍ଟକାଳ ଲାଗି ସ୍ଥଗିତ ରହିଛି। ଉଭୟ ପକ୍ଷଙ୍କ ମଧ୍ୟରେ ମାଷ୍ଟର୍ସ ରାଇଟସ ଏଗ୍ରିମେଣ୍ଟକୁ ସ୍ଥଗିତ ରଖାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏଆଇଏଫ୍‌ଏଫ୍ ଓ ସେମାନଙ୍କ ବ୍ୟବସାୟିକ ସହଯୋଗୀଙ୍କ ମଧ୍ୟରେ କୌଣସି ବୁଝାମଣା ସମ୍ଭବ ହୋଇପାରି ନାହିଁ। ଏପରିକି ସହଯୋଗୀମାନେ ଏ ସମ୍ପର୍କରେ ଆଲୋଚନା କରିବାକୁ ଆଦୌ ଇଛା ପ୍ରକାଶ କରି ନାହାନ୍ତି। ଯାହା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ଆୟୋଜନ ହେବା ସମ୍ଭବ ନୁହେଁ। ଓଡ଼ିଶା ଏଫ୍‌ସିର ମୁଳ କମ୍ପାନୀ ଦିଲ୍ଲୀ ସକ୍କର ପ୍ରାଇଭେଟ ଲିଃ ପକ୍ଷରୁ ଅଜିତ ପଣ୍ଡାଙ୍କ ସ୍ୱାକ୍ଷରରେ ଏହି ଚିଠି ସମସ୍ତଙ୍କୁ ଦିଆଯାଇଛି। ସେମାନେ ଏବେ ଅନ୍ୟ ପେସାଦାର ଟିମ୍ କିମ୍ବା ସଂଗଠନରେ ଯୋଗଦେବାକରେ ଓଡ଼ିଶା ଏଫ୍‌ସିର କୌଣସି ଆପତ୍ତି ନାହିଁ ବୋଲି ଦର୍ଶାଯାଇଛି। ଆପୋସ ବୁଝାମଣା ଭିତରେ ଆମେ ସବୁକିଛି କରିବାକୁ ପ୍ରସ୍ତୁତ ବୋଲି ପଣ୍ଡା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଯାହା ଆମ ହାତରେ ନାହିଁ ତାହା କରିବା ସମ୍ଭବପର ନୁହେଁ ବୋଲି ସେ କହିଛନ୍ତି। କ୍ଲବ୍‌ର ସଭାପତି ରୋହନ ଶର୍ମା 'ଏକ୍ସ'ରେ କହିଛନ୍ତି ଆମେ କ୍ଲବ୍ ବନ୍ଦ କରିନାହୁଁ। କ୍ଲବ୍‌ର ଅନେକ ବରିଷ୍ଠ କର୍ମକର୍ତ୍ତାଙ୍କୁ ଆମେ ରଖିଛି ଓ ଏବେ ମଧ୍ୟ ମହିଳା ଟିମ୍ ରହିଛି। କୋଟି କୋଟି ଟଙ୍କା କ୍ଷତି ହେବା ପରେ କ୍ଲବ୍‌ରୁ ଅଂଶୀଦାର ମାନଙ୍କୁ ବୁଝାଇବା କଷ୍ଟକର ହୋଇପଡ଼ିଛି। ଆମେ ଆଶା କରୁଛୁ ଏହି ଅଚଳାବସ୍ଥା ଖୁବ୍ ଶୀଘ୍ର ଶେଷ ହେବ। କଳିଙ୍ଗ ଷ୍ଟାଡିୟମ୍‌ରେ ଆମକୁ ଆଉ ଖେଳିବାକୁ ସୁଯୋଗ ମିଳିବ କି ନାହିଁ ତାହା ଆମେ ଜାଣିନାହୁଁ। ଗତ ସରକାର ଭଳି ବର୍ତ୍ତମାନ ସରକାରଙ୍କଠାରୁ ସହଯୋଗ ମିଳୁନାହିଁ। ଏଣୁ ଆମକୁ ଆଶଙ୍କା ମଧ୍ୟରେ ରହିବାକୁ ପଡ଼ିଛି। ସେହିପରି ନିକଟରେ ୮ଟି ମୂଳ ଆଇଏସ୍‌ଏଲ କ୍ଲବ୍ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କ ସହ ଆଲୋଚନା କରିବାକୁ ସମୟ ମାଗିଥିଲେ। କିନ୍ତୁ ଏହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ଚଳିତବର୍ଷ ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସି ୭ମ ସ୍ଥାନରେ ରହିଥିଲା। ୨୦୨୩-୨୪ରେ ଇଣ୍ଡିଆନ୍ ୱିମେନ ଲିଗ୍ ଚାମ୍ପିଅନ ହୋଇଥିବା ମହିଳା ଦଳ ଚଳିତ ସିଜନରେ ଶେଷ ସ୍ଥାନରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS